

অভিষেক বানার্জীঙ্কু পথর মাড়

ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 69 ଭାଗ ୩୪ | ସଂଖ୍ୟା ୬୯ | Sunday 31 May 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୩୧ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




### ଆୟୁଷ୍ମାନ କାର୍ଡ ହିତାଧିକାରୀଙ୍କ ପାଇଁ ସୁଖବର

## ଆଡ୍‌ମିସନ୍ ପୂର୍ବରୁ ସବୁ ଟେଷ୍ଟ୍ ମାଗଣା

- ୩ ଦିନ ପୂର୍ବରୁ ସବୁ ପରୀକ୍ଷା ଆୟୁଷ୍ମାନ ପ୍ୟାକେଜରେ ଅନ୍ତର୍ଭୁକ୍ତ
- ନ ମାନିଲେ ଘରୋଇ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ଯାଞ୍ଚ ପାଇଁ ଗଠନ ହେଲା ଉଚ୍ଚସ୍ତରୀୟ କମିଟି
- ହିତାଧିକାରୀଙ୍କୁ ଉତ୍ତମ ବ୍ୟବହାର ପାଇଁ ପରାମର୍ଶ

ଭୁବନେଶ୍ୱର, ୩୦।୫ (ସଂଚାର ବ୍ୟୁରୋ): ଏଣିକି ରୋଗୀ ଆଡ୍‌ମିଟ୍ ପୂର୍ବରୁ ଆୟୁଷ୍ମାନ କାର୍ଡରେ ସବୁ ମେଡିକାଲ ଟେଷ୍ଟ ହେବ। ନକଲେ ହସ୍ପିଟାଲ ବିରୋଧରେ ଆକ୍ସନ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ରୋଗୀ ହସ୍ପିଟାଲରେ ଆଡ୍‌ମିଟ୍ ହେବାର ୩ ଦିନ ପୂର୍ବରୁ ଯାହା ଟେଷ୍ଟ ହେବ ତାହା ଆୟୁଷ୍ମାନ ପ୍ୟାକେଜରେ ଅନ୍ତର୍ଭୁକ୍ତ ରହିବ। ଯେଉଁ ହସ୍ପିଟାଲ ଏହା ନକରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏହି ନିର୍ଦ୍ଦେଶକୁ ସମସ୍ତ ଘରୋଇ ହସ୍ପିଟାଲ ମଧ୍ୟ ପାଳନ ପାଇଁ କଡାକଡି ନିର୍ଦ୍ଦେଶ ରହିଛି। ଏଥିପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ତାଗିଦ କରାଯାଇଛି। ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟି ବିଭିନ୍ନ ହସ୍ପିଟାଲ ଯାଇ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୈଠକରେ ଉପସ୍ଥିତ ସମସ୍ତ ବେସରକାରୀ ହସ୍ପିଟାଲକୁ ଏହି ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସମସ୍ତ ବେସରକାରୀ ହସ୍ପିଟାଲଗୁଡ଼ିକୁ ମନ୍ତ୍ରୀ କହିଛନ୍ତି। ମେଡିକାଲକୁ ଆସୁଥିବା ଅଧିକ ପ୍ରତିଶତ ଲୋକ ଆୟୁଷ୍ମାନ ଯୋଜନା ହିତାଧିକାରୀ। ପୃଷ୍ଠା-୬

### ୨ରୁ ୯ ପର୍ଯ୍ୟନ୍ତ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡର ସମୀକ୍ଷା

# ମନ୍ତ୍ରୀଙ୍କ ଦକ୍ଷତା ପରଖିବେ ମୁଖ୍ୟମନ୍ତ୍ରୀ

- ୧୨ରେ ସରକାର ଦେବେ ସଫଳତା ତାଲିକା
- ସଫଳତା ସହ ଦେବେ ଭବିଷ୍ୟତ ରୋଡ୍‌ମ୍ୟାପ୍
- ବଜେଟ ଖର୍ଚ୍ଚ ସହ ମିଳିବ ଅଭିଯୋଗ ଶୁଣାଣିର ହିସାବ
- ଜିଲ୍ଲା ଗସ୍ତ ଓ ସ୍ୱତନ୍ତ୍ର ଦାୟିତ୍ୱର ହେବ ହିସାବନିକାଶ



ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ): ଆସନ୍ତା ୨ ତାରିଖରୁ ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ପରଖିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟର ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ୧୬ ପୃଷ୍ଠାବିଶିଷ୍ଟ ଫର୍ମାଟ୍‌ରେ ମନ୍ତ୍ରୀମାନେ ବିଗତ ୨ ବର୍ଷର ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ରଖିବେ। ଏଥିସହ ମନ୍ତ୍ରୀମାନେ ଆଗାମୀ ଦିନ ପାଇଁ ନିଜ ନିଜ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା ନୂଆ ଯୋଜନା ସମ୍ପର୍କରେ ବ୍ଲୁପ୍ରିଣ୍ଟ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବେ।

ପ୍ରଥମ ଦିନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ସେହିପରି ଆସନ୍ତା ୯ ତାରିଖ ମଧ୍ୟରେ ସମସ୍ତ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡର ସମୀକ୍ଷା କାର୍ଯ୍ୟ ଶେଷ ହେବ। ମୋହନ ସରକାର ଜୁନ୍ ୧୨ ତାରିଖରେ ଦ୍ୱିତୀୟ ବର୍ଷପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କ ଆଗରେ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହି ଆଭ୍ୟନ୍ତରୀଣ ରିପୋର୍ଟ କାର୍ଡ ସମୀକ୍ଷା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଆଜି ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଇଁ ଆସନ୍ତା ୨ରୁ ୯ ତାରିଖ ପର୍ଯ୍ୟନ୍ତ ବିଭାଗଗୁଡ଼ିକର ପ୍ରଦର୍ଶନର ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ। ନିଜ ବିଭାଗ ସମ୍ପର୍କରେ ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ ଦୁଇ ବର୍ଷ ଭିତରେ ବିଭାଗ ପକ୍ଷରୁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ପୂର୍ବରୁ ଓଡ଼ିଶାରେ କେବଳ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜିନିବେଶ ଆସୁଥିବା ବେଳେ ଏବେ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ ଓ ସେମିକଣ୍ଡକ୍ଟର ଭଳି ଆଧୁନିକ ତଥା ନୂତନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ଆସୁଛି। କେବଳ ପୁଞ୍ଜିନିବେଶ ନୁହେଁ, ପ୍ରକଳ୍ପର ଗ୍ରାଉଣ୍ଡିଂ ଯାଏଁ ସମସ୍ତ ଦିଗକୁ ବିଭାଗ ସୂଚାରୁ ରୂପେ ତଦାରଖ କରୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଆ ପିଲାମାନେ ବିଶ୍ୱ ସ୍ତରରେ ସଫଳତା ହାସଲ କରୁଛନ୍ତି ଓ ରାଜ୍ୟର ସମସ୍ତ ଆଇଟିଆଇ କେନ୍ଦ୍ରଗୁଡ଼ିକୁ ଅଧିକ ସଶକ୍ତ କରାଯାଇଛି। ଶିଳ୍ପ ବିଭାଗ ପୃଷ୍ଠା-୬

### ଡିଜି-ଲକରରେ ମିଳିବ ଉତ୍ତରପତ୍ର

ନୂଆଦିଲ୍ଲୀ, ୩୦।୫: ଆସନ୍ତାବର୍ଷଠାରୁ ଛାତ୍ରଛାତ୍ରୀମାନଙ୍କୁ ଡିଜି-ଲକର୍ ମାଧ୍ୟମରେ ଉତ୍ତରପତ୍ରର ସ୍କାନ୍‌କପି ଯୋଗାଇଦେବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ନିଷ୍ପତ୍ତି ନେଇଛି। ସିବିଏସଇ ତା'ର ଅନ୍-ସ୍କ୍ରିନ୍ ମାର୍କିଂ (ଓଏମ୍ଏମ୍) ବ୍ୟବସ୍ଥାକୁ ବ୍ୟାପକ କରୁଥିବାରୁ ମୂଲ୍ୟାୟନ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ସୁଦୃଢ଼ କରିବା ପାଇଁ ବୋର୍ଡ଼ ଏପରି ଯୋଜନା କରିଥିବା ଜଣେ ଅଧିକାରୀ କହିଛନ୍ତି। ଛାତ୍ରଛାତ୍ରୀମାନେ ଯେପରି ସିଧାସଳଖ ସେମାନଙ୍କର ମୂଲ୍ୟାଙ୍କିତ ଉତ୍ତରପତ୍ରଗୁଡ଼ିକୁ ଡିଜିଟାଲ ଭାବରେ ପାଇପାରିବେ ସେପରି ଏହାକୁ ପ୍ରସ୍ତୁତ କରାଯାଇଛି।

### ବଦଳିଲା ସିୟୁଇଟି-ୟୁଜି ପରୀକ୍ଷା ସମୟ

ନୂଆଦିଲ୍ଲୀ, ୩୦।୫: ଶନିବାର କେତେକ ସ୍ଥାନରେ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ୟୁଜି (ସିୟୁଇଟି-ୟୁଜି) ୨୦୨୬ ପରୀକ୍ଷାରେ ବିଳମ୍ବ ଘଟିବା ପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ସଂଶୋଧିତ ସମୟ ଘୋଷଣା କରିଛି। ଟାଟା କନସଲଟାନ୍ସି ସର୍ଭିସ (ଟିସିଏସ)ର ସେବା ତ୍ରୁଟି ଯୋଗୁ ବିଭିନ୍ନ ସ୍ଥାନରେ (ସିୟୁଇଟି-ୟୁଜି) ୨୦୨୬ ପରୀକ୍ଷା ଆରମ୍ଭ କରିବାରେ ଅହେତୁକ ବିଳମ୍ବ ହୋଇଥିଲା। ତେବେ କିଛି ସମୟ ପରେ ପରୀକ୍ଷା ବ୍ୟବସ୍ଥାରେ ତ୍ରୁଟି ସୁଧାରି ନିଆଯିବା ସହିତ ବିଳମ୍ବ ପାଇଁ ପରୀକ୍ଷାର୍ଥୀଙ୍କୁ ସମୟ-କ୍ଷତିପୂରଣ ଦିଆଯାଇଥିବା ଏନଟିଏ କହିଛି।

### ବଜ୍ରପାତରେ ୭ ମୃତ

ପାଟନା,୩୦।୫: ଶୁକ୍ରବାର ବିହାରେ ବଜ୍ରପାତ ଘଟି ଅନ୍ୟୁନ ୭ଜଣଙ୍କ ମୃତ୍ୟୁ ଘଟିଛି। ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର କାଳବୈଶାଖୀ ଜନିତ ବର୍ଷା ଯୋଗୁ ବିହାରର ବିଭିନ୍ନ ଜିଲ୍ଲାରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ହୋଇଥିବା ବଜ୍ରପାତରେ ଗୟାଜିଲ୍ଲାରେ ୩ଜଣ ମୃତ୍ୟୁବରଣ କରିଥିବା ବେଳେ ଔରଙ୍ଗାବାଦରେ ଦୁଇଜଣଙ୍କର ଅକାଳ ମୃତ୍ୟୁ ଘଟିଛି। ସେହିପରି ସରନ ଓ ଖଗାରିଆରେ ଜଣେ ଲେଖାଏଁ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

### ଜାତୀୟ ପରିବାର ସ୍ୱାସ୍ଥ୍ୟ ରିପୋର୍ଟ-୬

## ସୁରକ୍ଷିତ ମାତୃତ୍ୱ, ପ୍ରସବ ଓ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି




- ୯୫.୬% ଶିଶୁଙ୍କର ହୋଇଛି ସାର୍ବଜନୀନ ଟୀକାକରଣ
- ତମାଖୁ ଖାଉଛନ୍ତି ୮.୪% ମହିଳା ଓ ୩୬.୩% ପୁରୁଷ

ଭୁବନେଶ୍ୱର, ୩୦।୫ (ସଂଚାର ବ୍ୟୁରୋ): ଦେଶରେ ସୁରକ୍ଷିତ ମାତୃତ୍ୱ, ପ୍ରତିଷ୍ଠାନଗତ ପ୍ରସବ ଏବଂ ମା' ଓ ଶିଶୁ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ସଫଳତା ମିଳିଛି। ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ-୬ରେ ଏଭଳି ତଥ୍ୟ ଆସିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ଏହି ସର୍ଭେ ୨୦୨୩-୨୪ ମଧ୍ୟରେ ଅନ୍ତର୍ଜାତୀୟ ଜନସଂଖ୍ୟା ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇପିଏସ୍), ମୁମ୍ବାଇର ସହଯୋଗରେ କରାଯାଇଥିଲା। ଦେଶର ୭୧୫ ଜିଲ୍ଲାର ପ୍ରାୟ ୬.୭୯ ଲକ୍ଷ ପରିବାରକୁ ଏହି ସର୍ଭେରେ ସାମିଲ କରାଯାଇଥିଲା।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୬ ସାରା ଦେଶରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଉନ୍ନତିକୁ ଦର୍ଶାଇଛି। ୯୫.୯ ପ୍ରତିଶତ ଗର୍ଭବତୀ ମହିଳା ପ୍ରସବ ପୂର୍ବ ଯତ୍ନ ପାଇଛନ୍ତି। ଏହା ବ୍ୟତୀତ, ପ୍ରଥମ ତ୍ରୈମାସିକରେ ପ୍ରସବ ପୂର୍ବ ଯତ୍ନ ନେଉଥିବା ମା'ଙ୍କ ଅନୁପାତ ୭୦ରୁ ୭୬.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଅତି କମ୍‌ରେ ୪ଟି ପ୍ରସବ ପୂର୍ବ ସେବା ପାଉଥିବା ମା'ଙ୍କ ଅନୁପାତ ମଧ୍ୟ ୫୮.୫ରୁ ୬୫.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ମାତୃ ସ୍ୱାସ୍ଥ୍ୟ ସେବାର ଉନ୍ନତିକୁ ଦର୍ଶାଉଛି। ସଂସ୍ଥାଗତ ପ୍ରସବ ୮୮.୬ରୁ ୯୦.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଭାରତକୁ ସାର୍ବଜନୀନ ସ୍ୱାସ୍ଥ୍ୟ କଭରେଜ୍ ହାସଲ କରିବାର ନିକଟତର କରିଛି। ଦକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା କରାଯାଇଥିବା ପ୍ରସବ ୮୯.୪ରୁ ୯୧.୩ ପ୍ରତିଶତକୁ ଉନ୍ନତ ହୋଇଛି। ପ୍ରସବର ଦୁଇ ଦିନ ମଧ୍ୟରେ ଡାକ୍ତର, ନର୍ସ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ, ସହାୟକ ନର୍ସ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପୃଷ୍ଠା-୬

## ସମ୍ବଲପୁର ଶୀତଳଷଷ୍ଠୀକୁ ୧.୦୮ କୋଟିର ଅନୁଦାନ



ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ', ବୋଲି ସଂସ୍କୃତି ମନ୍ତ୍ରୀ କହିଛନ୍ତି।

### ସରକାରଙ୍କୁ ବସ୍ ମାଲିକ ସଂଘର କଣ୍ଟ

## ୧୦ ଦିନ ଭିତରେ ଭଡ଼ା ନ ବଢ଼ିଲେ ଧର୍ମଘଟ




କଟକ,୩୦।୫(ସଂଚାର ବ୍ୟୁରୋ): ଗତ ୧୫ ଦିନ ଭିତରେ ରାଜ୍ୟରେ ୪ ଥର ପେଟ୍ରୋଲ୍ ଓ ଡିଜେଲ୍ ଦର ବୃଦ୍ଧି ପାଇଥିବା ବେଳେ ଏହାର ପ୍ରଭାବ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପଡ଼ିଛି। ଇତିମଧ୍ୟରେ ଥରେ ମଧ୍ୟ ଘରୋଇ ବସ୍ ଭଡ଼ା ବୃଦ୍ଧି ପାଇଛି। କିନ୍ତୁ ଡିଜେଲ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରାଂଶ ଦର ବଢ଼ିଥିବାରୁ ଘରୋଇ ବସ୍ ମାଲିକ ସଂଘ ଭଡ଼ା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଛି। ଏଦିଗରେ ସରକାର ପଦକ୍ଷେପ ନେବା ସକାଶେ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଆଜି ସଂଘ ପକ୍ଷରୁ ସରକାରଙ୍କୁ କଣ୍ଟ ମଧ୍ୟ ଦିଆଯାଇଛି। ଏନେଇ ସଂଘ ପକ୍ଷରୁ କୁହାଯାଇଛି ଯେ ସରକାର ଆସନ୍ତା ୧୦ ଦିନ ମଧ୍ୟରେ ବସ୍ ଭଡ଼ା ବୃଦ୍ଧି ଦିଗରେ ପଦକ୍ଷେପ ନନେଲେ, ସେମାନେ ବାଧ୍ୟ ହୋଇ ଧର୍ମଘଟକୁ ଓହ୍ଲାଇବେ।

ଆଜି କଟକରେ ଅନୁଷ୍ଠିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର କାର୍ଯ୍ୟକାରିଣୀ ବୈଠକରେ କୁହାଯାଇଛି ଯେ ଡିଜେଲ ସହ ବସ୍ ବ୍ୟବସାୟ ସହ ଜଡ଼ିତ ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ଏଥିସହ ବୀମା ଓ ଟିକସ ମଧ୍ୟ ବୃଦ୍ଧି ପାଇଛି। ଏଭଳି ପରିସ୍ଥିତିରେ ସର୍ବନିମ୍ନ ବସ୍ ଭଡ଼ା ବୃଦ୍ଧି ନ ହେଲେ ଯାତ୍ରା ପରିବହନ ବ୍ୟବସାୟ କରିବା ଅସମ୍ଭବ। ତେଣୁ ସରକାରଙ୍କୁ ବସ୍ ଭଡ଼ା ସଂଶୋଧନ କରିବା ସକାଶେ ସଂଘ ୧୦ ଦିନର ମହଲତ ଦେଇଛି। ଏଥିସହ ସରକାର ଦାବି ନ ଶୁଣିଲେ ଆସନ୍ତା ୧୦ ତାରିଖ ପରେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ସେମାନେ ବାଧ୍ୟ ହେବେ ବୋଲି ସଂଘର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ଅଟୋମ୍ୟାଟିକ ମେକାନିଜମ ମାଧ୍ୟମରେ ଡିଜେଲ ଦର ବଢ଼ିଲେ ବା କମିଲେ ବସ୍ ଭଡ଼ା ପୃଷ୍ଠା-୬

# ଡଜନେ ନିର୍ବାଚନମଣ୍ଡଳୀରେ ବିରୋଧୀ ନେତୃତ୍ୱଶୂନ୍ୟ

- ତିଆରି ହୋଇନାହାଁନ୍ତି ଦ୍ୱିତୀୟ ଧାଡ଼ିର ନେତା
- ବିକଳ୍ପ ନେତା ପାଉନାହାଁନ୍ତି ମୁଖିଆ



ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ସାଙ୍ଗକୁ ପୂର୍ବତନ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବିଜେଡିରୁ ଇସ୍ତଫା ପରେ ଡଜନେ ନିର୍ବାଚନମଣ୍ଡଳୀରେ ଦୁଇ ମୁଖ୍ୟ ବିରୋଧୀ ଦଳ ଏକପ୍ରକାର ନେତୃତ୍ୱଶୂନ୍ୟ ହୋଇପଡ଼ିଛନ୍ତି। ଏହିସବୁ ନିର୍ବାଚନମଣ୍ଡଳୀରେ ବିରୋଧୀ ବିକଳ୍ପ ନେତା ସୃଷ୍ଟି କରି ନ ଥିବା ବେଳେ ଏବେ କଂଗ୍ରେସ ଓ ବିଜେଡିକୁ ଭରସା କରି କେହି ନିଜର ରାଜନୈତିକ ଭବିଷ୍ୟତକୁ ବାଜିରେ ଲଗାଇବାକୁ ଚାହୁଁନାହାଁନ୍ତି।

ଏକପ୍ରକାରେ ଦେଖିବାକୁ ଗଲେ ରାଜ୍ୟସଭା କ୍ରସ ଭୋଟିଂ ଏବଂ ଏବର ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, କେନ୍ଦୁଝର, ଗଜପତି ଓ ଗଞ୍ଜାମ ଜିଲ୍ଲାର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହେବ। କ୍ରସଭୋଟିଂ କରିବା କାରଣରୁ ପାଟକୁରା, ଚମ୍ପୁଆ, କଟକ-ଚୌଦ୍ୱାର, ତିର୍ତ୍ତୋଲ, ବାଙ୍କୀ, ଜୟଦେବ, ବସ୍ତା ଓ ବାଲିଗୁଡ଼ାରେ ଥିବା ବିଜେଡି ବିଧାୟକ ନିଲମ୍ବିତ ହୋଇଛନ୍ତି। ସେପଟେ ବାରବାଟି-କଟକ, ମୋହନା ଓ ସାନଖେମୁଣ୍ଡିକୁ ପ୍ରତିନିଧିତ୍ୱ କରୁଥିବା ବିଧାୟକଙ୍କୁ ବି କଂଗ୍ରେସ ନିଲମ୍ବିତ କରିସାରିଛି। ଏହିସବୁ ନିର୍ବାଚନମଣ୍ଡଳୀରେ ବିଜେଡି କି କଂଗ୍ରେସ ଏଯାଏଁ କାହାକୁ ବିକଳ୍ପ ନେତା ଭାବେ ବାଛିନାହିଁ। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବା ବେଳେ ଦଳ ତରଫରୁ ଏହିସବୁ ବିଧାନସଭା କ୍ଷେତ୍ରରେ କିଏ ଦାୟିତ୍ୱ ନେବ, ସେନେଇ ଜିଲ୍ଲା ନେତାମାନେ ଯେତିକି ଚିନ୍ତିତ, ରାଜ୍ୟ ସଭାପତିମାନେ ବି ସେତିକି ବିବ୍ରତ।

ତେବେ ବିଜେଡିରେ ଏହାର ସୁଯୋଗ ନେଇ ପ୍ରଣବ ପ୍ରକାଶ ଦାସ ଦଳର ମୁଖ୍ୟାଳୟ ଉପସଭାପତି ପ୍ରତାପ ଜେନାଙ୍କ ଜରିଆରେ କିଛି କିଛି ନିର୍ବାଚନମଣ୍ଡଳୀରେ ନିଜ ଅନୁଗତଙ୍କୁ ଦାୟିତ୍ୱ ଦେବାକୁ ଚେଷ୍ଟା କରୁଛନ୍ତି। ପାଟକୁରା, ଚମ୍ପୁଆ ଓ ବସ୍ତାରେ ବବି ନିଜ ଅନୁଗତଙ୍କୁ ଆଗକୁ ଆଣୁଛନ୍ତି। ହେଲେ ତାକୁ ନେଇ ବି କ୍ୟାଡରରେ ଅସନ୍ତୋଷ ଆରମ୍ଭ ହୋଇଗଲାଣି। ପୂର୍ବରୁ ପାଟକୁରାକୁ ଆଖେଇଥିବା କିଛି ନେତା ବି ଏଭଳି ଚାଲରେ ଖପ୍ପା ହୋଇଛନ୍ତି। ଆସନ୍ତାକାଲି ପାଟକୁରାର ପୁରୁଖା କର୍ମୀ ଏକ ବିଶାଳ ପୃଷ୍ଠା-୬




## ଦାଦାଙ୍କୁ ହତ୍ୟା ଘଟଣାଃ ଆଉ ୨ ଗିରଫ

କେନ୍ଦ୍ରାପଡ଼ା,୩୦।୫(ସଂଚାର ବ୍ୟୁରୋ)ଃକେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ସାନ୍ତସାହିରେ ବାବୁଲା ବାରିକ ହତ୍ୟା ଘଟଣାରେ ପୋଲିସ ଆଉ ଦୁଇଜଣଙ୍କୁ ଗିରଫ କରିଛି । ପୂର୍ବରୁ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଗିରଫ ହୋଇଥିବା ଦୁଇଜଣ ହେଲେ ମୃତ ବାବୁଲା ବାରିକର ଭାଇ ସ୍ୱର୍ଗତ ସୁରେଶ ଚନ୍ଦ୍ର ବାରିକଙ୍କ ପୁଅ କୁନା ଓରଫ ରାଜେଶ ବାରିକ(୨୭) ଏବଂ ରାଜେଶ ବାରିକର ପତ୍ନୀ ଲକି ଓରଫ ଅର୍ଚ୍ଚନା ବାରିକ(୨୩) । ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି । ତେବେ ମୁଖ୍ୟ ଅଭିଯୁକ୍ତ ହିମାଂଶୁକୁ ପୋଲିସ ଏଯାବତ ଗିରଫ କରିପାରିନଥିବା ଜଣାପଡିଛି ।

## ହାଇୱା-କାର ମୁହାଁମୁହିଁ, ୩ ଗୁରୁତର



ଡେରାବିଶ,୩୦।୫(ସଂଚାର ବ୍ୟୁରୋ)ଃକଟକ-ଚାନ୍ଦବାଲି ରାଜରାସ୍ତାର କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ କାକଟିଆ ବଜାର ନିକଟରେ ଆଜି ଅପରାହ୍ନରେ ଏକ ହାଇୱା ଓ କାର ମୁହାଁମୁହିଁ ଧକ୍କା ହେବା ଫଳରେ କାରରେ ଥିବା ୩ଜଣ ବ୍ୟକ୍ତି ଗୁରୁତର ଆହାତ ହୋଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ସୌମ୍ୟରଞ୍ଜନ ସାହୁ, ତାଙ୍କ ସ୍ତ୍ରୀ ସଙ୍ଗୀତା ସାହୁ ଓ ଶାଳୀ ପୂଜା ରାଉତ ଭୁବନେଶ୍ୱରରୁ ଗ୍ରାମକୁ ଫେରୁଥିଲେ। ଏହି ବୀପରିତ ଦିଗରୁ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ହାଇୱା ସହିତ କାରଟିର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରଟି ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ କାରରେ ବସିଥିବା ତିନିଜଣ ବ୍ୟକ୍ତି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଗୁରୁତର ତିନିଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଦୁର୍ଘଟଣା ଏତେ ଭୟାନକ ହୋଇଥିଲା ଯେ, କାରର ବେଲୁନ୍ ନଥିଲେ କାରରେ ଥିବା ତିନିଜଣ ବକ୍ତିଙ୍କର ନିଶ୍ଚିତ ମୃତ୍ୟୁ ଘଟିଥାନ୍ତା। ତେବେ ଘଟଣା ସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

### ସରକାରୀ ବହି ପ୍ରଦାନ ନିମନ୍ତେ ଅର୍ଥ ଦାବି କରିବା ଘଟଣା

## ନିଲମ୍ବିତ ହେଲେ ସିଆରସିସି

ଡେରାବିଶ,୩୦।୫(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଶିକ୍ଷା ବିଭାଗ ଅଧିନ ଜାଗୁଲାଇପଡ଼ା-ଦେଶପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରର ସିଆରସିସି ବେଣୁଧର ପ୍ରଧାନଙ୍କୁ ସରକାରୀ ବହି ପ୍ରଦାନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ଆଜି ବିଇଓ ନାରାୟଣ ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେହିପରି ବାୟାକଣ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ଜେନାଙ୍କୁ ମଧ୍ୟ ସ୍କୁଲର ଉନ୍ନୟନ ଓ ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଣ୍ଠି ବାବଦକୁ ଆସୁଥିବା ଅର୍ଥକୁ ହେରଫେର କରିଥିବା ଅଭିଯୋଗରେ ମଧ୍ୟ ବିଇଓ ଶ୍ରୀ ମନ୍ତ୍ରୀ ନିଲମ୍ବିତ କରିଛନ୍ତି। ସୂଚନା ଅନୁଯାୟୀ କିଛିଦିନ ତଳେ ଜାଗୁଲେଇପଡ଼ା ଦେଶପୁର କ୍ଲଷ୍ଟର ଅଧିନ ବିଭିନ୍ନ ବିଦ୍ୟାଳୟର ୨୪ରୁ ଊର୍ଦ୍ଧ୍ୱ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ସିଆରସିସି ଶ୍ରୀ ପ୍ରଧାନଙ୍କ ବିରୋଧରେ ଛାତ୍ରଛାତ୍ରୀଙ୍କ ବହି ଯୋଗାଇଦେବା ନିମନ୍ତେ ଅର୍ଥ ଦାବି କରିବା ସମ୍ବନ୍ଧରେ ଏକ ଲିଖିତ ଅଭିଯୋଗ ଡେରାବିଶ ବିଇଓଙ୍କୁ ପ୍ରଦାନ କରିଥିଲେ। ସେହିପରି ଚନ୍ଦ୍ର ଶେଖର ସାହାଣୀ ନାମକ ଜଣେ ବ୍ୟକ୍ତି ସୂଚନା ଅଧିକାର ତଥ୍ୟ ଅନୁଯାୟୀ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନା ବିରୋଧରେ ଉଚ୍ଚକତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ବିଇଓ ଶ୍ରୀ ମନ୍ତ୍ରୀ ନିଜେ ତଦନ୍ତ କରି ଏହାର ସତ୍ୟତା ଅନୁଧ୍ୟାନ କରି ତାଙ୍କୁ ନିଲମ୍ବନ କରିଛନ୍ତି।

### ରାଜନୈତିକ ଚାପରେ ଉନ୍ନୟନ କାର୍ଯ୍ୟ ଠପ୍ ଅଭିଯୋଗ

## ବିଡିଓଙ୍କୁ ଭେଟିଲେ ଉମାକାନ୍ତ ପଟ୍ଟନାୟକ



କେନ୍ଦ୍ରାପଡ଼ା,୩୦।୫ (ସଂଚାର ବ୍ୟୁରୋ)ଃ ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା (ବିଜିବିଓ)' ଯୋଜନା ଅଧୀନରେ ପାଟକୁରା ନିର୍ବାଚନମଣ୍ଡଳୀର ଗରଦପୁର ଓ ମାର୍ଶାଘାଇ ବ୍ଲକକୁ ଆସିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ଅଭିଯୋଗ ହୋଇଛି। ରାଜନୈତିକ ଚାପ ଯୋଗୁଁ ଏହି କାମଗୁଡ଼ିକ ଅଟକି ରହିଥିବାରୁ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହୋଇଥିବା ସହ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ନେତା ତଥା ବିଜେପି ରାଜ୍ୟ ସୋସିଆଲ ମିଡିଆ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ଗରଦପୁର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ବିଡିଓଙ୍କ ସହ ଆଲୋଚନା କରିଥିଲେ। ଉନ୍ନୟନ କାର୍ଯ୍ୟ ବନ୍ଦ ହେବାର କାରଣ ସମ୍ପର୍କରେ ସେ ବିସ୍ତୃତ ଭାବେ ଅବଗତ ହେବା ସହ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସହ ଟେଲିଫୋନ୍ ଯୋଗେ ମଧ୍ୟ ଆଲୋଚନା କରିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଗ୍ରାମାଞ୍ଚଳର ବିକାଶ ସହ ଜଡିତ କୌଣସି ପ୍ରକଳ୍ପ ରାଜନୈତିକ କାରଣରୁ ବନ୍ଦ ହେବା ଉଚିତ ନୁହେଁ। ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ତ୍ୱରିତ ଭାବେ କାର୍ଯ୍ୟକାରୀ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ। ସେ ବିଡିଓଙ୍କୁ ମଧ୍ୟ କୌଣସି ପରିସ୍ଥିତିରେ ବିକାଶମୂଳକ କାର୍ଯ୍ୟ ବନ୍ଦ ନ ରଖିବା ପାଇଁ ପରାମର୍ଶ ଦେଇଥିଲେ।

## ମିକ୍ସଚର ମେସିନ ଚଢ଼ିଯିବାରୁ ମହିଳାଙ୍କ ମୃତ୍ୟୁ



ଗରଦପୁର,୩୦।୧୦(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ ବନ୍ତଲା ପଞ୍ଚାୟତର ପଡ଼ାରାଏସ ଗ୍ରାମ ନିକଟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ମିକ୍ସଚର ମେସିନ ଗାଡ଼ି ଚଢ଼ିଯିବାରୁ ବନ୍ତଲା ଗ୍ରାମର ଦିଲ୍ଲୀପ ଦାସଙ୍କ ବଡ଼ ବୋହୂଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ କୁଦାନଗରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### ଡେରାବିଶ ଥାନାରେ ଥାର୍ଡଡିଗ୍ରୀ

# ଅଭିଯୋଗକାରିଣୀଙ୍କୁ ଥାନାରେ ମାଡ଼ ଅଭିଯୋଗ

### ନ୍ୟାୟ ପାଇଁ ଏସ୍‌ପିଙ୍କୁ ଫେରାଦ ହେଲେ ମହିଳା



ଡେରାବିଶ,୩୦।୫(ସଂଚାର ବ୍ୟୁରୋ)ଃ କେଉଁଠି ଧରି ଆଣି ଥାନାରେ ରଖିବା ତ ଅନ୍ୟ କେଉଁଠି ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିଙ୍କ ପ୍ରତି ଥାର୍ଡ ଡିଗ୍ରୀ ଘଟଣା କେନ୍ଦ୍ରାପଡା ଜିଲ୍ଲା ପୁଲିସକୁ ହରଡଘଣାରେ ପକାଇଛି। ଏପରିକି କି କେନ୍ଦ୍ରାପଡା ଜିଲ୍ଲା ଅଧୀନ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସିଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏବେ ଡେରାବିଶ ଥାନାର ଜନୈକା ମହିଳା ସବ୍‌ଇନ୍ସପେକ୍ଟରଙ୍କ ଦବଙ୍ଗଗିରି ପୁଣି ସାମ୍ନାକୁ ଆସିଛି। ସେ ଜଣେ ଅଭିଯୋଗକାରିଣୀଙ୍କୁ ମାଡ ମାରିଥିବା ନେଇ ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଏପରି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଡେରାବିଶ ଥାନା ଅଧିନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବରାହିଲୋ ଗ୍ରାମର ନର୍ମଦା ସାମଲ।

ନର୍ମଦାଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର କେତେଜଣ ବ୍ୟକ୍ତି ଏକ ପୋଖରୀ ଖୋଳି ତାଙ୍କ ୭୫ ବର୍ଷୀୟା ମା' ମାତା ମହାନ୍ତି ନାମରେ ରହିଥିବା ପ୍ଲଟ ନଂ.୧୦୪୩, ୧୦୫୬ ଓ ୧୦୫୭ ଉପରେ ମାଟି ପକାଇଥିଲେ। ବୃଦ୍ଧା ଜଣକ ଏହାର ବିରୋଧ କରିବାରୁ ଉକ୍ତ ବ୍ୟକ୍ତିମାନେ ତାଙ୍କୁ ଗାଳିଗୁଲଜ ସହ ବିଭିନ୍ନ ଧମକଚମକ ଦେଇଥିଲେ। ଏହି ଘଟଣାକୁ ନେଇ ତାଙ୍କ ମା' ଡେରାବିଶ ଥାନାରେ ଗତ ୧୭ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଉଭୟ ପକ୍ଷଙ୍କୁ ଗତ ୨୨ତାରିଖ ଦିନ ପୋଲିସ ଡକାଇଥିଲା। ସେହି ଅନୁସାରେ ମା'ଙ୍କ ସହ ନର୍ମଦା ଥାନାକୁ ଆସିଥିଲେ। ମହିଳା ସବ୍‌ଇନ୍ସପେକ୍ଟର ଉଭୟ ପକ୍ଷଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ବୃଦ୍ଧାଙ୍କୁ ଘଟଣାର ଏକପାଖିଆ ସମାଧାନ ପାଇଁ ଚାପ ପକାଇଥିଲେ। ତାଙ୍କ ସହ ଯାଇଥିବା ଝିଅ ନର୍ମଦା ଏହାର ବିରୋଧ କରିବା ସହ ଠିକଭାବେ ନ୍ୟାୟ କରନ୍ତୁ ବୋଲି କହିଥିଲେ। ଏଥିରେ ଏସଆଇ ଅନୁସୂୟା ନାୟକ ମା' ଓ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ନର୍ମଦାଙ୍କୁ ଟାଣି ନେଇ ତାଙ୍କ ତଣ୍ଟିକୁ ଚିପିଦେଇଥିଲେ। ଏପରିକି ତାଙ୍କ ହାତକୁ ବହୁ ଜୋରରେ ମୋଡି ଦେଇଥିଲେ। ତାଙ୍କ କଥା ନମାନିଲେ ବିଭିନ୍ନ ଦଫା ଲଗାଇ ଜେଲକୁ ପଠାଇ ଦେବା ପାଇଁ ଧମକ ଦେଇଥିଲେ। ନର୍ମଦା କୌଣସି ମତେ ଅଧିକାରିଣୀଙ୍କଠାରୁ ଖସି ଚିକିତ୍ସା ନିମନ୍ତେ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ତା'ପରଦିନ ନର୍ମଦା ସବଇନ୍ସପେକ୍ଟର ଅନୁସୂୟାଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟ ଯାଇଥିଲେ। ଏସ୍‌ପି ଅନୁପସ୍ଥିତ ଥିବାରୁ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ।

ସେହିପରି ନର୍ମଦା ଗତ ସୋମବାର ଗରଦପୁର ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ପହଞ୍ଚି ଉଭୟ ଅଧିକାରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଆରମ୍ଭ

### ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା



କେନ୍ଦ୍ରାପଡ଼ା,୩୦।୫ (ସଂଚାର ବ୍ୟୁରୋ)ଃ ଆଜିଠାରୁ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)- ୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ, ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ରଘୁରାମ ଆର. ଆୟର କେନ୍ଦ୍ରାପଡ଼ା ପୌରାଳ ଅନ୍ତର୍ଗତ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଏସଆଇଆର- ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ସମୀକ୍ଷା କରିଥିଲେ। ସେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ରମକୁ ସଫଳ ଭାବେ ରୂପାୟନ କରିବା ପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ୩୦ ମଇରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଳରେ ବିଏଲଓମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଏହି ପ୍ରକ୍ରିୟାରେ ନିର୍ବାଚକମାନଙ୍କ ନାମ, ଠିକଣା, ବୟସ, ଯୋଗ୍ୟତା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସୂଚନାର ସତ୍ୟାପନ କରାଯିବ। ବିଏଲଓମାନେ ନାଗରିକମାନଙ୍କୁ ପରିଗଣନା ଫର୍ମ ପୂରଣରେ ସହାୟତା କରିବା ସହ ପୂରଣ ହୋଇଥିବା ଫର୍ମ ସଂଗ୍ରହ କରି ସ୍ୱୀକୃତି ପତ୍ର ପ୍ରଦାନ କରିବେ । ଭୋଟର ତାଲିକାରେ ନାମ ଥିବା ସମସ୍ତ ମତଦାତାଙ୍କୁ ଆବଶ୍ୟକ ସୂଚନା ଓ ଦସ୍ତାବିଜ ପ୍ରଦାନ କରି ବିଏଲଓ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ସେହିପରି ଯୋଗ୍ୟ ହୋଇଥିଲେ ମଧ୍ୟ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇନାହିଁ ସେମାନେ ଏହି ଅଭିଯାନ ସମୟରେ ନାମ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ।

ଏସଆଇଆର- ୨୦୨୬ର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ଜୁଲାଇ ୫ ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପିଗୁଡ଼ିକର ନିଷ୍ପି ସେପ୍ଟେମ୍ବର ୨ ସୁଦ୍ଧା ସମ୍ପନ୍ନ ହେବ। ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା, ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ବ୍ୟକ୍ତି ଓ ଡୁପ୍ଲିକେଟ ନାମଗୁଡ଼ିକୁ ଚିହ୍ନଟ କରି ତାଲିକାରୁ ବିଲୋପ କରିବା ।

### ଲୋକଙ୍କୁ ହାଣି ଲୁଟୁଥିବା ଗ୍ୟାଙ୍ଗ ଠାବ

## ୪ ଗିରଫ, ସୁନା ଓ ଟଙ୍କା ଜବତ



କେନ୍ଦ୍ରାପଡ଼ା,୩୦।୫(ସଂଚାର ବ୍ୟୁରୋ)ଃ ସଦରଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଆକ୍ରମଣ କରି ଲୁଟୁଥିବା ଏକ ଗ୍ୟାଙ୍ଗକୁ ସଦରଥାନା ପୋଲିସ ଠାବ କରିଛି । ଏହି ଗ୍ୟାଙ୍ଗରେ ସଂପୃକ୍ତ ଥିବା ୪ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଡେରାବିଶ ଥାନା ଅନ୍ତର୍ଗତ ଭୂଇଁପୁର ଗ୍ରାମର ଅଭିରାମ ମଳିକଙ୍କ ପୁଅ ମକରା ମଳିକ(୩୦), ମକରାର ଭାଉଜ ସେହିଗ୍ରାମର ତରୁଣ କୁମାର ନାୟକଙ୍କ ପତ୍ନୀ ସୌଦାମିନୀ ନାୟକ(୨୫), ଗ୍ୟାଙ୍ଗ ସଦସ୍ୟ ସଦରଥାନା ଅଧିନ ମନ୍ତ୍ରୀପଡା ଗ୍ରାମର ରବିନ୍ଦ୍ର ସିଂଙ୍କ ପୁଅ ଘଟିଆ ସିଂ(୨୬) ଓ ଚୋରା ସୁନା କିଣିଥିବା ସୁନା ଦୋକାନୀ ବାଲିକୁଦା ଗ୍ରାମର ତଥା ବର୍ତ୍ତମାନ ରହୁଥିବା ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧିନ ବାଲିଚନ୍ଦ୍ରପୁରର ନଟ ସାହୁଙ୍କ ପୁଅ ସତ୍ୟବ୍ରତ ସାହୁ(୪୬) । ଅଭିଯୁକ୍ତମାନଙ୍କ ଠାରୁ ନଗଦ ୩୦ହଜାର ଟଙ୍କା, ୧୨.୭ଗ୍ରାମ ତରଳାସୁନା, ୧୮.୨ଗ୍ରାମର ତରଳ ରୂପା, ୩.୦୫ଗ୍ରାମର ଏକ ମଙ୍ଗଳସୂତ୍ର, ନମ୍ବର ପ୍ଲେଟ ନଥିବା ଏକ ବାଜାଜ ପଲସର ବାଇକ, ଗୋଟିଏ ବଡ ଛୁରୀ, ଗୋଟିଏ ଲୁହା ହୁକ ଓ ୪ଟି ମୋବାଇଲ ଫୋନ ଜବତ ହୋଇଛି ।

ମକରା ଓ ତା ଗ୍ୟାଙ୍ଗର ସଦସ୍ୟମାନେ ସୁନାଗହଣା ଲୁଟିବା ପରେ ସୁନା ଦୋକାନୀ ସତ୍ୟବ୍ରତକୁ ବିକ୍ରୀ କରୁଥିଲେ । ସତ୍ୟବ୍ରତ ପ୍ରମାଣ ନଷ୍ଟ କରିବା ପାଇଁ ସୁନାଗହଣାକୁ ତରଳାଇ ଦେଉଥିଲେ। ମକରା ଗ୍ୟାଙ୍ଗ ନାମରେ ମାର୍ଶାଘାଇ ଥାନା, ଡେରାବିଶ ଥାନା, ପଟ୍ଟାମୁଣ୍ଡାଇ ଥାନା, କେନ୍ଦ୍ରାପଡା ସଦର ଥାନା ଓ ନିଶ୍ଚିନ୍ତକୋଇଲି ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ପୂର୍ବରୁ ରହିଛି। ନିକଟରେ ମକରା ଗ୍ୟାଙ୍ଗ ସଦସ୍ୟମାନେ ଚାନ୍ଦୋଳ ନିକଟରେ ଏକ ବାଇକରେ ଶଶୁର ଓ ବୋହୂ ଯାଉଥିବା ବେଳେ ଛୁରୀମାଡ କରି ସୁନାଗହଣା ଲୁଟି ନେଇଥିଲେ । ସେହିପରି କେନ୍ଦ୍ରାପଡା ସହରରୁ ଫେରୁଥିବା ବେଳେ ଶ୍ୟାମସୁନ୍ଦରପୁର ଗଡା ନିକଟରେ ଏକ ଦମ୍ପିଙ୍କ ଠାରୁ ସୁନାହାର ଲୁଟିନେଇଥିଲେ । ମକରା ଗ୍ୟାଙ୍ଗ ଏହିଭଳି ଆତଙ୍କ ସୃଷ୍ଟି କରି ଫେରାର ହୋଇଯାଇଥିବାରୁ ତାକୁ ଧରିବା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥିଲା ।

ଏହି ଗ୍ୟାଙ୍ଗକୁ ଧରିବା ପାଇଁ ଏସପି ସିଦ୍ଧାର୍ଥ କଟାରିଆ ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନକୁ ଦାୟିତ୍ୱ ଦେଇଥିଲେ । ଥାନା ଅଧିକାରୀ ୫ରାତି ଅନିଦ୍ରା ହୋଇ ତାଙ୍କ ଟିମ ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ଗ୍ୟାଙ୍ଗକୁ ଠାବ କରିଥିଲେ । ଆଜି ସେହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ମକରା ମଳିକ, ଗ୍ୟାଙ୍ଗ ସଦସ୍ୟ ଘଟିଆ ସିଂ ଓ ସୌଦାମିନୀ ନାୟକ ଏବଂ ସୁନା ଦୋକାନୀ ସତ୍ୟବ୍ରତ ସାହୁଙ୍କୁ ସଦର ଥାନା ପୋଲିସ କୋର୍ଟ ଚାଲାଣ କରିଥିବା ବେଳେ ରାଜେଶ ଜେନା ଓରଫ କାଳିଆ ଫେରାର ହୋଇଯାଇଥିବା ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି ।

# ମହାକାଳପଡ଼ାରେ ବିଜେଡିର ନାରୀ ଅଧିକାର ଅଭିଯାନ



ମହାକାଳପଡ଼ା, ୩୦।୫(ସଂଚାର ବ୍ୟୁରୋ)ଃ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନରେ ବିଫଳତା, ବଢୁଥିବା ନାରୀ ନିର୍ଯାତନା ଓ ଆଇନ-ଶୃଙ୍ଖଳା ପରିସ୍ଥିତିର ଅବନତି ପ୍ରତିବାଦରେ ଶନିବାର ମହାକାଳପଡ଼ାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା ଓ ଶକ୍ତି ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ମହିଳାଙ୍କ ଉପସ୍ଥିତି ଓ ଜୋରଦାର ସ୍ଲୋଗାନରେ ସମଗ୍ର ମହାକାଳପଡ଼ା ଅଞ୍ଚଳ ପ୍ରକମ୍ପିତ ହୋଇଯାଇଥିଲା। ମହାକାଳପଡ଼ା ଛକରୁ ନୂତନ ବିଜୁ ସେତୁ ପର୍ଯ୍ୟନ୍ତ ଏକ ବିରାଟ ରାଲି ବାହାରିଥିଲା। ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ମହିଳାମାନେ ସରକାର ବିରୋଧୀ ନାରାବାଜି କରିଥିଲେ। ଅପରାହ୍ନ ୪ଟାରେ ଆୟୋଜିତ ଏହି ସଭାରେ ଆଶାଠାରୁ ଅଧିକ ସଂଖ୍ୟାରେ ମହିଳାଙ୍କ ଯୋଗଦାନ ଦେଖିବାକୁ ମିଳିଥିଲା, ଯାହା ମହାକାଳପଡ଼ା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ସଭାରେ ଯୋଗଦେଇ ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ସର୍ବଦା ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦେଇଆସିଛନ୍ତି। ମହିଳାଙ୍କ ସ୍ୱାବଲମ୍ବନ ଓ ସମ୍ମାନ ପାଇଁ ବିଜେଡି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ବର୍ତ୍ତମାନ ସରକାର ମହିଳା ସୁରକ୍ଷା ଓ ସଂରକ୍ଷଣ ପ୍ରସଙ୍ଗରେ ବିଫଳ ହୋଇଥିବା ସେ ଅଭିଯୋଗ କରିଥିଲେ। ଏହି ପ୍ରତିବାଦ ସଭାରେ ବାରଡ଼ାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, କଳ୍ପନା ରାଉତ, ମମତା ସାମଲ, ସରୋଜିନୀ ସେଠୀ, ସରୋଜ ଜେନା, ଆକାଶ ସ୍ୱାଇଁ, ସଞ୍ଜୟ ପ୍ରଧାନ, ଧର୍ମପଦ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ସଭା ଆୟୋଜକମାନେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅଭିଯୋଗ କରିଛନ୍ତି ଯେ, ପ୍ରତିବାଦ ସଭାକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ମହିଳାମାନଙ୍କୁ ନେଇ ଆସୁଥିବା ବିଭିନ୍ନ ଗାଡ଼ିକୁ ଆରଟିଓ ଓ ପୋଲିସ ପ୍ରଶାସନ ପକ୍ଷରୁ ରାସ୍ତାରେ ଅଟକାଇ ଫାଇନ୍ ଆଦାୟ କରାଯାଇଥିଲା। ତେବେ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ହଜାର ହଜାର ମହିଳାଙ୍କ ଉପସ୍ଥିତି ବିଜେଡିର ସାଂଗଠନିକ ଶକ୍ତି ଏବଂ ମହିଳାମାନଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷର ଏକ ସ୍ପଷ୍ଟ ସନ୍ଦେଶ ଦେଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

## ଗାୟତ୍ରୀ ବିହାର ଛକରେ ନଷ୍ଟ ହେଉଛି ପାନୀୟ ଜଳ



ଯାଜପୁର ରୋଡ଼,୩୦।୫(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୭ ରେ ଥିବା ଗାୟତ୍ରୀ ବିହାର ଛକ ଠାରେ ନିର୍ମାଣ ହେଉଥିବା ଓଭର ବ୍ରିଜ ଖୁଂଟ ନିକଟରେ ଯାଇଥିବା ପାନୀୟ ଜଳ ପାଇପ ଲାଇନ୍ ଫାଟି ପ୍ରଚୁର ପାନୀୟ ଜଳ ନଷ୍ଟ ହେଉଛି। ଫାଟିଥିବା ପାଇପ ଲାଇନ୍'ରେ ନାଳ ନର୍ଦ୍ଦମାର ଦୂଷିତ ଜଳ ମିଶୁଛି। ଏହି ଦୂଷିତ ଜଳ ପାଇପ ଲାଇନ୍ ମାଧ୍ୟମରେ ମଧ୍ୟ ଲୋକଙ୍କର ଘରେ ଘରେ ପହଂଚୁଅଛି।

ଏପଟେ ଏକ ପ୍ରକାରରେ କହିବାକୁ ଗଲେ ଏହି ସହରରେ ଥିବା ପାନୀୟ ଜଳ ବିଭାଗ ପକ୍ଷରୁ ଏଠାକାର ଲୋକଙ୍କୁ ଦୂଷିତ ପାନୀୟ ଜଳ ଯୋଗାଇ ଦିଆଯାଉଛି ସାଧାରଣରେ ଆଲୋଚନା ହେଉଛି। ସେପଟେ ସ୍ଥାନୀୟ ଦାଳା ଠାରେ ଥିବା ପାନୀୟ ଜଳ ଯୋଗାଣ ବିଭାଗର କାଯ୍ୟାଳୟରେ ଏବିଷୟରେ ବାରମ୍ବାର ଅଭିଯୋଗ ପରେ ମଧ୍ଯ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ଏଠାକାର ଲୋକ ଜଣାଇଛନ୍ତି। ତେବେ ଗତ କାଲି ଠାରୁ ଅଦ୍ୟାବଧି ୧ ଲକ୍ଷ ଲିଟର ପାନୀୟ ଜଳ ଏଠି ନଷ୍ଟ ହେଲାଣି। ତେଣୁ ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀ ତୁରନ୍ତ ଏଠାରେ ଫାଟିଥିବା ପାଇପ ଲାଇନ୍ ମରାମତି କରି ଅଂଚଳର ଲୋକମାନଙ୍କୁ ଶୁଦ୍ଧ ପାନୀୟ ଜଳ ପହଂଚାଇବା ପାଇଁ ଦୃଷ୍ଟି ଦେବାକୁ ଅଂଚଳର ଜନସାଧାରଣ ଏବଂ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି କରାଯାଉଛି।

## ସରକାରୀ ଜାଗାରୁ ଗଛକଟାକୁ ଗ୍ରାମବାସୀଙ୍କ ବିରୋଧ



ନିଶ୍ଚିନ୍ତକୋଇଲି,୩୦।୫(ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଓ କିଶନନଗର ତହସିଲର କାର୍ଯ୍ୟାଳୟ ଅଧୀନସ୍ଥ ମଣିଜଙ୍ଗ ଗ୍ରାମପାଞ୍ଚହାତ ଚିତ୍ରୋପ୍ଲା ନଦୀପଠା ମଣିଜଙ୍ଗରୁ ବହୁପୁରାତ ୪ରୁ ଊର୍ଦ୍ଧ୍ୱ ବିରାଟକାୟ ଚାଖୁଣ୍ଡା ଗଛକୁ ଉକ୍ତ ଗ୍ରାମର ନିର୍ଦ୍ଧିଷ୍ଟ ଜୈନିକ ବ୍ୟକ୍ତି କାଟି କାଠ ମାଫିଆ ମାନଙ୍କୁ ବିକ୍ରି କରିଦେବାକୁ ମସୁଧା ଚଳାଇଥିବା ବେଳେ ଗ୍ରାମବାସୀ ମାନେ ଘୋର ବିରୋଧ କରିଥିଲେ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ କିଶନନଗର ଥାନା ପୋଲିସ୍ ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲେ।।

ଗ୍ରାମବାସୀଙ୍କ ସୁଚନା ମୁତାବକ ଉକ୍ତ ଗ୍ରାମର ଯୌନିକ ବ୍ୟକ୍ତି ୨୦୧୨ ମସିହାରେ ମାନ୍ୟାବର ହାଇ କୋର୍ଟଙ୍କ ଆଦେଶ ଅନୁଯାୟୀ ନଦୀ ପଠାରେ ତାଙ୍କ ନାମରେ ଥିବା ସ୍ଥାନରୁ ଗଛକୁ କାଟି ନେଇଥିଲେ। ବର୍ତ୍ତମାନ ପୁଣୀ ଆଉଥରେ ସେହି କୋର୍ଟ ଆଦେଶକୁ ଧରି ସରକାରୀ ସ୍ଥାନରେ ଥିବା ଲକ୍ଷାଧିକ ଟଙ୍କା ମୁଲ୍ୟାର ଗଛ କାଟି ଦେଇଥିବା ବେଳେ ଯାହାକୁ ଗ୍ରାମର ସତାଧିକ ଗ୍ରାମବାସୀ ମାନେ ବିରୋଧ କରିଥିଲେ। ଏପରିକି ଯେଉଁ ବୃକ୍ଷ କଟା ଯାଇଛି ତାହା ନଦୀରେ ବନ୍ୟା ପରିସ୍ଥିତିକୁ ମଧ୍ୟ ଆୟତ୍ତ କରି ଧନ ଜିବନକୁ ରକ୍ଷା କରେବୋଲି ସ୍ଥାନିୟ ଗ୍ରାମବାସୀ ମାନେ ମତ ରଖିଛନ୍ତି। ଅନ୍ୟପଟେ ସରକାର ବୃକ୍ଷ ହିଁ ଜୀବନ ବୋଲି ନାରା ଦେଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗାଁରୁ ସହର ସବୁଠି ବୃକ୍ଷ ରୋପଣ କରିଚାଲିଥିବା ବେଳେ ଏପରି ଭାବେ ସରକାରୀ ସ୍ଥାନରୁ ବୃକ୍ଷ କଟାକୁ ନେଇ ସାଧାରଣରେ ବିରାଟ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

ଯାହାର କିଶନନଗର ତହସିଲ ପ୍ରଶାସନ ପକ୍ଷରୁ ବିଦ୍ଧିବଧ ତଦନ୍ତ କରାଯାଇ ଉକ୍ତ ସ୍ଥାନକୁ ପୁଙ୍ଖାନୁ ପୁଙ୍ଖ ଭାବେ ମାପ କରି ସରକାରି ସ୍ଥାନରୁ ବୃକ୍ଷ କାଟିଥିବା ବ୍ୟକ୍ତି ଓ କାଠ ମାଫିଆ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସିଙ୍କ ପକ୍ଷରୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଏହି ବେଆଇନ୍ ଗଛ କଟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଏକ ପ୍ରକାରର ବିପର୍ଯ୍ୟସ୍ତ ହୋଇ ପଡିବା କଥାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ କୁହାଯାଉଛି।

# ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣଦେଖା ଅଭିଯୋଗ

### କେବେ ପୂରଣ ହେବ ଖାଲିଥିବା ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟସେବିକା ପଦବୀ ?

### ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଡେରାବିଶ,୩୦।୫(ସଂଚାର ବ୍ୟୁରୋ)ଃଡେରାବିଶ ବ୍ଲକ ଅଞ୍ଚଳରେ ଆବଶ୍ୟକୀୟ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ବ୍ୟାପକ ଅଭାବରୁ ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ଲକ ଅଧିନସ୍ଥ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀସେବା ବ୍ୟାହାତ ହୋଇଥିବା ବେଳେ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଡାକ୍ତର ଧର୍ମେନ୍ଦ୍ର ସିଂଙ୍କ ନିଷ୍ଠାପର ରୋଗୀସେବା ପାଇଁ ଏଠାରେ ଦୈନିକ ୨୦୦ରୁ ଅଧିକ ରୋଗୀ ସେମାନଙ୍କର ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଅଛନ୍ତି। ସକାଳ ୮ଟାରୁ ରାତି ୮ଟା ଯାଏ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହୁଥିବା ବେଳେ ରୋଗୀମାନେ ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାଆନ୍ତି। ମାତ୍ର ଏଠାରେ କାର୍ଯ୍ୟରତ ଥିବା ଫାର୍ମାଶିଷ୍ଟ ବଦଳି ହୋଇଯିବା ପରେ ନବନିଯୁକ୍ତ ଫାର୍ମାଶିଷ୍ଟ କୌଣସି ସୂଚନା ନଦେଇ ଛୁଟିରେ ରହିବା ଦ୍ୱାରା ନିରାମୟ କେନ୍ଦ୍ରରେ ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଔଷଧ ଓ ଅନ୍ୟାନ୍ୟ ଚିକିତ୍ସାରେ ବ୍ୟାହାତ ହୋଇଛି।

ଏ ବିଷୟରେ ଗତ ୧୮ ତାରିଖରେ ଡେରାବିଶ ବ୍ଲକରେ ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ସ୍ୱାସ୍ଥ୍ୟକେନ୍ଦ୍ରର ଅଚଳାବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର ଆୟର ସେହିଦିନ ସନ୍ଧ୍ୟାରେ ହଠାତ୍ ସମ୍ପୃକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟା ବୁଲି ଦେଖିବା ସହ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକଙ୍କ ସହ ଜିଲ୍ଲାପାଳ ମଧ୍ୟ ଆଲୋଚନା କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରା ଖାଲିପଡ଼ିଥିବା ଜଣେ ଏକ ଫାର୍ମାଶିଷ୍ଟ ଓ ଏକ ମହିଳା ସେବିକା ପଦବୀକୁ ତୁରନ୍ତ ପୁରଣ କରିବା ପାଇଁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ଜିଲ୍ଲାପାଳ ୧୯ ତାରିଖ ସୁଦ୍ଧା ତୁରନ୍ତ ଫାର୍ମାଶିଷ୍ଟ ଓ ମହିଳା ସେବିକା ପଦବୀ ପୁରଣ କରିବା ପାଇଁ ଏଠାରେ ଉପସ୍ଥିତ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ଏହି ପଦବୀ ଦ୍ୱୟ ପୂରଣ ନ ହେବା ଯୋଗୁଁ ରୋଗୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି।

ଏ ବିଷୟରେ ସମାଜସେବୀ ନାରାୟଣ ଲେଙ୍କା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ତୁରନ୍ତ ସମାଧାନ ନହେଲେ ଖୁବ୍ ଶିଘ୍ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି। ଏ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଶୁକ୍ରବାର ଜଣେ ମହିଳା ସେବିକା ଓ ଫାର୍ମାଶିଷ୍ଟଙ୍କୁ ସେଠାରେ ନିଯୁକ୍ତି ପାଇଁ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ।

# ରାଜ୍ୟରେ ଭୋଟର ତାଲିକାର ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ

## ପ୍ରଥମ ଦିନରେ ୨.୫୯ ଲକ୍ଷ ଭୋଟରଙ୍କୁ ଦିଆଗଲା ଗଣନା ଫର୍ମ



**ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ):** ଓଡ଼ିଶାରେ ଆଜିଠାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ସମସ୍ତ ବୁଥ୍ସ୍ତରୀୟ ଅଧିକାରୀ (ବିଏଲଓ) ନିଜ ନିଜ ଅଞ୍ଚଳରେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି। ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ବଣ୍ଟନ କରାଯାଉଛି। ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଓ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏହି ସଘନ ଅଭିଯାନ ଜାରି ରହିଛି।

ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯାଉଛି। ପ୍ରଥମ ଦିନରେ ୨ ଲକ୍ଷ ୫୯ ହଜାର ୧୬୬ ଜଣ ଭୋଟରଙ୍କୁ ବିଏଲଓଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଓ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତିପତ୍ର ଭାବେ ଫେରସ୍ତ କରାଯାଉଛି, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ।

ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପକ୍ଷରୁ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି। ବିଜେପିରୁ ସର୍ବାଧିକ ୧୯ ହଜାର ୩୮୦, ବିଜେଡି ୮ ହଜାର ୮୮୧, କଂଗ୍ରେସ ୪ ହଜାର ୬୫୮, ସିପିଆଇଏମ୍ ୬୦, ବିଏସ୍ପି ପକ୍ଷରୁ ୪୭ ଜଣ ବିଏଲଏ ନିଯୁକ୍ତ ହୋଇଛନ୍ତି।

# ଇକୋଲାଇମ୍+: ଶିଳ୍ପ ଆବର୍ଜନା ପାଲଟିଲା ସମାଧାନ

**ଭୁବନେଶ୍ୱର, ୩୦।୫ (ସଂଚାର ବ୍ୟୁରୋ):** ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏକ ଅଭିନବ ଉତ୍ପାଦ ଇକୋଲାଇମ୍+ ବିକଶିତ କରିଛି।

**ଓଡ଼ିଶା ଅମ୍ଳୀୟ ମାଟିରେ ହେବ ୧୦-୧୫ ପ୍ରତିଶତ ଡିଏପି ସଞ୍ଚୟ**

ଏହା ଶିଳ୍ପ ଉପ-ଉତ୍ପାଦ ଯେପରିକି ସ୍ଲାଗ୍ ଓ ଫ୍ଲାଏ ଆସରୁ ପ୍ରସ୍ତୁତ ଏକ ମୂଲ୍ୟଯୁକ୍ତ ଫର୍ମୁଲେସନ୍ ଯାହା କମ୍ପୋଷ୍ଟ ସହ ସମୃଦ୍ଧ ହୋଇଥାଏ। ଏହି ଉତ୍ପାଦ ଓଡ଼ିଶାର ଅମ୍ଳୀୟ ମାଟିରେ ୧୦ରୁ ୧୫ ପ୍ରତିଶତ ଡିଏପି ସଂରକ୍ଷଣ କରିପାରିବ। ଇକୋଲାଇମ୍+






ଅମ୍ଳୀୟ ମାଟି ପରିଚାଳନା ଓ ରାସାୟନିକ ସାର ସଂରକ୍ଷଣର ଏକ ପ୍ରଭାବଶାଳୀ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ କରିଛି। ଦୀର୍ଘସ୍ଥାୟୀ କୃଷି ଓ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ପ୍ରୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପାଣ୍ଠିରେ ନିର୍ମିତ ଏକ ପ୍ରକଳ୍ପ ଅଧୀନରେ ଏହି ପ୍ରଯୁକ୍ତିବିଦ୍ୟା ବିକଶିତ କରାଯାଇଛି। ଏହି ଉତ୍ପାଦ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ୍, ସିଲିକନ୍, ପୋଟାସିୟମ ଓ ଜିଙ୍କ୍ ଭଳି ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ ପୋଷକ ତତ୍ତ୍ୱ ଯୋଗାଇଥାଏ। ଏହା ଫସଲର ଉନ୍ନତ ବୃଦ୍ଧି ଓ ମାଟିର ଉର୍ବରତାକୁ ସମର୍ଥନ କରେ। କ୍ରୋମିୟମ ଭଳି କ୍ଷତିକାରକ ଉପାଦାନ ଗୁଡ଼ିକ ସାର ନିୟନ୍ତ୍ରଣ ଆଦେଶ (ଏଫସିଓ) ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ଦ୍ଧାରିତ ଅନୁମୋଦିତ ସୀମା ମଧ୍ୟରେ ରହିଛି ବୋଲି ବୈଜ୍ଞାନିକ ବିଶ୍ଳେଷଣ ନିଶ୍ଚିତ କରିଛି। ଓଡ଼ିଶାର ୬ଟି ଜିଲ୍ଲା କଟକ, ଢେଙ୍କାନାଳ, ଯାଜପୁର, ସୁନ୍ଦରଗଡ଼, ଅନୁଗୁଳ ଓ ଝାରସୁଗୁଡ଼ାରେ ୧୦୦୦ ହେକ୍ଟରରୁ ଅଧିକ ଜମିରେ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପରେ ଇକୋଲାଇମ୍+ ର କ୍ଷେତ୍ର ମୂଲ୍ୟାଙ୍କନ କରାଯାଇଛି। ମୃତ୍ତିକା ପରୀକ୍ଷା ପରେ ପ୍ରାୟ ୧୬୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରସ୍ତୁତ କରାଯାଇ ଚାଷୀଙ୍କୁ ଦିଆଯାଇ ଥିଲା ଓ ପ୍ରାୟ ୧୫୦୦ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ଏହି ଉତ୍ପାଦକୁ ଧାନ ଓ ଡାଲି ଫସଲ ପ୍ରଣାଳୀ ଏବଂ କାଜୁ, ଲେମ୍ବୁ, ନଡ଼ିଆ ଓ ଆମ୍ବ ସମେତ ଉଦ୍ୟାନ କୃଷି ଫସଲରେ ପରୀକ୍ଷଣ କରାଯାଇଛି। ଚାଷୀଙ୍କ କ୍ଷେତ ଅନୁକୂଳ ପରୀକ୍ଷଣରୁ ବେଶ୍ ଲାଭପ୍ରଦ ଫଳାଫଳ ମିଳିଛି। ତଥ୍ୟ ଅନୁଯାୟୀ, ଧାନ ଅମଳରେ ୮-୧୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ମୁଗ ଅମଳରେ ୧୨ରୁ ୧୯ ପ୍ରତିଶତ ବୃଦ୍ଧି ସହ ମାଟିର ପିଏଚ୍‌ରେ ୨ରୁ ୧୦ ପ୍ରତିଶତ ଉନ୍ନତି ଏବଂ ଫସଫରସ ଉପଲବ୍ଧତାରେ ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ଘଟିଛି। ଉନ୍ନତ ପୋଷକ ତତ୍ତ୍ୱ ଉପଲବ୍ଧତା ଡିଏପି ଭଳି ରାସାୟନିକ ସାରର ଆବଶ୍ୟକତାକୁ ପ୍ରାୟ ୧୦ରୁ ୧୫ ପ୍ରତିଶତ ହ୍ରାସ କରିପାରିବ। ଏହାଦ୍ୱାରା ଚାଷୀଙ୍କ ଚାଷ ଖର୍ଚ୍ଚ ହ୍ରାସ ପାଇବ।

# ଗୋପାଳପୁରରେ ହେବ ଡିଏଲ୍ ପରୀକ୍ଷା

**କଟକ, ୩୦।୫ (ସଂଚାର ବ୍ୟୁରୋ):** ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଓ ଲର୍ଣ୍ଣର୍ସ ଲାଇସେନ୍ସ (ଏଲ୍ଏଲ୍ଆର୍) ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟାଳୟ ଆଦେଶ ଅନୁଯାୟୀ, ବର୍ତ୍ତମାନ କଟକର ସିଡିଏସ୍ଥିତ ସେକ୍ଟର-୬ରେ ପରିଚାଳିତ ହେଉଥିବା ଡ୍ରାଇଭିଂ ପରୀକ୍ଷାକୁ ୨୦୨୬ ଜୁନ୍ ୧ ତାରିଖଠାରୁ ଗୋପାଳପୁରସ୍ଥିତ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ଷ୍ଟେସନ୍‌କୁ ସ୍ଥାନାନ୍ତର କରାଯିବ। ଗୋପାଳପୁର ମୌଜାର ପ୍ଲଟ୍ ନମ୍ବର ୮୭୩ରେ ଅବସ୍ଥିତ ଏହି ନୂତନ କେନ୍ଦ୍ରରେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସହ ଲର୍ଣ୍ଣର୍ସ ଲାଇସେନ୍ସ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଯେଉଁ ଆବେଦନକାରୀମାନେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ପାଇଁ ପୂର୍ବରୁ ସମୟ ଓ ତାରିଖ ବୁକ୍ କରିଛନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ନୂତନ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ୨୦୨୬ ଜୁନ୍ ୧ କିମ୍ବା ଏହା ପରବର୍ତ୍ତୀ ତାରିଖ ପାଇଁ ବୁକିଂ କରିଥିବା ଆବେଦନକାରୀଙ୍କୁ ପରୀକ୍ଷା ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ଏସ୍ଏମ୍ଏସ୍ ମାଧ୍ୟମରେ ସୂଚିତ କରାଯିବ।

# ମାଗୁ ଚା' ଖଟିରେ ପୂର୍ବତନ ବିଧାୟକ



**କଟକ, ୩୦।୫ (ସଂଚାର ବ୍ୟୁରୋ):** ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରାତଃଭ୍ରମଣରେ ଦୈନିକ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥାନ୍ତି। ଏହି ଅବସରରେ ସେ ଶନିବାର ପ୍ରାତଃଭ୍ରମଣରେ ଆସି ୫୩ନଂ ୱାର୍ଡ ପରିଦର୍ଶନ କରି ଅନ୍ଦରପୁରସ୍ଥିତ ପ୍ରାଣକୃଷ୍ଣ ପରିଜା ପାର୍କ ସମ୍ମୁଖରେ ଥିବା ମାଗୁ ଚା' ଖଟିରେ ପହଞ୍ଚିଥିଲେ। ସେଠାରେ ଚା' ପିଇବା ସହ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା ଏବଂ ୱାର୍ଡର ବହୁ ମୁରବୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଚା' ଖଟିରେ ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ, ଶୈଳେନ୍ଦ୍ର କୁମାର ଭୋଳ, ସରୋଜ କୁମାର ରାଉତଙ୍କ ସମେତ ବହୁ ୱାର୍ଡବାସୀ ଉପସ୍ଥିତ ଥିଲେ ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ବିଦାୟ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ):** ସୂଚନା ଓ ଲୋକସମ୍ପର୍କ ବିଭାଗର ଫିଲ୍ମ ଲାଇବ୍ରେରିଆନ୍ ସୁଶାନ୍ତ କୁମାର ପାଢ଼ୀଙ୍କୁ ଶନିବାର ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ ଅଧ୍ୟକ୍ଷତା କରି ଶ୍ରୀ ପାଢ଼ୀଙ୍କ ଦୀର୍ଘ ୩୫ ବର୍ଷରୁ ଅଧିକ ସେବା ଜୀବନ ଏବଂ ବିଭାଗ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଥିଲେ। ୧୯୯୦ରେ ସରକାରୀ ସେବାରେ ଯୋଗଦାନ କରିଥିବା ଶ୍ରୀ ପାଢ଼ୀ କର୍ମନିଷ୍ଠା, ଦାୟିତ୍ୱବୋଧ ଓ ସରଳ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କ ନିକଟରେ ପ୍ରିୟ ଥିଲେ ବୋଲି ସେ କହିଥିଲେ। ଏଥିସହ ସେ ଶ୍ରୀ ପାଢ଼ୀଙ୍କ ସୁସ୍ଥ, ସୁଖମୟ ଓ ନିରାମୟ ଅବସର ଜୀବନ କାମନା କରିଥିଲେ। ଉପଶାସନ ସଚିବ ପ୍ରଣବ କୁମାର ଦାସ ଶ୍ରୀ ପାଢ଼ୀଙ୍କ ଦୀର୍ଘବର୍ଷର ଅନୁଭବ, କାର୍ଯ୍ୟଦକ୍ଷତା ଏବଂ ବିଭାଗର ଫିଲ୍ମ ଓ ଅଡିଓ-ଭିଜୁଆଲ୍ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ଶ୍ରୀ ପାଢ଼ୀ ତାଙ୍କର ଦୀର୍ଘ ଚାକିରି ଜୀବନର ଅନୁଭବ ବଖାଣିବା ସହ ବିଭାଗର ସମସ୍ତ ଅଧିକାରୀ ଓ ସହକର୍ମୀମାନଙ୍କ ସହଯୋଗ, ସମର୍ଥନ ଓ ସ୍ନେହ ପାଇଁ କୃତଜ୍ଞତା ଜଣାଇଥିଲେ।

# ଜଷ୍ଟିସ ରାଧାଚରଣ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ, ୩୦।୫(ସଂଚାର ବ୍ୟୁରୋ):** ଓଡିଶା ହାଇକୋର୍ଟ ବାର ଆସୋସିଏସନ ହଲ୍‌ରେ ପୂର୍ବତନ କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ତଥା ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ରାଧାଚରଣ ପଟ୍ଟନାୟକଙ୍କ ୩୪ତମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଛି। ଜଷ୍ଟିସ ରାଧାଚରଣ ପଟନାୟକ ସ୍ମୃତି କମିଟିର ଆବାହକ ଶଶିଭୂଷଣ ଦାସ ଓ ଯୁଗ୍ମ ଆବାହକ ଭବାନୀ ଶଙ୍କର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡିଶା ହାଇକୋର୍ଟର ଅନ୍ୟତମ ବରିଷ୍ଠ ବିଚାରପତି କୃଷ୍ଣ ରାମ ମହାପାତ୍ର ଓଡିଶା ହାଇକୋର୍ଟ ଓ ବାର ଆସୋସିଏସନ ପାଇଁ ଜଷ୍ଟିସ ପଟନାୟକଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ନ୍ୟାୟମୂର୍ତ୍ତି ମୃଗାଙ୍କ ଶେଖର ସାହୁ ଓ ନ୍ୟାୟମୂର୍ତ୍ତି ମୁରାହରି ଶ୍ରୀରମଣ ନ୍ୟାୟ ବ୍ୟବସ୍ଥାକୁ ଜଷ୍ଟିସ ରାଧାଚରଣ ପଟ୍ଟନାୟକଙ୍କ ଅବଦାନ କଥା ସ୍ମରଣ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଜୀବନବଲ୍ଲଭ ଦାଶ, ଡକ୍ଟର ସୁଜାତା ଦାଶ, ଲାଇବ୍ରେରୀ ସମ୍ପାଦକ ବାସୁଦେବ ବାରିକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କ୍ୟାମ୍ପ କୋର୍ଟ

**ଭୁବନେଶ୍ୱର, ୩୦।୫ (ସଂଚାର ବ୍ୟୁରୋ):** ନାଗରିକ-କୈନ୍ଦ୍ରିକ ଓ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଶନିବାର ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଛି। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାଏର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡ଼ିତ ଆପିଲ୍ ମାମଲାଗୁଡ଼ିକର ଅତିରିକ୍ତ ମୁଖ୍ୟ ଶାସନ ଶୁଣାଣୀ କରିଥିଲେ। ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୪୨ଟି ମାମଲା ଗ୍ରହଣ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ



ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୋଧରେ ନାଗରିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହ ଜଡ଼ିତ।

ସମ୍ପ୍ରତି ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ମାମଲାଗୁଡ଼ିକର ଶୀଘ୍ର ସମାଧାନ କରିବା ପାଇଁ ଆଇନ ଅନୁଯାୟୀ ଆପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସରକାରୀ ନିର୍ଦ୍ଦେଶ ଦିଆଯାଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଜରିଆରେ ଦକ୍ଷତା ବୃଦ୍ଧି ଓ ବିଚାରାଧୀନ ମାମଲା ସଂଖ୍ୟା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଓ ଦାୟିତ୍ୱ ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି।

# ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନ ନିରୀକ୍ଷଣ କଲେ ମହାପ୍ରବନ୍ଧକ

## ଯାତ୍ରୀ ସୁବିଧା ଓ ସୁରକ୍ଷାକୁ ଗୁରୁତ୍ୱ

**ଭୁବନେଶ୍ୱର, ୩୦।୫ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରିଛନ୍ତି। ଯାତ୍ରୀଙ୍କ ସୁବିଧା ସୁଯୋଗ, ସୁରକ୍ଷା ବ୍ୟବସ୍ଥା, ଷ୍ଟେସନର ବିଭିନ୍ନ ସୁବିଧା, ସ୍ୱଚ୍ଛତା ଓ କ୍ୟାଟରିଂ ସେବାର ସମୀକ୍ଷା ଉପରେ ଏହି ପରିଦର୍ଶନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିଦର୍ଶନ ସମୟରେ ଶ୍ରୀ ଫୁଙ୍କୱାଲ ଷ୍ଟେସନର ବିଭିନ୍ନ ଅଞ୍ଚଳ ଯଥା ବୁକିଂ ଅଫିସ୍, ଯାତ୍ରୀ ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ ବା ଚଳପ୍ରଚଳ ଏରିଆ, ଫୁଟ୍ ଓଭରବ୍ରିଜ୍, ପ୍ଲାଟଫର୍ମ ଓ କ୍ୟାଟରିଂ ୟୁନିଟ୍‌ଗୁଡ଼ିକ ବୁଲି ଦେଖିଥିଲେ। ସେ ସେଠାରେ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଷ୍ଟେସନରେ ଯାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବତ୍ତା ସମୀକ୍ଷା କରିଥିଲେ। ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା ଓ ଷ୍ଟେସନ ପରିସରର ରକ୍ଷଣାବେକ୍ଷଣ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକର ମଧ୍ୟ ସେ ସମୀକ୍ଷା କରିଥିଲେ। ଏଥିସହ ସେ ଯାତ୍ରୀ ଓ କ୍ୟାଟରିଂ ଷ୍ଟଲ୍‌ର କର୍ମଚାରୀମାନଙ୍କ ସହ ମଧ୍ୟ କଥା ହୋଇଥିଲେ ଓ ଷ୍ଟେସନରେ ପ୍ରଦାନ କରାଯାଉଥିବା ସେବାର ମାନ ପରଖିଥିଲେ। ସ୍ୱଚ୍ଛତା, ଯାତ୍ରୀ ସୁବିଧା ଓ



ଗ୍ରାହକ ସନ୍ତୋଷର ଉଚ୍ଚ ମାନ ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ବୟସ୍କଙ୍କୁ ଭତ୍ତା ଦେବାରେ ଡବଲ ଇଞ୍ଜିନ ସରକାର ବିଫଳ: ବିଜେଡି

**ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ):** ରାଜ୍ୟର ବୟସ୍କ, ଭିନ୍ନକ୍ଷମ ଓ ବିଧବାମାନଙ୍କୁ ୨ ମାସ ହେଲା ଭତ୍ତା ପ୍ରଦାନ ନ କରି ହନ୍ତସନ୍ତ କରୁଛନ୍ତି ରାଜ୍ୟ ସରକାର। ପ୍ରତିଦିନ ଭତ୍ତା ପାଇବା ପାଇଁ ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଧାଡ଼ିରେ ଛିଡ଼ା ହୋଇ ହିତାଧିକାରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା କହି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ ଅରୁଣ ସାହୁ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ସବୁ କ୍ଷେତ୍ରରେ ଲୋକ ଧାଡ଼ିରେ ଛିଡ଼ା ହେବାକୁ ବାଧ୍ୟ ହେଉଛନ୍ତି। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ସରକାର ଯେଉଁ ଯନ୍ତ୍ରଣା ଦେଉଛନ୍ତି ତାହା ନିନ୍ଦନୀୟ।




ଡ. ସାହୁ କହିଥିଲେ ଯେ ଡିଜିଟାଲ ଇଣ୍ଡିଆର ବାହାବା ନେଉଥିବା ଡବଲ ଇଞ୍ଜିନ ସରକାର ଅସହାୟମାନଙ୍କୁ ଆକାଉଣ୍ଟ ମାଧ୍ୟମରେ କି ଘର ପାଖରେ ଭତ୍ତା ଦେଇପାରୁନି। ସରକାରୀ ସ୍କୁଲ ଛାତ୍ରଛାତ୍ରୀ ୟୁନିଫର୍ମ ପାଇପାରୁନାହାନ୍ତି। ସରକାରୀ କର୍ମଚାରୀ ଠିକ୍ ସମୟରେ ଦରମା ପାଉନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। କିନ୍ତୁ ବର୍ତ୍ତମାନର ବାହାପିଆ ବିଜେପି ସରକାର ବୟସ୍କଙ୍କୁ ଖର୍ଚ୍ଚାନ୍ତ କରାଇ ଧାଡ଼ିରେ ଛିଡ଼ା କରାଉଛନ୍ତି। ସେହିପରି ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ପ୍ରଚାର ସର୍ବସ୍ୱ ରାଜ୍ୟ ସରକାର ନବୀନବାବୁଙ୍କ ସବୁ ଯୋଜନାର ରଙ୍ଗ ଓ ନାମ ପରିବର୍ତ୍ତନ କରିଚାଲିଛନ୍ତି। ପ୍ରତି ମାସର ୧୫ ତାରିଖ ପୂର୍ବରୁ ହିତାଧିକାରୀଙ୍କ ଘରେ ଭତ୍ତା ପହଞ୍ଚାଇବାର ଯେଉଁ ବ୍ୟବସ୍ଥା ନବୀନ ବାବୁ କରିଥିଲେ, ସେ ବ୍ୟବସ୍ଥାକୁ ସରକାର ବନ୍ଦ କରିଦେଇଛନ୍ତି। ନବୀନବାବୁ ଭତ୍ତା ପରିମାଣ ୩୦୦ରୁ ବୃଦ୍ଧି କରି ୧ ହଜାର ଟଙ୍କା କରିଥିଲେ। ମଧୁବାବୁ ପେନସନ ଯୋଜନାରେ ୧୨ ଲକ୍ଷରୁ ୩୮ ଲକ୍ଷ ଲୋକଙ୍କୁ ସାମିଲ କରିଥିଲେ। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିଲା ପରେ ବୟସ୍କ ମାନଙ୍କୁ ଏଭଳି ହଇରାଣ... ଡହଳବିକଳ କରି କି ଆନନ୍ଦ ପାଉଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ।

# ଗୁରୁତରଙ୍କୁ ମିଳିଲାନି ଆମ୍ବୁଲାନ୍ସ, ମୋବାଇଲ୍ ଆଲୁଅରେ ହେଲା ଷ୍ଟିଚ୍

**ଥୁଆମୂଳ ରାମପୁର,୩୦।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୋଷାବରାସ୍ଥିତ ହେଲୋ ପଏଣ୍ଟ (ନାଏକପଡ଼ା) ଛକ ନିକଟରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ୫୫ ମିନିଟ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଧାନକୁଣ୍ଡା ବୋଝେଇ ମାକ୍ସ ପିକଅପ୍ ଭ୍ୟାନ୍ ଓ ମୋଟର ସାଇକେଲ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହେବା ଫଳରେ ଜଣେ ୨୨ ବର୍ଷୀୟ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁରୁତର ଯୁବକ ଜଣଙ୍କ କୋଷାବରା ଗ୍ରାମର ହାର୍ଜୁ ମାଝୀଙ୍କ ପୁଅ ହିମାଞ୍ଚଳ ମାଝୀ (୨୨) ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ହିମାଞ୍ଚଳ ଏକ ବାଇକ (ଓଡି୦୮ଆର ୭୯୬୭) ଯୋଗେ କୋଷାବରାରୁ ଥୁଆମୂଳ ରାମପୁର ଆଡ଼କୁ ଆସୁଥିଲେ। ଏହି ସମୟରେ ହେଲୋ ପଏଣ୍ଟ ଛକ ନିକଟରେ ଥୁଆମୂଳ ରାମପୁର ପଟୁ ଅତି ଦ୍ରୁତ ଗତିରେ ଆସୁଥିବା ଉକ୍ତ



ମାକ୍ସ ପିକଅପ (ଓଡି୨୪ଏଫ୩୯୭୪) ସହ ବାଇକର ସାମ୍ନାସାମ୍ନି ଧକ୍କା ହୋଇଥିଲା। ଧକ୍କା ଏତେ ଭୟାବହ ଥିଲା ଯେ ବାଇକଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ବେଳେ ପିକଅପ ଗାଡ଼ିର ସମ୍ମୁଖ ଭାଗ ଭାଙ୍ଗିଯାଇଛି। ଦୁର୍ଘଟଣା ଘଟାଇଥିବା ପିକଅପ୍ ଗାଡ଼ିଟି ଖମାରପଦର ଅଞ୍ଚଳର ହୋଇଥିବା ବେଳେ ଚାଳକଙ୍କୁ ସ୍ଥାନୀୟ ପୁଲିସ୍ ଅଟକ ରଖିଛି। ଦୁର୍ଘଟଣା ପରେ ହିମାଞ୍ଚଳ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମ ଗୋଡ଼ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ତୁରନ୍ତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ତେବେ ଦୁର୍ଘଟଣା ସ୍ଥାନୀୟ ସ୍ୱାସ୍ଥ୍ୟସେବାର ଏକ ବିକଳ ଚିତ୍ରକୁ ପଦାରେ ପକାଇଛି। ଜରୁରୀକାଳୀନ ସେବା ପାଇଁ ପରିବାର ଲୋକେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଗୁରୁତର ଆହତ ହିମାଞ୍ଚଳଙ୍କୁ ମେଡିକାଲ ଆଣିବା ପାଇଁ ପରିବାର ଲୋକେ ପ୍ରଥମେ ୧୦୮ ଆମ୍ବୁଲାନ୍ସ ସେବାକୁ ଯୋଗାଯୋଗ କରିଥିଲେ। ମାତ୍ର କୌଣସି ଆମ୍ବୁଲାନ୍ସ ଖାଲି ନାହିଁ ବୋଲି ରୋକଠୋକ ମନା କରିଦିଆଯାଇଥିଲା। ଏହାପରେ ୧୧୨ ଜରୁରୀକାଳୀନ ନମ୍ବର ସହ ସମ୍ପର୍କ କରାଯାଇଥିଲେ ମଧ୍ୟ ସେଠାରୁ କୌଣସି ସହାୟତା ମିଳି ନ ଥିଲା। ଶେଷରେ ବାଧ୍ୟ ହୋଇ ପରିବାର ଲୋକେ ବ୍ୟକ୍ତିଗତ ଖର୍ଚ୍ଚରେ ଆହତଙ୍କୁ ମେଡିକାଲ ଆଣିଥିଲେ। ସେହିପରି ଡାକ୍ତରଖାନାରେ ଆହତ ହିମାଞ୍ଚଳଙ୍କ ମୁଣ୍ଡ ଓ ଗୋଡ଼ରୁ ପ୍ରବଳ ରକ୍ତସ୍ରାବ ହେଉଥିବାରୁ ଡାକ୍ତର ଷ୍ଟିଚ୍ କରିଥିଲେ। କିନ୍ତୁ ସେତେବେଳେ ବିଦ୍ୟୁତ୍ ସେବା ଉପଲବ୍ଧ ନଥିଲା। ତେଣୁ ତାଙ୍କ ଷ୍ଟିଚ୍ ଥିବା ସମୟରେ ଲାଇଟ ନ ଥିଲା। ଫଳରେ ମୋବାଇଲ ଟର୍ଚ୍ଚ ଆଲୁଅରେ ଷ୍ଟିଚ କରାଯାଇଥିଲା। ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର



**ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ):** ଓଡ଼ିଶା ସଚିବାଳୟ ଲେଖକ ପରିଷଦର ମେ' ମାସର ସ୍ୱାରସ୍ୱତ ଆସର ସ୍ଥାନୀୟ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସଭାରେ ରଶ୍ମିରେଖା ମିଶ୍ର ସଭାପତିତ୍ୱ କରିଥିବା ବେଳେ ସଂଯୋଜନା କରିଥିଲେ ବିଜନବାଳା ପାଟଯୋଶୀ। ସୁନନ୍ଦା ମିଶ୍ର, ରଶ୍ମିତା ମହାନ୍ତ, କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ତ୍ରିଲୋଚନ ପ୍ରଧାନ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଯୋଶୀ, ସୁକାନ୍ତ ଦାଶ, କୃପାସିନ୍ଧୁ ମଲ୍ଲିକ, ବନ୍ଦିତା ଦାସ, ରଶ୍ମିରେଖା ମିଶ୍ର ଓ ଜନ୍ମେଜୟ ପ୍ରଜାପତି ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ମୌସୁମୀ ଦାସ ଗଳ୍ପ ଓ ସୁଶାନ୍ତ ଧର ପ୍ରବନ୍ଧ ପାଠ କରିଥିଲେ। ପରିଷଦର ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ସହ ପରିଷଦର ମୁଖପତ୍ର 'ସୃଜନର ପାହାଚ'ର ସଫଳ ପ୍ରକାଶନ ଆଗାମୀ ଦିନରେ କିପରି ସୁରୁଖୁରୁରେ ହେବ, ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ସହଯୋଗ କରିଥିଲେ ପ୍ରଦ୍ୟୁମ୍ନ କୁମାର ମୁଦୁଲି ଓ ସୁସ୍ମିତା ମିଶ୍ର। ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ମାଙ୍ଗଳିକା ଦାସ। ପରିଷଦର ୟୁ ଟ୍ୟୁବ ପତ୍ରିକାର ପ୍ରଚାର ପ୍ରସାର ପାଇଁ ସମସ୍ତେ ଯତ୍ନବାନ ହେବାକୁ ସାଧାରଣ ସମ୍ପାଦକ ନିବେଦନ କରିଥିଲେ।

# ଫୁଟିଲା ୧୦ ରାଉଣ୍ଡ୍ ଗୁଳି, ଜଣେ ଅଟକ

**କେନ୍ଦ୍ରାପଡ଼ା,୩୦।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାରେ ଫୁଟିଛି ଗୁଳି। ଦାଦା ବଟିକୁ ନେଇ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ରଣପଡ଼ା ଓ ଟାଉନ ହାଇସ୍କୁଲ ପଡ଼ିଆରେ ଆଜି ସନ୍ଧ୍ୟାରେ ଫୁଟିଛି ୧୦ ରାଉଣ୍ଡ୍ ଗୁଳି। ଏଥିରେ କେହି ଆହତ ହୋଇନଥିବା ବେଳେ ପୁଲିସ୍ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେହିପରି ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ଭୟଭୀତ କରିବା ସକାଶେ ଏପରି ଗୁଳିକାଣ୍ଡ ଘଟଣା ଘଟାଇଥିବା ସ୍ଥାନୀୟ ପୁଲିସ୍ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନାନୁସାରେ, ରଣପଡ଼ାରେ ଏକ ମସ୍‌ଜିଦର ଉନ୍ନତିକରଣ କାର୍ଯ୍ୟ ଚାଲିଛି। ଏହାର ନିର୍ମାଣ ଦାୟିତ୍ୱ ଜଣେ କାଉନସିଲର ନେଇଛନ୍ତି। କାଉନସିଲରଙ୍କ ଶାଳକ ଉକ୍ତ କାମ ବୁଝାବୁଝି କରୁଛନ୍ତି। କିଛିଦିନ ତଳେ ଅପରାଧୀ ଗୋଷ୍ଠୀର ସଦସ୍ୟମାନେ କାଉନସିଲରଙ୍କ ଶାଳକଙ୍କୁ ଦାଦା ବଟି ମାଗିଥିଲେ। କିନ୍ତୁ ସେ କାଉନସିଲର୍‌ଙ୍କୁ ଏ ବିଷୟରେ କହିବା ସକାଶେ ପରାମର୍ଶ ଦେଇଥିଲେ। ତେବେ ଏଥିରେ ଉତ୍ୟକ୍ତ ହୋଇ ଅପରାଧୀ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରୁ ଜଣେ ପ୍ରଥମେ ରଣପଡ଼ା ମସଜିଦ ନିକଟରେ ମାଟିକୁ ଲକ୍ଷ୍ୟ କରି ୫ ରାଉଣ୍ଡ ଗୁଳି ଚଳାଇଥିଲେ। ଏହାପରେ ସେ ନିକଟସ୍ଥ ଟାଉନ ହାଇସ୍କୁଲ ପଡ଼ିଆରେ ପହଞ୍ଚି ସେଠାରେ କାଉନସିଲର ଛିଡ଼ା ହୋଇଥିବା ଅନୁମାନ କରି ଉକ୍ତ ଯୁବକ ଜଣଙ୍କ ପୁଣି ୫ ରାଉଣ୍ଡ୍ ଗୁଳି ଚଳାଇଥିଲେ। ଏନେଇ ଖବର ପାଇ କେନ୍ଦ୍ରାପଡ଼ା ଟାଉନ୍ ଥାନା ପୁଲିସ ଓ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହି ଖୋଖା ଜବତ କରିଥିଲେ। ଏଥିସହ ଗୁଳି ଚଳାଇଥିବା ସନ୍ଦେହରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଏସପିଙ୍କ ପରେ ବଦଳିଲେ ଅତିରିକ୍ତ ଏସପି ଓ ଡିଏସପି

# ୫୮ ବରିଷ୍ଠ ଓପିଏଏସ ଅଫିସରଙ୍କ ବଦଳି

**ଭୁବନେଶ୍ୱର, ୩୦।୫ (ସଂଚାର ବ୍ୟୁରୋ):** ଜିଲ୍ଲା ଏସପି ସ୍ତରରେ ବଦଳିର ସପ୍ତାହେ ନପୂରୁଣୁ ବରିଷ୍ଠ ଓପିଏଏସ ଅଫିସର ସ୍ତରରେ ବଦଳି କରିଛନ୍ତି ରାଜ୍ୟ ସରକାର। ମୋଟ ୫୮ ଜଣ ବରିଷ୍ଠ ପୁଲିସ ଅଫିସରଙ୍କୁ ବିଭିନ୍ନ

**ସାହିତ୍ୟ ଏକାଡେମୀ ସଚିବ ପଦରୁ ହଟିଲେ ଚନ୍ଦ୍ରଶେଖର**

ସ୍ଥାନକୁ ବଦଳି କରାଯାଇଛି। ଆଜି ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଭାବେ ବରିଷ୍ଠ ଓପିଏସ୍ ଅଫିସର ଚନ୍ଦ୍ରଶେଖର ହୋତାଙ୍କୁ ଅବସ୍ଥାପିତ କରିଥିଲେ। ମାତ୍ର ଆଜି ତାଙ୍କୁ ସେଠାରୁ ହଟାଇ କନ୍ଧମାଳର ଅତିରିକ୍ତ ଏସପି ଭାବେ ଅବସ୍ଥାପିତ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ ସରକାର ଏଭଳି ବ୍ୟାପକ ସ୍ତରରେ ବଦଳି କରିଥିବା ଚର୍ଚ୍ଚା ହେଉଛି।



ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ, ୧୨ ଜଣ ବରିଷ୍ଠ ଅତିରିକ୍ତ ଏସପି ପାହ୍ୟାର ଅଧିକାରୀଙ୍କୁ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି କାର୍ଯ୍ୟାଳୟର ଅତିରିକ୍ତ ଏସପି, ହରେକୃଷ୍ଣ ମାଝୀଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସପି, ମନୋଜ କୁମାର ସାମନ୍ତଙ୍କୁ କୋରାପୁଟ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟର ଅତିରିକ୍ତ ଏସପି ଓ ସୁଶାନ୍ତ କୁମାର ସେନଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି। ସେହିପରି ଦେବଜିତ ଭଟ୍ଟାଚାର୍ଯ୍ୟ ଓ ସୁଜିତ କୁମାର ପଣ୍ଡାଙ୍କୁ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁରେ ସଂଯୁକ୍ତ କରାଯାଇ ରାଜ୍ୟ ପୁଲିସ ମୁଖ୍ୟାଳୟ କଟକର ଅତିରିକ୍ତ ଏସପି କରାଯାଇଥିବା ବେଳେ ସୁଦର୍ଶନ ଦାଶଙ୍କୁ କଟକ ଏଚଆରପିସି ଅତିରିକ୍ତ ଏସପି, ଜ୍ୟୋତିର୍ମୟ ଭୁକ୍ତାଙ୍କୁ ଭୁବନେଶ୍ୱର-କଟକ ପୁଲିସ କମିଶନରେଟର ଅତିରିକ୍ତ ଡିସିପି, ଅଭିଷେକ ପାଣିଗ୍ରାହୀଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଏସପି ଓ ସୀମା ସ୍ୱାଇଁଙ୍କୁ ନବରଙ୍ଗପୁର ଅତିରିକ୍ତ ଏସପି ଏବଂ ଗାୟତ୍ରୀ ପ୍ରଧାନଙ୍କୁ ଭଦ୍ରକର ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି। ଏହାଛଡ଼ା ଭୁବନେଶ୍ୱର ସିଏଡବ୍ଲ୍ୟୁ, ସିଡବ୍ଲ୍ୟୁରେ କାର୍ଯ୍ୟରତ ଡିଏସପି ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କୁ ଘଟଗାଁ ଏସଡିପିଓ ଭାବେ ବଦଳି କରାଯାଇଛି। ଏମାନଙ୍କ ବ୍ୟତୀତ ଅତିରିକ୍ତ ଏସପି ଭାବେ କାର୍ଯ୍ୟ କରୁଥିବା ୪୫ ଜଣ ବରିଷ୍ଠ ଓପିଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି।

# ବିନା ନିଷ୍କର୍ଷରେ ସରିଲା ସିଚୁଏସନ୍ ରୁମ୍ ଆଲୋଚନା



ୱାଶିଂଟନ୍, ୩୦।୫ଃ ୬୦ ଦିନର ଯୁଦ୍ଧ ବିରତିକୁ ନେଇ ନୂତନ ଭାବେ ପ୍ରସ୍ତୁତ ଚିଠା ପ୍ରସ୍ତାବ ଉପରେ ହ୍ୱାଇଟ୍ ହାଉସ୍ ଶୁକ୍ରବାର ମୋହର ମାରିବ ବୋଲି ବିଶ୍ୱବ୍ୟାପୀ ଯେଉଁ ଆଶା କରାଯାଉଥିଲା ତାହା ମଉଳି ଯାଇଛି। ଶୁକ୍ରବାର ଇରାନ ଓ ଆମେରିକା ପ୍ରତିନିଧିମଣ୍ଡଳୀଙ୍କ ଦ୍ୱାରା ଚୂଡ଼ାନ୍ତ କରାଯାଇଥିବା ପ୍ରସ୍ତାବିତ ଚିଠା ପ୍ରସ୍ତାବ ଉପରେ ଆଲୋଚନା କରି ଚୂଡ଼ାନ୍ତ ନିର୍ଣ୍ଣୟ ନେବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଘୋଷଣା କରିଥିଲେ ଓ ହ୍ୱାଇଟ୍ ହାଉସର ସୁରକ୍ଷିତ 'ସିଚୁଏସନ୍ ରୁମ୍' ଭିତରକୁ ଆଲୋଚନା ପାଇଁ ଯାଇଥିଲେ। ମାତ୍ର ସେହି ପ୍ରକ୍ରିୟାର ଚବିଶ ଘଣ୍ଟା ବିତିଯାଇଥିଲେ ମଧ୍ୟ ଟ୍ରମ୍ପଙ୍କ ପକ୍ଷରୁ କୌଣସି ବିବୃତ୍ତି ମିଳିପାରିନାହିଁ। ଏଥିରୁ ସିଚୁଏସନ୍ ରୁମ୍ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଥିବା ସ୍ପଷ୍ଟ ହୋଇଛି।

ସୂଚନାଯୋଗ୍ୟ ଯେ, ଇରାନ ସହିତ ଯୁଦ୍ଧବିରତି ବୃଦ୍ଧି ପାଇଁ ଏକ ଢାଞ୍ଚା ସମ୍ପର୍କରେ 'ଚୂଡ଼ାନ୍ତ ନିର୍ଣ୍ଣୟ' ନେବା ପାଇଁ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୀର୍ଷ ସହାୟକମାନଙ୍କ ସହ ଏକ ବୈଠକ ହୋଇଥିଲା, କିନ୍ତୁ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟତା ବିନା ଏହା ଶେଷ ହୋଇଥିଲା। ସେ କହିଥିଲେ ଯେ, ଇରାନ୍ କେବେ ବି ପରମାଣୁ ଅସ୍ତ୍ର ରଖିବ ନାହିଁ କିମ୍ବା ଭବିଷ୍ୟତରେ ପରମାଣୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବନାହିଁ ବୋଲି ଇରାନ୍ ପ୍ରତିଶ୍ରୁତି ଦେବା ଆବଶ୍ୟକ। ଦୁଇଦେଶର ପ୍ରତିନିଧି ପ୍ରସ୍ତାବିତ ଯୁଦ୍ଧବିରତି ରାଜିନାମା ଉପରେ ସହମତ ହୋଇଥିବା ବେଳେ ଟ୍ରମ୍ପଙ୍କ ନିରବତା ପୁଣିଥରେ ବିଶ୍ୱକୁ ମଧ୍ୟପ୍ରାଚ୍ୟର ଅନିଶ୍ଚିତତା ଭିତରକୁ ଟାଣିନେଇଛି।

# ମାସକ ପାଇଁ ପର୍ଯ୍ୟାପ୍ତ ଏଲପିଜି ଗଚ୍ଛିତ ରଖ

## ତୈଳ ବିପଣନକାରୀ କମ୍ପାନୀଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

- ଆଗକୁ ସଂକଟ ଉତ୍କଟ ହେବା ଆଶଙ୍କା
- ଦେଶରେ ଏବେ ରହିଛି ପର୍ଯ୍ୟାପ୍ତ ଷ୍ଟକ୍




ନୂଆଦିଲ୍ଲୀ, ୩୦।୫ଃପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତ୍ତେଜନା ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିଛି। ୬୦ ଦିନିଆ ଯୁଦ୍ଧବିରତି ଚୁକ୍ତି ପ୍ରସ୍ତାବକୁ ନେଇ ଆମେରିକା ଓ ଇରାନ୍ କୌଣସି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରୁନାହାନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଏହି ଅନିଶ୍ଚିତତା ଆଗକୁ ଉତ୍କଟ ରୂପ ଧାରଣ କରିବା ସହିତ ବିଶ୍ୱଶକ୍ତି ସଂକଟକୁ ଅଧିକ ଘନୀଭୂତ କରିବ ବୋଲି ଆଶଙ୍କା କରି କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକୁ ଅତି କମ୍‌ରେ ୩୦ ଦିନ ପାଇଁ ପର୍ଯ୍ୟାପ୍ତ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ (ଏଲପିଜି) ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦ୍ୱାରା ଇଣ୍ଡିଆନ ଅଏଲ୍ କର୍ପୋରେସନ (ଆଇଓଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ) ଭଳି ଦେଶର ପ୍ରମୁଖ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକୁ ଏହି ନିର୍ଦ୍ଦେଶ ଜାରି କରାଯିବା ସହ ସେମାନେ ସେମାନଙ୍କ ନିକଟରେ ପର୍ଯ୍ୟାପ୍ତ ତୈଳ ଗଚ୍ଛିତ (ବଫର ଷ୍ଟକ୍) କରିବାକୁ ଓ ଦେଶରେ ଯେପରି ତୈଳ ଓ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ନହୁଏ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ, ସରକାର ଦେଶରେ କ୍ରୁଡ୍ ତୈଳ ସଂରକ୍ଷଣ କ୍ଷମତାକୁ ବୃଦ୍ଧି କରୁଛନ୍ତି। ତୈଳର ରଣନୈତିକ ଭଣ୍ଡାର ସୃଷ୍ଟି କରୁଛନ୍ତି। ଭାରତକୁ ସମ୍ଭାବ୍ୟ ଯୋଗାଣ ପ୍ରତିବନ୍ଧକରୁ ସୁରକ୍ଷିତ କରିବା ପାଇଁ ଭାରତ ସରକାର ସବୁ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି।

ସେ ଆହୁରି କହିଛନ୍ତି ଯେ, ଭାରତରେ ବର୍ତ୍ତମାନ ପେଟ୍ରୋଲ, ଡିଜେଲ, ଏଲପିଜି, ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସର ପର୍ଯ୍ୟାପ୍ତ ଷ୍ଟକ୍ ରହିଛି। ରିଫାଇନାରୀଗୁଡ଼ିକ ସର୍ବକାଳୀନ ସର୍ବାଧିକସ୍ତରରେ କାର୍ଯ୍ୟ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଏଲପିଜି ଉତ୍ପାଦନ ଦୈନିକ ପ୍ରାୟ ୯୨,୦୦୦ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି।

ସରକାର ଏହା ମଧ୍ୟ କହିଛନ୍ତି ଯେ, ବିତରକ ସ୍ତରରେ କୌଣସି ଏଲପିଜି ଯୋଗାଣ ଅଭାବ ରିପୋର୍ଟ ହୋଇନାହିଁ। ଏହାକୁ ନିଶ୍ଚିତ କରିବା ପାଇଁ ଉଚ୍ଚସ୍ତରର ଡିଜିଟାଲ୍ ଟ୍ରାକିଂ ଏବଂ ପ୍ରମାଣୀକରଣ ସହିତ ବିତରଣ ବ୍ୟବସ୍ଥାକୁ ସ୍ଥିର ରଖାଯାଇଛି। ଦେଶରେ ଏଲପିଜିର କୃତ୍ରିମ ଅଭାବ ସୃଷ୍ଟି ହେବାର ସମ୍ଭାବନା ନାହିଁ। ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକ ଦେଶସାରା ଇନ୍ଧନର ସୁଗମ ବଣ୍ଟନ ଏବଂ ଗଚ୍ଛିତ ରଖିବା ପାଇଁ ସେମାନଙ୍କର ଯାଞ୍ଚ ପ୍ରକ୍ରିୟାକୁ ତୀବ୍ର କରିଛନ୍ତି ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏଭଳି ପରିପ୍ରେକ୍ଷୀରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଉପସାଗରୀୟ କ୍ଷେତ୍ରର ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ବିଶ୍ୱସ୍ତରରେ ବୃଦ୍ଧିପାଉଥିବା ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ଭାରତକୁ କିପରି ସୁରକ୍ଷିତ ରଖାଯାଇପାରିବ ସେଥିଲାଗି କୂଟନୈତିକ ମିଶନ ଜାରି ରହିଛି।

# ଭାରତ ଓ ସିଙ୍ଗାପୁର ପ୍ରତିରକ୍ଷା ସହଯୋଗ ବୈଠକ



ସିଙ୍ଗାପୁର,୩୦।୫ଃ ଭାରତ ଏବଂ ସିଙ୍ଗାପୁର ପ୍ରତିରକ୍ଷା ସହଯୋଗ, ମିଳିତ ସୁରକ୍ଷା ତଥା ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ବ୍ୟାପକ ଆଲୋଚନା କରିଛନ୍ତି। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ସିଙ୍ଗାପୁରର ସ୍ଥାୟୀ ସଚିବ (ପ୍ରତିରକ୍ଷା) ଜୋସେଫ ଲିଓଙ୍ଗଙ୍କ ସହ ୧୬ଶ ପ୍ରତିରକ୍ଷା ନୀତି ଆଲୋଚନାରେ ସହ-ଅଧ୍ୟକ୍ଷତା କରିଥିଲେ। ପ୍ରତିରକ୍ଷା ସହଯୋଗ, ମିଳିତ ସୁରକ୍ଷା ଓ ଦୁଇଦେଶ ମଧ୍ୟରେ ରଣନୈତିକ ସମ୍ପର୍କକୁ ଅଧିକ ମଜଭୁତ କରିବା ପାଇଁ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ବ୍ୟାପକ ଆଲୋଚନା ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ସୋସିଆଲ ମିଡ଼ିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଏହି ଅବସରରେ ଭାରତର ପ୍ରତିରକ୍ଷା ସଚିବ ସିଙ୍ଗାପୁର ସଶସ୍ତ୍ର ବାହିନୀର ଡିଜିଟାଲ୍ ଏବଂ ଗୁଇନ୍ଦା ସେବା ଡିଜିଟାଲ୍ ଅପରେସନ୍ସ ଟେକ୍ନୋଲୋଜି ସେଣ୍ଟର ପରିଦର୍ଶନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଗସ୍ତ ସିଙ୍ଗାପୁରର ଉନ୍ନତ ଡିଜିଟାଲ୍ ଏବଂ ବୈଷୟିକ କ୍ଷମତା ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବା ସହିତ ଯୁଦ୍ଧର ସ୍ୱତନ୍ତ୍ର ତଥା ଉଦୀୟମାନ କ୍ଷେତ୍ରରେ ଭାରତୀୟ ସଶସ୍ତ୍ର ବାହିନୀ ସହିତ ସହଯୋଗ ପାଇଁ ମାର୍ଗ ପରିଷ୍କୃତ କରିବ ବୋଲି ଆଶା କରାଯାଉଛି।

ବୈଠକ ଅବସରରେ ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ସିଙ୍ଗାପୁର ଏବଂ ଭାରତ ମଧ୍ୟରେ ଏକ ମଜଭୁତ ଓ ଦୀର୍ଘସ୍ଥାୟୀ ପ୍ରତିରକ୍ଷା ସମ୍ପର୍କର ପୁନଃନିର୍ମାଣ ଉପରେ ଆଲୋକପାତ କରିଥିଲେ। ଶନିବାର ସିଂହ ବାର୍ଷିକ ତିନି ଦିନିଆ ଶାଙ୍ଗ୍ରି ଲା ଡାଏଲଗକୁ ସମ୍ବୋଧିତ କରିବେ ବୋଲି ଲଣ୍ଡନସ୍ଥିତ ଆୟୋଜକ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ କହିଛି। ସୂଚନାଯୋଗ୍ୟ ଯେ, ୫୪ ଜଣିଆ ମନ୍ତ୍ରୀସ୍ତରୀୟ ପ୍ରତିନିଧିଙ୍କ ସମେତ ୪୪ଟି ଦେଶ ସିଙ୍ଗାପୁରର ଶାଙ୍ଗ୍ରି-ଲା ହୋଟେଲରେ ୨୯ତମ ଶାଙ୍ଗ୍ରି-ଲା ଡାଏଲଗରେ ଯୋଗଦେଇଛନ୍ତି। ଏହା ମେ' ୩୧ ଯାଏ ଅନୁଷ୍ଠିତ ହେବ।

# ରାଜସ୍ଥାନରେ ଧୂଳିଝଡ଼ ଓ ଶିଳାବୃଷ୍ଟି



ଜୟପୁର,୩୦।୫ଃ ରାଜସ୍ଥାନରେ ପ୍ରବଳ ଧୂଳିଝଡ଼ ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଛି। ବିଶେଷକରି ଶ୍ରୀଗଙ୍ଗାନଗର, ଚୁରୁ ଏବଂ ବିକାନେର ଜିଲ୍ଲାରେ ଶକ୍ତିଶାଳୀ ଧୂଳିଝଡ଼, ବର୍ଷା ଏବଂ ଶିଳାବୃଷ୍ଟି ହେବା ସହ ସାଧାରଣ ଜୀବନକୁ ବ୍ୟତିବ୍ୟସ୍ତ କରିପକାଇଛି। ଏଥିସହିତ ରାଜସ୍ଥାନର ଅନେକ ଅଞ୍ଚଳରେ ପ୍ରତିକୂଳ ପାଗ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ପବନ ଯୋଗୁ ଧୂଳିଝଡ଼ ହେବାରୁ କିଛି ରାସ୍ତାଘାଟ, ଗାଁ ସହର କିଛି ଦେଖା ଯାଇ ନଥିଲା। ଏହା ପରିବହନକୁ ପ୍ରଭାବିତ କରିବା ସହିତ ଅନେକ ଅଞ୍ଚଳରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥିଲା। ଚୁରୁରେ କଳା-ହଳଦିଆ ବାଲିଝଡ଼ ଦେଖାଯାଇଥିଲା ଯାହା ଦିନବେଳେ ସମ୍ପୂର୍ଣ୍ଣ ଅଞ୍ଚଳକୁ ଅନ୍ଧାରରେ ଢାଙ୍କି ପକାଇଥିଲା।

# ୯୮ ପ୍ରତିଶତ ପ୍ରଦୂଷିତ ଇନ୍ଦୋର ପାଣି



ଇନ୍ଦୋର,୩୦।୫ଃ ଅତୀତରେ ବହୁବାର ଇନ୍ଦୋରକୁ ସବୁଠାରୁ ସ୍ୱଚ୍ଛ ସହର ଭାବରେ ଆଖ୍ୟା ଦିଆଯାଇଥିବା ବେଳେ ଇନ୍ଦୋରରୁ ସଂଗୃହୀତ ହୋଇଥିବା ୨୪୦ଟି ପାନୀୟ ଜଳ ନମୁନା ମଧ୍ୟରୁ ପ୍ରାୟ ୯୮ ପ୍ରତିଶତ ପ୍ରଦୂଷିତ ବୋଲି ଶୁକ୍ରବାର କଂଗ୍ରେସ ଦାବି କରିଛି। ତେବେ ସ୍ଥାନୀୟ ମେୟର ଏହି ଦାବିକୁ ଭ୍ରମାତ୍ମକ ବୋଲି କହିବା ସହିତ ଏପରି କହି ଇନ୍ଦୋରର ଛବିକୁ ବିରୋଧୀ ଖରାପ କରିବାକୁ ଷଡ଼ଯନ୍ତ୍ର କରୁଛି ବୋଲି କହିଛନ୍ତି। ମଧ୍ୟପ୍ରଦେଶ କଂଗ୍ରେସ ମୁଖ୍ୟ ଜିତୁ ପଟୱାରୀ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ୨୦୨୫ ଡିସେମ୍ବରରେ ଭାଗୀରଥପୁର ଅଞ୍ଚଳରେ ପାନୀୟ ଜଳ ପ୍ରଦୂଷଣ ଯୋଗୁ କିଛିଲୋକଙ୍କର ମୃତ୍ୟୁ ହେବା ପରେ ଦଳ ପକ୍ଷରୁ ୨୯ଟି ୱାର୍ଡରୁ ୨୪୦ ଟି ନମୁନା ସଂଗ୍ରହ କରିଯାଇଥିଲା। ନୋଏଡାର ଏକ ପ୍ରୟୋଗଶାଳାରେ ଏହି ସବୁକୁ ପରୀକ୍ଷା କରାଯିବା ପରେ ସଂଗୃହୀତ ନମୁନାଗୁଡ଼ିକ ମଧ୍ୟରୁ ୯୮ ପ୍ରତିଶତ ପ୍ରଦୂଷିତ ଥିବା ଜାଣିବାକୁ ମିଳିଛି। ପାଣିରେ ଇ. କୋଲି ଏବଂ କୋଲିଫର୍ମ ଭଳି ଜୀବାଣୁ ସହିତ କ୍ୟାଲସିୟମ କାର୍ବୋନେଟ, କ୍ଲୋରାଇଡ ଏବଂ ସଲଫେଟ୍ ଗୋଷ୍ଠୀର ରାସାୟନିକ ପଦାର୍ଥ ନିର୍ଦ୍ଧାରିତ ସୀମାଠାରୁ ଅନେକ ଗୁଣ ଅଧିକ ରହିଥିବା କଂଗ୍ରେସ ନେତା ଦାବି କରିଛନ୍ତି।

# ଦ୍ୱିଶା ଶର୍ମା ମୃତ୍ୟୁ ମାମଲା: 'ଟନେଲ୍ ଭିୟୁ ତଦନ୍ତ' ପଦ୍ଧତି ଉପଯୋଗ କରିବ ସିବିଆଇ





ନୂଆଦିଲ୍ଲୀ, ୩୦।୫ଃ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଭିନେତ୍ରୀ ତଥା ମଡେଲ ଦ୍ୱିଶା ଶର୍ମାଙ୍କ ସ୍ୱାମୀ ସମର୍ଥ ସିଂହ ଓ ଶାଶୂ ଅବସରପ୍ରାପ୍ତ ବିଚାରପତି ଗିରିବାଳା ସିଂହଙ୍କୁ ଦ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ତଦନ୍ତକାରୀ ସଂସ୍ଥା ପ୍ରତ୍ୟେକ ଅଭିଯୁକ୍ତଙ୍କ ପାଇଁ ଦାବି କରିଥିବା ପାଞ୍ଚଦିନର ପୋଲିସ ରିମାଣ୍ଡକୁ କୋର୍ଟ ମଞ୍ଜୁର କରିଛନ୍ତି। ପ୍ରତିପକ୍ଷ ତରଫରୁ ରିମାଣ୍ଡ ଆବେଦନକୁ ନେଇ କୌଣସି ବିରୋଧ କରାଯାଇନାହିଁ।

ଉଭୟ ଅଭିଯୁକ୍ତ ତଦନ୍ତରେ ପୂର୍ଣ୍ଣ ସହଯୋଗ କରୁନାହାନ୍ତି ବୋଲି ସିବିଆଇ କୋର୍ଟ ସାମ୍ନାର ଦାଖଲ କରିଥିବା ରିପୋର୍ଟରେ ଦର୍ଶାଇଛି। ସିବିଆଇ କହିଛି ଯେ, ଉଭୟ ଅଭିଯୁକ୍ତଙ୍କ ବୟାନରେ କୌଣସି ତାଳମେଳ ରହୁନାହିଁ। ଉଭୟ ଅଭିଯୁକ୍ତଙ୍କ ଲାଗି ହାଜତ ଜେରାର ଆବଶ୍ୟକତା ରହିଛି। ସିବିଆଇ ଉଭୟ ସମର୍ଥ ସିଂହ ଓ ତାଙ୍କ ମାଆ ଗିରିବାଳା ସିଂହଙ୍କୁ ମୁହାଁମୁହିଁ ଜେରା କରିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହୋଇଛି।

ମୃତ୍ୟୁ ପୂର୍ବରୁ ଦ୍ୱିଶା ଶର୍ମାଙ୍କ ଶେଷ ଘଣ୍ଟାଗୁଡ଼ିକ କିପରି ଥିଲା ତାହା ଜାଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ସଂସ୍ଥା 'ଟନେଲ୍ ଭିୟୁ ତଦନ୍ତ' ପଦ୍ଧତିର ଉପଯୋଗ କରିବାକୁ ଯାଉଥିବା ଜଣା ପଡ଼ିଛି। ଏହାଦ୍ୱାରା ମରିବା ଆଗରୁ ଦ୍ୱିଶା କ'ଣ କରୁଥିଲେ, ତାଙ୍କର ମାନସିକସ୍ଥିତି କିପରିଥିଲା ତାହାର ପୁନଃନିର୍ମାଣ କରାଯାଇପାରିବ। ଏଥିପାଇଁ ସିସିଟିଭି ଫୁଟେଜ୍, ମୋବାଇଲ୍ ଫୋନ୍ ଡାଟା, ୱାଇ-ଫାଇ ଲଗ୍, କଲ୍ ଡିଟେଲ୍ ରେକର୍ଡ ଏବଂ ତିନି ମହଲା ବାସଭବନର ଫୋରେନ୍ସିକ୍ ମ୍ୟାପିଂ ବ୍ୟବହାର କରି ତଦନ୍ତକାରୀମାନେ ମୃତ୍ୟୁ ପୂର୍ବରୁ ଦ୍ୱିଶାଙ୍କ ଗତିବିଧି ଓ କାର୍ଯ୍ୟକଳାପ କିପରିଥିଲା ତାହାର ଏକ ଭର୍ଚୁଆଲ୍ ଟାଇମଲାଇନ୍ ତିଆରି କରାଯାଉଛି। ସେତିକିନୁହେଁ, ଦ୍ୱିଶାଙ୍କ ଚରମ ସମୟର ଆନୁମାନିକ ତଥ୍ୟ ହାସଲ ପାଇଁ ସିବିଆଇ ଦ୍ୱିଶାଙ୍କ ଶାଶୂଘରେ ତାଙ୍କର ଏକ 'ଡିଜିଟାଲ ଅବତାର' ମଧ୍ୟ ପ୍ରସ୍ତୁତ କରିଛି। ଏହି ପୁନଃନିର୍ମାଣ ସାକ୍ଷୀଙ୍କ ବୟାନରେ ଅସଙ୍ଗତି, ସନ୍ଦେହଜନକ କାର୍ଯ୍ୟକଳାପ ଏବଂ ଘଟଣା କ୍ରମରେ ସମ୍ଭାବ୍ୟ ବ୍ୟବଧାନ ଚିହ୍ନଟ କରିବାରେ ସାହାଯ୍ୟ କରିବ ବୋଲି ତଦନ୍ତକାରୀ ସଂସ୍ଥା ଆଶା ରଖିଛି।

# ଅଭିଷେକ ବାନାର୍ଜୀଙ୍କୁ ପଥର ମାଡ଼



କୋଲକାତା, ୩୦।୫ଃ ପଶ୍ଚିମବଙ୍ଗର ସୋନାରପୁର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନିର୍ବାଚନ ସମୟରେ ହୋଇଥିବା ହିଂସାକାଣ୍ଡର ପୀଡ଼ିତ ପରିବାରବର୍ଗଙ୍କୁ ଭେଟିବା ପାଇଁ ପହଞ୍ଚିଥିବା ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନାର୍ଜୀଙ୍କୁ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ସାମ୍ନା କରିବାକୁ ପଡ଼ିଛି। ଉତ୍ତ୍ୟକ୍ତ ଲୋକେ ତାଙ୍କ ଉପରେ ଆକ୍ରମଣ କରିବା ସହ ପଥରମାଡ଼ କରିଛନ୍ତି। ପରିସ୍ଥିତି ଏଭଳି ଜଟିଳ ହୋଇଗଲା ଯେ, ନିଜ ସୁରକ୍ଷା ପାଇଁ ଅଭିଷେକ ବାନାର୍ଜୀଙ୍କୁ ମୁଣ୍ଡରେ ହେଲମେଟ ପିନ୍ଧି ସେଠାରୁ ଦୌଡ଼ି ପଳାଇବାକୁ ପଡ଼ିଛି। ଏହି ସଂଘର୍ଷ ଏବଂ ଆକ୍ରମଣ ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିକ୍ରିୟା ଦେଇ ସାଂସଦ ଅଭିଷେକ ବାନାର୍ଜୀ ଏଥିପାଇଁ ଭାରତୀୟ ଜନତା ପାର୍ଟି (ବିଜେପି)କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଏହି ସମସ୍ତ ଆକ୍ରମଣ ବିଜେପି ଦ୍ୱାରା ଯୋଜନାବଦ୍ଧ ଭାବେ କରାଯାଇଛି। ବିଜେପି କେଉଁଭଳି ଗଣତନ୍ତ୍ରରେ ବିଶ୍ୱାସ କରେ, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ। ସେମାନେ କେବଳ ହିଂସା ସୃଷ୍ଟି କରିବା ଜାଣନ୍ତି।

# ଇବୋଲା ପ୍ରକୋପ

## ଭାରତ ପଠାଇଲା ପ୍ରଥମ ପର୍ଯ୍ୟାୟ ଚିକିତ୍ସା ସାମଗ୍ରୀ



ନୂଆଦିଲ୍ଲୀ,୩୦।୫: କଙ୍ଗୋ ଗଣରାଜ୍ୟ ସମେତ ଆଫ୍ରିକାର ତିନୋଟି ଦେଶରେ ଇବୋଲା ଭୟଙ୍କର ରୂପ ଧାରଣ କରିଥିବା ବେଳେ ଭାରତ ପକ୍ଷରୁ ଆଫ୍ରିକା ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର (ଆଫ୍ରିକା ସିଡିସି)କୁ ପ୍ରଥମ ପର୍ଯ୍ୟାୟ ଚିକିତ୍ସା ସାମଗ୍ରୀ ପଠା ଯାଇଥିବା ଶୁକ୍ରବାର ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି।

ମେ' ୧୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଓ ଉଗାଣ୍ଡାରେ ଇବୋଲା ପ୍ରକୋପକୁ ଆନ୍ତର୍ଜାତୀୟ ଚିନ୍ତାର କାରଣ ବୋଲି ଦର୍ଶାଇବା ସହିତ ଏହାକୁ ନେଇ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିଥିଲା।

ଆଫ୍ରିକାର ମହାମାରୀ ସମୟରେ ଭାରତ ପକ୍ଷରୁ କୌଣସି ଚିକିତ୍ସା ସହାୟତା ପଠାଯାଇଛି କି ବୋଲି ବୋଲି ସାପ୍ତାହିକ ନ୍ୟୁଜ୍ ବ୍ରିଫିଙ୍ଗ୍ ବେଳେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲଙ୍କୁ ପଚରାଯାଇଥିଲା। ସେ ଏହି ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ଆମେ ସିଡିସି ଆଫ୍ରିକାକୁ ପ୍ରଥମ ପର୍ଯ୍ୟାୟ ଚିକିତ୍ସା ସାମଗ୍ରୀ ପଠାଇଛୁ।

ଉଗାଣ୍ଡାରେ ଥିବା ଆମର ହାଇକମିଶନର ସେଠାକାର ସିଡିସି କାର୍ଯ୍ୟାଳୟକୁ ସେସବୁ ହସ୍ତାନ୍ତର କରିଛନ୍ତି। ଆମେ ମହାମାରୀ କବଳିତ ଦେଶଗୁଡ଼ିକ ସହିତ ଓ ସିଡିସି ସହିତ ଯୋଗାଯୋଗରେ ଅଛୁ। ଏଥିସହିତ ସାହାଯ୍ୟ ପ୍ରଦାନ କରିବାକୁ ଅପେକ୍ଷା କରିଛୁ।

# ୪ଦିନିଆ ଭାରତ ଗସ୍ତରେ ମିଆଁମାର ରାଷ୍ଟ୍ରପତି



ନୂଆଦିଲ୍ଲୀ,୩୦।୫ଃ ଚାରିଦିନିଆ ଭାରତ ଗସ୍ତରେ ଆସିବେ ମିଆଁମାରର ନବନିର୍ବାଚିତ ରାଷ୍ଟ୍ରପତି ମିନ୍ ଅଙ୍ଗ ହ୍ଲାଇଙ୍ଗ୍। ୩୦ ମେ ରୁ ୩ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚାରି ଦିନିଆ ସରକାରୀ ଗସ୍ତରେ ସେ ଭାରତ ଆସିବେ। ବୈଦେଶିକ ମନ୍ତ୍ରଣାଳୟ ଏହି ଘୋଷଣା କରିଛି। ମିଆଁମାର ରାଷ୍ଟ୍ରପତିଙ୍କର ଏହା ପ୍ରଥମ ଭାରତ ଗସ୍ତ ହେବ। ତାଙ୍କ ସହିତ ଅନେକ କ୍ୟାବିନେଟ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ବ୍ୟବସାୟିକ ନେତାଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟ ଯୋଗଦେବେ। ରାଷ୍ଟ୍ରପତି ମିନ୍ ପ୍ରଥମେ ଜୁନ୍ ୧ ତାରିଖରେ ହେବାକୁ ଥିବା ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସ (ଆଇବିସିଏ) ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ଆଫ୍ରିକା ମହାଦେଶର କିଛି ଦେଶରେ ଇବୋଲା ଭାଇରସ୍ ପ୍ରକୋପ ଯୋଗୁଁ ଚତୁର୍ଥ ଭାରତ-ଆଫ୍ରିକା ଫୋରମ୍ ସମ୍ମିଳନୀକୁ ସ୍ଥଗିତ ରଖାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟର ଏକ ବିବୃତ୍ତି ଅନୁଯାୟୀ, ରାଷ୍ଟ୍ରପତି ମିନ୍ ଜୁନ୍ ୧ ରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଦୁଇ ନେତା ଭାରତ ଏବଂ ମିଆଁମାର ମଧ୍ୟରେ ଐତିହାସିକ, ସାଂସ୍କୃତିକ ଏବଂ ସଭ୍ୟତାଗତ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିବେ। ରାଷ୍ଟ୍ରପତି ଏକ ବ୍ୟବସାୟିକ ମଞ୍ଚରେ ମଧ୍ୟ ଅଂଶଗ୍ରହଣ କରିବେ।

## ଏନ୍‌ଡିଏ ପାସିଂ-ଆଉଟ୍ ପରେଡ୍‌ରେ ସ୍ଥଳ ସେନା ମୁଖ୍ୟ

# ଅପରେସନ୍ ସିନ୍ଦୂର ୨.୦ ଲାଗି ୩ ସେନା ପ୍ରସ୍ତୁତ



ପୁଣେ,୩୦।୫ଃ ଅପରେସନ ସିନ୍ଦୂର ବନ୍ଦ ହୋଇନି। କେବଳ ଅସ୍ଥାୟୀ ଭାବେ ବନ୍ଦ ଅଛି। ଅପରେସନ ୨.୦ ଯଦି ହୁଏ ୩ ସେନା ପ୍ରସ୍ତୁତ ଥିବା ସେ କହିଛନ୍ତି। ଶନିବାର ପୁନେର ଖଡକୱାସଲାରେ ଅବସ୍ଥିତ ଏନ୍‌ଡିଏରେ ପାସିଂ-ଆଉଟ୍ ପରେଡ୍ ସମୀକ୍ଷା ପରେ ସାମ୍ବାଦିକମାନଙ୍କୁ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏହା କହିଛନ୍ତି। ଏହି ଅଭିଯାନ ଦେଶର ସାମରିକ ପ୍ରତିକ୍ରିୟା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ମାନଦଣ୍ଡକୁ ବଜାୟ ରଖିବାର ଦାୟିତ୍ୱ ଏବେ ଯୁବ ସାମରିକ ଅଧିକାରୀଙ୍କ ଉପରେ ରହିବ। ପରେଡକୁ ସମ୍ବୋଧିତ କରି ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ଆଜିର ବିଶ୍ୱରେ ସୁରକ୍ଷା ଚ୍ୟାଲେଞ୍ଜଗୁଡ଼ିକ ଦ୍ରୁତ ଗତିରେ ବିକଶିତ ହେଉଛି। ବିପଦଗୁଡ଼ିକ ଆଉ ସର୍ବଦା ୟୁନିଫର୍ମରେ ପ୍ରକାଶ ପାଏ ନାହିଁ କିମ୍ବା ଘୋଷିତ ଫ୍ରଣ୍ଟରୁ ଉଭା ହୁଏ ନାହିଁ। ପ୍ରତିଦ୍ୱନ୍ଦ୍ୱୀ 'ଗ୍ରେ ଜୋନ୍'ଠାରୁ ହାଇ-ଟେମ୍ପୋ ହାଇବ୍ରିଡ୍ ଯୁଦ୍ଧ ପର୍ଯ୍ୟନ୍ତ ବର୍ତ୍ତମାନର ସୁରକ୍ଷା ପରିବେଶ ସୈନିକମାନଙ୍କୁ ଚପଳତା ଏବଂ ରଣନୈତିକ ବୁଦ୍ଧି ସହିତ କାର୍ଯ୍ୟ କରିବାକୁ ଦାବି କରେ।

ସେ କହିଥିଲେ ଯେ 'ଅପରେସନ୍ ସିନ୍ଦୂର' ସମୟରେ ତିନି ସେନା ଦ୍ୱାରା ପ୍ରଦର୍ଶିତ ସମନ୍ୱିତ ଶକ୍ତି ପ୍ରଦର୍ଶନ ତାହାର ପରିଣାମ ଥିଲା, ଯାହାର ମୂଳଦୁଆ ପ୍ରଥମ ଦିନରୁ ଏନ୍‌ଡିଏରେ ସ୍ଥାପିତ ହୋଇଛି। ସେ କ୍ୟାଡେଟମାନଙ୍କୁ ଆହ୍ୱାନ ଦେଇଥିଲେ ଯେ, ଭବିଷ୍ୟତରେ ସେମାନେ ଯେକୌଣସି ସାମରିକ ସେବାରେ ଯୋଗଦାନ କରନ୍ତୁ ନା କାହିଁକି ସେମାନଙ୍କୁ କାନ୍ଧକୁକାନ୍ଧ ମିଶାଇ ଦେଶ ସେବା ଜାରି ରଖିବାକୁ ପଡ଼ିବ। ଏହି ଅବସରକୁ ଭାବପ୍ରବଣ ଏବଂ ଗଭୀର ବ୍ୟକ୍ତିଗତ ଭାବରେ ବର୍ଣ୍ଣନା କରି ଜେନେରାଲ ଦ୍ୱିବେଦୀ ମନେ ପକାଇଥିଲେ ଯେ, ସେ ନିଜେ ୪୨ ବର୍ଷ ପୂର୍ବେ ଏହି କ୍ୱାର୍ଟରଡେକ୍‌ରୁ ବେହୋସ ହୋଇଯାଇଥିଲେ। ଆଜି ମୁଁ ୟୁନିଫର୍ମ ପିନ୍ଧି ମୋ ଜୀବନର ସନ୍ଧ୍ୟା ସମୟରେ ଠିଆହୋଇଛି, ଯେତେବେଳେ ତୁମେ ତୁମର ସାମରିକ ଯାତ୍ରା ଆରମ୍ଭ କରିବାକୁ ଯାଉଛ। ମୁଁ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ କହିପାରିବି ଯେ, ଏଠାରୁ ଆରମ୍ଭ ହେଉଥିବା ଯାତ୍ରା ଜୀବନବ୍ୟାପୀ ତୁମ ସହିତ ରହିବ।

# ରୁଷ୍‌ରେ ମାନବ ଅଙ୍ଗ ରୂପାନ୍ତରଣ ମିଶନ



ମସ୍କୋ,୩୦।୫ଃ ରୁଷ୍‌ର ବୈଜ୍ଞାନିକମାନେ ଏବେ ବାୟୋପ୍ରିଣ୍ଟିଂ ଅର୍ଥାତ୍ ୩ଡି ପ୍ରିଣ୍ଟିଂ ଜରିଆରେ ଜୀବିତ ଟିସ୍ୟୁ ପ୍ରସ୍ତୁତି ଓ ଜିନ୍‌ଗତ ଭାବେ ସଂଶୋଧିତ ଘୁଷୁରି ଶରୀରରେ ମାନବ ଅଙ୍ଗ ବିକାଶ ପ୍ରକ୍ରିୟାରେ କାମ କରୁଛନ୍ତି। ସେମାନେ ପୂର୍ବରୁ ମାନବ କାର୍ଟିଲେଜ ଟିସ୍ୟୁ ଓ ମୂଷାର ଥାଇରଏଡ୍ ଗ୍ରନ୍ଥିକୁ ବାୟୋପ୍ରିଣ୍ଟ କରିସାରିଛନ୍ତି। ୨୦୩୦ ସୁଦ୍ଧା ପୂର୍ଣ୍ଣ ମାନବ ଅଙ୍ଗ ପ୍ରତିରୋପଣ ହାସଲ ସେମାନଙ୍କ ଲକ୍ଷ୍ୟ। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଦୀର୍ଘାୟୁ ଇଚ୍ଛା ସହିତ ଏହି ପ୍ରୋଜେକ୍ଟର ଘନିଷ୍ଟ ସମ୍ପର୍କ ରହିଛି ବୋଲି 'ଦ ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲ' ତା'ର ରିପୋର୍ଟରେ ପ୍ରକାଶ କରିଛି।

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଛବି ବିଶ୍ୱରେ ସ୍ୱତନ୍ତ୍ର। ସେ କେତେବେଳେ ଖାଲି ଦେହରେ ଘୋଡ଼ା ସବାର୍ କରନ୍ତି ତ ଆଉ କେତେବେଳେ ଆଇସ୍ ହକି ଖେଳନ୍ତି। ବିଶ୍ୱ କ୍ଷମତା ରାଜନୀତିର ଏହି ଶିଖର ବ୍ୟକ୍ତିତ୍ୱଙ୍କର ଦୀର୍ଘାୟୁ ହେବାର ଇଚ୍ଛା ରହିଛି ବୋଲି ଜାଣିବାକୁ ମିଳିଛି।

ପୁଟିନ୍‌ଙ୍କ ଏହି ଅଭିଳାଷକୁ କ୍ରେମଲିନ୍ ସମର୍ଥିତ ଏକ ବୈଜ୍ଞାନିକ ଅଭିଯାନ ସଫଳ କରିବାରେ ଲାଗି ପଡ଼ିଛି। ଏହି ବୈଜ୍ଞାନିକ ଗବେଷଣାରେ ଜିନ୍ ଥେରାପି, ଅଙ୍ଗପ୍ରତ୍ୟଙ୍ଗ ପ୍ରିଣ୍ଟିଂ, ଘୁଷୁରି (ମିନି-ପିଗ୍)ଶରୀରରେ ମାନବ ଅଙ୍ଗ ବିକାଶ ଏବଂ ଅତ୍ୟନ୍ତ କମ୍ ତାପମାତ୍ରାଯୁକ୍ତ କ୍ରାୟୋଥେରାପି ମଧ୍ୟ ସାମିଲ ରହିଛି। ଏସବୁ ରୁଷର 'ନ୍ୟୁ ହେଲ୍‌ଥ ପ୍ରିଜର୍ଭେସନ ଟେକ୍ନୋଲୋଜି' ନାମକ ଏକ ବ୍ୟାପକ ସରକାରୀ ଯୋଜନାରେ କ୍ରିୟାନ୍ୱିତ କରାଯାଉଛି। ଗତବର୍ଷ ବେଜିଂରେ ସୈନ୍ୟ ପରେଡ୍ ସମୟରେ ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସାକ୍ଷାତ ବେଳର ଏକ ବାର୍ତ୍ତାଳାପ ରେକର୍ଡ ହୋଇଥିଲା।

# ବୋହୂ ପରିବାରକୁ ଅପମାନ ବନ୍ଦ ହେଉ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୩୦।୫ଃ ଏକ ଯୌତୁକ ନିର୍ଯାତନା ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ବି.ଭି ନାଗରତ୍ନା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି, ପୁଅ ଏବଂ ତାଙ୍କ ପରିବାର ପକ୍ଷରୁ ବୋହୂ ଏବଂ ବୋହୂର ପରିବାରକୁ ଦିଆଯାଉଥିବା ଅପମାନକୁ ବନ୍ଦ କରାଯିବା ଜରୁରି। ପୁଅମାନେ କାହିଁକି ବିବାହ କରନ୍ତି ଏବଂ ପରେ ଝିଅ ଓ ତାଙ୍କ ପରିବାରକୁ ଅପମାନିତ କରନ୍ତି ବୋଲି ସର୍ବୋଚ୍ଚ ଅଦାଲତର ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଥିସହ ଅଭିଯୁକ୍ତ ସ୍ୱାମୀ ପକ୍ଷରୁ ହୋଇଥିବା ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମହିଳା ବିବାହର ୩ ବର୍ଷ ପରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଶୁଣାଣି ବେଳେ ଜଷ୍ଟିସ୍ ନାଗରତ୍ନା କହିଥିଲେ ଯେ, ଝିଅ ଘର ଲୋକଙ୍କୁ ପୁଅ ଘର ଲୋକେ ଭିକାରୀ ବୋଲି କହିଥିଲେ। ଝିଅର ପରିବାର ଲୋକେ ନିଜ ଝିଅକୁ ବଞ୍ଚାଇବାକୁ ଚେଷ୍ଟା କରୁଥିଲେ ଏବଂ ପୁଅ ଘର ଲୋକେ ସେମାନଙ୍କୁ ଭିକାରୀ କହୁଥିଲେ। ଝିଅର ବାପା ଝିଅ ପାଇଁ ତାଙ୍କ ଶାଶୁ ଘରକୁ ୬୦ ହଜାର ଟଙ୍କା ଦେଇପାରିବେ ବୋଲି ବି କହିଥିଲେ। କ୍ରୁରତା ଓ ପ୍ରତାଡ଼ନା ଧାରାରେ ଅଭିଯୁକ୍ତ ସ୍ୱାମୀକୁ ଛତିଶଗଡ଼ ହାଇକୋର୍ଟ ଦେଇଥିବା ଦଣ୍ଡାଦେଶକୁ ପିଟିସନରେ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମକୋର୍ଟ ଏହି ପିଟିସନକୁ ଖାରଜ କରିଦେଇଛନ୍ତି।

# ପଞ୍ଚାୟତ ସ୍ତରରେ ଦୃଢ଼ ଭିତ୍ତିଭୂମି ସ୍ଥାପନ ହେବ: କେନ୍ଦ୍ରମନ୍ତ୍ରୀ



- ଜୁନ୍ ୧ରୁ ଦେଶବ୍ୟାପୀ କ୍ଷେତ ବଚାଓ ଅଭିଯାନ
- ସ୍ୱଳ୍ପ ସାର, ଉପଯୁକ୍ତ ସାର, ଉଚିତ ପରାମର୍ଶ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୩୦।୫: ଜୁନ ୧ରୁ ଆରମ୍ଭ ହେବାକୁ ଥିବା 'କ୍ଷେତ ବଚାଓ ଅଭିଯାନ'କୁ ଏକ ସଚେତନତା କାର୍ଯ୍ୟକ୍ରମ ନୁହେଁ; ଚାଷୀଙ୍କ ପାଇଁ ଏକ ବ୍ୟାପକ ଜାତୀୟ ଆନ୍ଦୋଳନ କରିବାକୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆହ୍ୱାନ ଦେଇଛନ୍ତି। ସାରର ସନ୍ତୁଳିତ ବ୍ୟବହାର, ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ, ସରକାରୀ ଯୋଜନାର ଲାଭକୁ ସିଧାସଳଖ ଗାଁ ପର୍ଯ୍ୟନ୍ତ ପହଞ୍ଚାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶନିବାର ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ମନ୍ତ୍ରୀ ଏହା କହିଛନ୍ତି।

ରାସାୟନିକ ସାରର ଅନିୟନ୍ତ୍ରିତ ବ୍ୟବହାରକୁ କମାଇବା ସହ ଚାଷୀଙ୍କୁ ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ସନ୍ତୁଳିତ ବ୍ୟବହାର ବିଷୟରେ ସଚେତନ କରିବା, ସେମାନଙ୍କୁ ସବୁଜ ସାର, ଜୈବିକ ଏବଂ ବାୟୋ-ପ୍ରଡକ୍ଟର ବ୍ୟବହାର ବୃଦ୍ଧି କରିବାକୁ ପ୍ରେରଣା ଦେବା ଉପରେ ବୈଠକରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଏଥିସହ ଏହି ସମନ୍ୱିତ ପୋଷକ ପରିଚାଳନାର ପ୍ରଦର୍ଶନ ଆୟୋଜନ କରିବା ବିଷୟରେ ସେ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ପଞ୍ଚାୟତ ସ୍ତରରେ ଏହି ଅଭିଯାନ ପାଇଁ ଦୃଢ଼ ଭିତ୍ତିଭୂମି ସ୍ଥାପନ କରାଯିବ। ପଞ୍ଚାୟତ ସ୍ତରରେ ମେସିନ ବଣ୍ଟନ ଓ ଯୋଜନାର ଲାଭ ସାମିଲ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀମାନଙ୍କୁ ଏଥିରେ ସମ୍ମିଳିତ କରିବା ପାଇଁ ଅନୁରୋଧ କରାଯିବ ଏବଂ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଅନ୍ୟ ଜନପ୍ରତିନିଧିମାନଙ୍କର ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ପ୍ରୟାସ ହେବ। ଫଳରେ ଏହି ଅଭିଯାନ କେବଳ ପ୍ରଶାସନିକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରହି ଜନସହଭାଗିତାର ଏକ ଦୃଢ଼ ମଡେଲ୍ ହେବ।

ସେ କହିଛନ୍ତି ଯେ ଏହି ଆଭିମୁଖ୍ୟ ଅଭିଯାନକୁ ପ୍ରାରମ୍ଭିକ ଦିନରୁ ରାଜନୈତିକ, ସାମାଜିକ ଏବଂ ସ୍ଥାନୀୟ ଶକ୍ତି ପ୍ରଦାନ କରିବ। ବୈଠକରେ ସୂଚନା ଦିଆଯାଇଥିଲା ଯେ, କେଭିକେ ଗୁଡ଼ିକୁ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥା ପାଇଁ ପ୍ରମୁଖ ସଂଯୋଜକ ଭୂମିକା ଦିଆଯାଇଛି। ୧୬୦୦ରୁ ଅଧିକ ଦଳ ଗଠନ କରାଯାଇଛି। ଅତ୍ୟଧିକ ସାର ବ୍ୟବହାର କରୁଥିବା ୧୦୦ ଜିଲ୍ଲା ପାଇଁ ମୋଟ ୫୦୦ଟି ଦଳ ଗଠନ କରାଯାଇଛି। ଏହି ଦଳଗୁଡ଼ିକରେ କେଭିକେ, ଆଇସିଏଆର୍ ପ୍ରତିଷ୍ଠାନ, ଏଆଇସିଆରପି କେନ୍ଦ୍ରର ବୈଜ୍ଞାନିକ ଏବଂ କୃଷି ବିଭାଗର ଅଧିକାରୀମାନେ ଅନ୍ତର୍ଭୁକ୍ତ ହେବେ। ଏହା ବ୍ୟତୀତ, ଆଇସିଏଆର୍ ପ୍ରତିଷ୍ଠାନ ଏବଂ କେଭିକେ ଗୁଡ଼ିକର ୧୧୫୦ ରୁ ଅଧିକ ବହୁବିଧ ଦଳ ମଧ୍ୟ ଏକକାଳୀନ କାର୍ଯ୍ୟ କରିବେ।

## ଭୁଶୁଡ଼ିଲା ୫ ମହଲା କୋଠା, ବହୁ ଫସି ରହିଥିବା ଆଶଙ୍କା



ନୂଆଦିଲ୍ଲୀ,୩୦।୫: ଶନିବାର ସନ୍ଧ୍ୟାରେ ଦକ୍ଷିଣ ଦିଲ୍ଲୀର ସାକେତ ମେଟ୍ରୋ ଷ୍ଟେସନ୍ ନିକଟରେ ଗୋଟିଏ ପାଞ୍ଚମହଲା କୋଠା ଭୁଶୁଡ଼ି ପଡ଼ିଛି। ଭଗ୍ନସ୍ତୂପ ତଳେ ବହୁଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ସାଇଦୁଲାଜାବସ୍ଥିତ ୱେଷ୍ଟେର୍ଣ୍ଣ ମାର୍ଗ ନିକଟରେ ଥିବା ପାଞ୍ଚମହଲା କୋଠାଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ଜଣେ ସ୍ଥାନୀୟ ଅଧିକାରୀଙ୍କ ସୂତ୍ରକୁ ଉଦ୍ଧାର କରି ପିଟିଆଇ କହିଛି। କୋଠାର ଗ୍ରାଉଣ୍ଡଫ୍ଲୋରରେ ଗୋଟିଏ କୋଚିଂ ସେଣ୍ଟର ଚାଲୁଥିବା ବେଳେ ଉପର ଫ୍ଲୋରଗୁଡ଼ିକରେ ନିର୍ମାଣ କାମ ଜାରି ରହିଥିଲା। କୋଠାରେ ଅନେକ ଅଫିସ୍ ମଧ୍ୟ କାର୍ଯ୍ୟ କରୁଥିଲା। ଏହି ଦୃଷ୍ଟିରୁ କର୍ମଚାରୀଙ୍କ ସମେତ ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ସଂକଟାପନ୍ନ ଅବସ୍ଥାରେ ଥାଇପାରେ ବୋଲି ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ଦିଲ୍ଲୀର ଫାୟାର ସର୍ଭିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହିତ ପାଞ୍ଚଟି ଦମକଳ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

## ୩ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଶିବକୁମାର



ବେଙ୍ଗାଲୁରୁ, ୩୦।୫: ଡିକେ ଶିବକୁମାର କର୍ଣ୍ଣାଟକରେ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହୋଇଛନ୍ତି। ସେ ଜୁନ୍ ୩ରେ କର୍ଣ୍ଣାଟକର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କର୍ଣ୍ଣାଟକର ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଜୁନ୍ ୩ରେ ଲୋକଭବନର ଗ୍ଲାସ୍ ହାଉସରେ ଅନୁଷ୍ଠିତ ହେବ। ଶନିବାର ବେଙ୍ଗାଲୁରୁର ବିଧାନ ସୌଧରେ କଂଗ୍ରେସ ବିଧାୟକ ଦଳ ବୈଠକ ହୋଇଥିଲା। ପୂରା ପ୍ରକ୍ରିୟାର ତଦାରଖ କରିବା ପାଇଁ ଦୁଇ ବରିଷ୍ଠ ଏଆଇସିସି ନେତା, କେ.ସି. ବେନୁଗୋପାଳ ଓ ରଣଦୀପ ସିଂହ ସୁର୍ଜେଓ୍ୱାଲା ବେଙ୍ଗାଲୁରୁରେ ପହଞ୍ଚିଥିଲେ। ବିଧାୟକ ଦଳର ନେତା ଭାବରେ ନିର୍ବାଚିତ ହେବା ପରେ, ଡିକେ ଶିବକୁମାର ରାଜ୍ୟପାଳଙ୍କୁ ଭେଟିଥିଲେ। ବୈଠକରେ ଅନ୍ୟ ପ୍ରମୁଖ କଂଗ୍ରେସ ନେତାଙ୍କ ସହ ସିଦ୍ଧରମୈୟା ମଧ୍ୟ ଉପସ୍ଥିତ ଥିଲେ।

## ପୌର ନିର୍ବାଚନରେ ଆପ୍‌ର ଦବ୍‌ଦବା

ନୂଆଦିଲ୍ଲୀ,୩୦।୫: ପଞ୍ଜାବରେ ପୌର ନିର୍ବାଚନରେ ଆମ ଆଦମୀ ପାର୍ଟି ମୋଟ୍ ୧୯୭୭ରୁ ପୌରପାଳିକା ୱାର୍ଡରେ ୯୦୦ରୁ ଅଧିକ ଆସନ ବିଜୟୀ ଜିତିଛି। ଆପ୍ ପରେ ଦ୍ୱିତୀୟ ସ୍ଥାନରେ ଅଛି କଂଗ୍ରେସ। ୩୦୦ରୁ ଅଧିକ ୱାର୍ଡ ଜିତିଛି କଂଗ୍ରେସ। ସେହିପରି ସ୍ୱାଧୀନ ଓ ଶିରୋମଣି ଅକାଳି ଦଳ ପରେ ପଞ୍ଚମ ସ୍ଥାନରେ ରହିଛି ଭାରତୀୟ ଜନତା ପାର୍ଟି। ଏହି ବିଜୟ ପରେ ଆପ୍ କର୍ମୀମାନେ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିଛନ୍ତି। ପଞ୍ଜାବ ରାଜ୍ୟ ନିର୍ବାଚନ କମିଶନଙ୍କ ଅନୁଯାୟୀ, ଆପ୍ ମୋଟ ୧,୯୭୭ ୱାର୍ଡ ମଧ୍ୟରୁ ୯୫୭ଟି ଜିତିଛି। କଂଗ୍ରେସ ୩୯୭ ସହିତ ଦ୍ୱିତୀୟ ସ୍ଥାନରେ ଅଛି। ସ୍ୱାଧୀନ ପ୍ରାର୍ଥୀମାନେ ୨୫୧ ୱାର୍ଡ ଜିତି ତୃତୀୟ ସ୍ଥାନରେ ଅଛନ୍ତି। ତା'ପରେ ଶିରୋମଣି ଅକାଳୀ ଦଳ ୧୯୧ ୱାର୍ଡ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି ଏବଂ ବିଜେପି ୧୬୭ ୱାର୍ଡ ସହିତ ପଞ୍ଚମ ସ୍ଥାନରେ ଅଛନ୍ତି। ବହୁଜନ ସମାଜ ପାର୍ଟି ସାତଟି ୱାର୍ଡ ଜିତିଛି।

## ମସୁର ଫସଲ ଦିବସ ପାଳିତ

ଚମ୍ପୁଆ,୩୦।୫(ସଂଚାର ବ୍ୟୁରୋ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତର ମହେଶ୍ୱରପୁର ଗ୍ରାମରେ ମସୁର ଫସଲର କ୍ଷେତ୍ର ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ। ଚମ୍ପୁଆ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା ଓ ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ ଯୋଗ ଦେଇ ଚାଷୀଙ୍କୁ ମସୁର ଚାଷର ଆଧୁନିକ ପ୍ରଣାଳୀ, ରୋଗ ପୋକ ପରିଚାଳନା ଏବଂ ଅଧିକ ଅମଳକ୍ଷମ ବିହନ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଫସଲର ସ୍ଥିତି ଓ ଏହାର ଲାଭ ବିଷୟରେ ଚାଷୀମାନଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରା ଯାଇଥିଲା। ଏହି ଅବସରରେ ଚାଷୀମାନେ ନିଜ ନିଜର ଅନୁଭୂତି ବାଣ୍ଟିବା ସହ କୃଷି ବିଭାଗର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରଜିଆ ପଞ୍ଚାୟତ କୃଷି ଅଧିକାରୀ କ୍ଷୀରୋଦିନୀ କିଷାନ ପରିଚାଳନା କରିଥିବା ବେଳେ କୃଷକ ସାଥି ସଚ୍ଚିଦାନନ୍ଦ ପ୍ରଧାନ, ଯତୀନ କୁମାର ମହାନ୍ତ ସହଯୋଗ କରିଥିଲେ।

# ଆତଙ୍କବାଦୀ ଆକ୍ରମଣ ପଣ୍ଡ, ୯ ଗିରଫ



ନୂଆଦିଲ୍ଲୀ,୩୦।୫: ଦେଶ ବର୍ତ୍ତମାନ ଆର୍ଥିକ ସଂକଟ ଦେଇ ଗତି କରୁଥିବା ବେଳେ ପାକିସ୍ତାନ ସୀମା ସେପଟୁ ଷଡ଼ଯନ୍ତ୍ର କରି ଭାରତରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ଚେଷ୍ଟା ଚଳାଇଛି। ନୂଆଦିଲ୍ଲୀରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଛି ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ଏବଂ ମୁମ୍ବାଇ ଅଣ୍ଡରୱାର୍ଲ୍ଡର ଦାଉଦ ଇବ୍ରାହିମ ନେଟୱାର୍କ ସହ ଜଡ଼ିତ ଏକ ବଡ଼ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାଶ କରାଯାଇଛି। ଏହି ମାମଲାରେ ସ୍ପେଶାଲ ସେଲ୍ ୯ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ବିପୁଳ ପରିମାଣର ମାରାତ୍ମକ ଅସ୍ତ୍ରଶସ୍ତ୍ର, ହ୍ୟାଣ୍ଡ ଗ୍ରେନେଡ୍ ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରିବା ଯୋଜନା ଚାଲିଥିଲା। ପାକିସ୍ତାନୀ ପ୍ରଶାସନ ଓ ଆଇଏସଆଇ ଦୀର୍ଘ ଦିନରୁ ଏହି ମଡ୍ୟୁଲ୍ ପ୍ରସ୍ତୁତ କରୁଥିଲେ। ଗିରଫ ହୋଇଥିବା ଆତଙ୍କବାଦୀମାନଙ୍କୁ ଦିଲ୍ଲୀର କିଛି ପ୍ରମୁଖ ସ୍ଥାନକୁ ଟାର୍ଗେଟ୍ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଏମାନେ ରାଜଦାନୀର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠା, ସୁରକ୍ଷା କର୍ମୀ ଓ ସେନା ବାହିନୀ, ପ୍ରମୁଖ ଧାର୍ମିକ ସ୍ଥଳୀ ଉପରେ ଆଟାକ କରିବାକୁ ଏମାନେ ଷଡ଼ଯନ୍ତ୍ର ରଚିଥିଲେ।

ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ହୋଇଥିବା ୯ ଜଣ ସଦସ୍ୟଙ୍କ ମଧ୍ୟରେ କିଛି ମୂଳ ନେପାଳୀ ବାସିନ୍ଦା ଅଛନ୍ତି, ଏମାନେ ଏହି ଆତଙ୍କବାଦୀ ନେଟୱାର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ ବୋଲି ଜଣାପଡ଼ିଛି। ଏମାନେ ସମସ୍ତେ ପାକିସ୍ତାନ ସମର୍ଥିତ ହ୍ୟାଣ୍ଡଲର ଏବଂ ମୁମ୍ବାଇ ଅଣ୍ଡରୱାର୍ଲ୍ଡ (ଦାଉଦ୍ ନେଟୱାର୍କ)ର ସକ୍ରିୟ ଅପରେଟିଭ୍‌ମାନଙ୍କ ସହ ସ୍ପଷ୍ଟ ସମ୍ପର୍କରେ ଥିଲେ। ତେବେ ତା' ପୂର୍ବରୁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଏସବୁର ପର୍ଦ୍ଦାଫାସ କରିବା ସହିତ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଏବଂ ଗ୍ରେନେଡ୍ ଜବତ କରିଛି। ଫଳରେ ଦିଲ୍ଲୀ ଉପରୁ ଏକ ବଡ଼ ବିପଦ ଟଳିଯାଇଛି ବୋଲି ପୋଲିସ କହିଛି।



ଶନିବାରଠାରୁ ରାଜ୍ୟରେ ଏସ୍‌ଆଇଆର୍ ଆରମ୍ଭ ହୋଇଥିବା ବେଳେ ନବୀନ ନିବାସଠାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜନଗଣନା ଫର୍ମ ପୂରଣ କରୁଛନ୍ତି।

## ନବୀନଙ୍କୁ ଭେଟିଲେ ଡ. ରାଜେନ୍ଦ୍ର ସିଂ



ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ): ବିଶିଷ୍ଟ ପରିବେଶବିତ୍ ଡ. ରାଜେନ୍ଦ୍ର ସିଂ ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ମହାନଦୀ ଜଳ ବଣ୍ଟନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଜେଡି କୌଣସି ପରିସ୍ଥିତିରେ ମହାନଦୀ ଜଳ ବଣ୍ଟନରେ ଓଡ଼ିଶାର ସ୍ୱାର୍ଥ ହାନି ହେବାକୁ ଦେବ ନାହିଁ ଏବଂ ଲଢ଼େଇ ଜାରି ରହିବ ବୋଲି ବିରୋଧୀ ଦଳ ନେତା କହିଥିଲେ। ଏହି ଆଲୋଚନାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ମହାନଦୀ କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ ଓ ମହାନଦୀ ବଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମଧ୍ୟ ଭାଗ ନେଇଥିଲେ।

## ପତ୍ନୀ ଓ ପତ୍ନୀର ପ୍ରେମିକକୁ ସ୍ୱାମୀଙ୍କ ନିସ୍ତୁକ ମାଡ଼

ଗଞ୍ଜାମ, ୩୦।୫ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ହିଂଜିଳିକାଟୁ ଥାନା ଅନ୍ତର୍ଗତ ଆଡପଡ଼ା ଗାଁରେ ପରକୀୟା ସମ୍ପର୍କୀତ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଘର ଭିତରୁ ପତ୍ନୀ ଓ ତା'ର ପ୍ରେମିକକୁ ସ୍ୱାମୀ ବାହାରକୁ ଟାଣିଆଣି ରାଜରାସ୍ତାର ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପ୍ରେମିକ ଓ ପ୍ରେମିକାକୁ ଉଦ୍ଧାର କରିଛି। ସ୍ୱାମୀଙ୍କ ଅଭିଯୋଗ କ୍ରମେ ପ୍ରେମିକ ଅମର ସ୍ୱାଇଁକୁ ପୁଲିସ ଗିରଫ କରି ଥାନାରେ ଏକ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ପତ୍ନୀ ମଧ୍ୟ ସ୍ୱାମୀ ବିରୁଦ୍ଧରେ ଏକ ପାଲଟା ଅଭିଯୋଗ ହିଂଜିଳିକାଟୁ ପୁଲିସ ଥାନାରେ ଦାଖଲ କରିଥିବା ଜଣାଯାଇଛି।

## ପିତଳରେ ବିଦେଶୀ ମଦ ଜବତ, ଜଣେ ଗିରଫ

ଗଞ୍ଜାମ, ୩୦।୫ (ସଂଚାର ବ୍ୟୁରୋ): ପିତଳରେ କିଛିଦିନ ହେଲା ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇ ହିଂଜିଳିକାଟୁ ପୁଲିସ ସଦଳବଳେ ପିତଳରେ ପହଞ୍ଚି ପ୍ରଦୀପ ଦାସଙ୍କ ଘରେ ଚଢଉ କରିଥିଲେ। ଘରୁ ୭୮ ଲିଟର ବେଆଇନ ଗଚ୍ଛିତ ବିଦେଶୀ ମଦ ଜବତ କରି ପ୍ରଦୀପକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି।

# ଓଡ଼ିଶା ନିଶାଡ଼ି ବହୁ ରାଜ୍ୟଠାରୁ ଆଗରେ



ଭୁବନେଶ୍ୱର,୩୦।୫: ଓଡ଼ିଶାରେ ନିଶାଡ଼ିଙ୍କ ହାର ଅନ୍ୟ ବହୁ ରାଜ୍ୟଠାରୁ ଯଥେଷ୍ଟ ଆଗରେ। ମଦ୍ୟପାନ ହେଉ କିମ୍ବା ତମାଖୁ ସେବନ, ଓଡ଼ିଶାର ଲୋକମାନେ ରେକର୍ଡ କରିଛନ୍ତି। ଏମିତିକି ଦିଲ୍ଲୀ, ଜାମ୍ମୁ-କାଶ୍ମୀର, ଗୁଜରାଟ, ବିହାର, ଆନ୍ଧ୍ରପ୍ରଦେଶ, ଆସାମ, ପଞ୍ଜାବ, ହରିଆନା, କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟର ନିଶା ସେବନକାରୀଙ୍କୁ ଏମାନେ ପଛରେ ପକାଇ ଦେଇଛନ୍ତି।

ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୬ ରିପୋର୍ଟରୁ ଜଣାଯାଇଛି ଯେ ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ଭିତରୁ ଦେଶରେ ୧୮.୯ ପ୍ରତିଶତ ପୁରୁଷ ଓ ୧.୧ ପ୍ରତିଶତ ମହିଳା ଆଲ୍‌କହଲ୍ ସେବନ କରୁଥିବାବେଳେ ୩୬.୩ ପ୍ରତିଶତ ପୁରୁଷ ଓ ୮.୪ ପ୍ରତିଶତ ମହିଳା ତମାଖୁ ସେବନ କରୁଛନ୍ତି। ଏହି ରିପୋର୍ଟରେ ସମସ୍ତଙ୍କୁ ଚମକାଇ ଦେବା ଭଳି ତଥ୍ୟ ଓଡ଼ିଶାର ଏ କ୍ଷେତ୍ରରେ ରହିଛି। ଏହି ବୟସର ୨୬.୮ ପ୍ରତିଶତ ପୁରୁଷ ଓ ୩.୧ ପ୍ରତିଶତ ମହିଳା ଓଡ଼ିଶାରେ ଆଲ୍‌କହଲ୍ ସେବନ କରୁଥିବା ବେଳେ ୪୮.୩ ପ୍ରତିଶତ ପୁରୁଷ ଓ ୨୨.୮ ପ୍ରତିଶତ ମହିଳା ତମାଖୁ ସେବନ କରୁଛନ୍ତି।

ଓଡ଼ିଶାରେ ପୁରୁଷମାନଙ୍କ ଭିତରୁ ୨୬.୮ ପ୍ରତିଶତ ଆଲ୍‌କହଲ୍ ସେବନ କରୁଥିବା ବେଳେ ଗୁଜରାଟରେ ମାତ୍ର ୫.୨ ପ୍ରତିଶତ ଓ ବିହାରରେ ୧୬.୫ ପ୍ରତିଶତ ଆଲ୍‌କହଲ୍ ସେବନ କରୁଛନ୍ତି। ଉଲ୍ଲେଖନୀୟ ଯେ ଏହି ଦୁଇ ରାଜ୍ୟର ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସମ୍ପୂର୍ଣ୍ଣ ନିଶା ନିବାରଣ କରି ଅବକାରୀ ରାଜସ୍ୱକୁ ଛି' କରିଦେଇଛନ୍ତି। ନିଶା ନିବାରଣ ପୂର୍ବରୁ ଏହି ଦୁଇ ରାଜ୍ୟରେ ବି ମଦୁଆଙ୍କ ହାର ଢେର ଅଧିକ ରହୁଥିଲା ଓ ସେହି ଅନୁପାତରେ ବିଭିନ୍ନ କିସମର ଅପରାଧ, ରୋଗବ୍ୟାଧି, ଦୁର୍ଘଟଣା ଆଦି ବି ବଢୁଥିଲା।

ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ମୁତାବକ କର୍ଣ୍ଣାଟକରେ ୧୫.୬ ପ୍ରତିଶତ ପୁରୁଷ ଆଲ୍‌କହଲ୍ ସେବନ କରୁଥିବା ବେଳେ ମହାରାଷ୍ଟ୍ରରେ ୧୨.୨, ପଞ୍ଜାବରେ ୨୨.୯, ରାଜସ୍ଥାନରେ ୧୦.୭, ଆନ୍ଧ୍ରରେ ୨୩.୩, ତାମିଲନାଡୁରେ ୨୩.୫, ଉତ୍ତର ପ୍ରଦେଶରେ ୧୮.୭, ପଶ୍ଚିମବଙ୍ଗରେ ୧୬, ଦିଲ୍ଲୀରେ ୧୬.୧ ପ୍ରତିଶତ ପୁରୁଷ ଆଲ୍‌କହଲ୍ ସେବନ କରୁଛନ୍ତି। ଏହି ରାଜ୍ୟଗୁଡ଼ିକରେ ମହିଳାମାନଙ୍କ ଆଲ୍‌କହଲ୍ ସେବନ ହାର ଢେର କମ୍। ଏମିତିକି କେତେକ ରାଜ୍ୟରେ ଏହା ୧ ପ୍ରତିଶତରୁ ବି କମ୍ ରହୁଛି। କିନ୍ତୁ ତମାଖୁ ସେବନ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ଢେର ଆଗରେ ରହିଛି। ଏ କ୍ଷେତ୍ରରେ ଓଡ଼ିଶା ମଧ୍ୟ ବିହାର, ଗୁଜରାଟ, କେରଳ, ମହାରାଷ୍ଟ୍ର, ପଞ୍ଜାବ, ହରିଆନା, ତାମିଲନାଡୁ, ତେଲେଙ୍ଗାନା ଆଦି ରାଜ୍ୟକୁ ବହୁ ପଛରେ ପକାଇଥିବା ଉକ୍ତ ରିପୋର୍ଟରେ ପ୍ରକାଶିତ ତଥ୍ୟରୁ ଜଳଜଳ ଦିଶୁଛି। ଓଡ଼ିଶାରେ ଗୁଟ୍‌ଖା ଓ ନିକୋଟିନ୍‌ଯୁକ୍ତ ପାନ ମସଲାର ଉତ୍ପାଦନ, ବିପଣନ, ପରିବହନ ଓ ବ୍ୟବହାର ଉପରେ ବାରମ୍ବାର ନିଷେଧାଦେଶ ଜାରି କରାଯାଇଛି। ଏହା ସତ୍ତ୍ୱେ ବି ରାଜ୍ୟରେ ତମାଖୁ ସେବନ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମନ୍ତ୍ରୀଙ୍କ ଦକ୍ଷତା...

ପକ୍ଷରୁ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ପ୍ରସ୍ତୁତ କରାଯାଉଛି, ଯାହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୭ ପୃଷ୍ଠାର ଏକ ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି, ଯେଉଁଥିରେ ୧୭ଟି ସ୍ଲାଇଡ୍ ସମ୍ବଳିତ ନିର୍ଦ୍ଦିଷ୍ଟ ଢାଞ୍ଚାରେ ପ୍ରତିଟି ବିଭାଗର ପୁଙ୍ଖାନୁପୁଙ୍ଖ ଆକଳନ କରାଯିବ। ପ୍ରଥମ ପର୍ଯ୍ୟାୟରେ ମନ୍ତ୍ରୀମାନେ ନିଜ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ଓ ଯୋଜନା ସମେତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ବଜେଟ୍ ଅନୁଦାନ ତୁଳନାରେ ପ୍ରକୃତ ଖର୍ଚ୍ଚ ଓ ହାସଲ ହୋଇଥିବା ସଫଳତାର ପରିସଂଖ୍ୟାନ ଯୋଜନାଭିତ୍ତିକ ଉପସ୍ଥାପନ କରିବେ। ବିଧାନସଭାରେ ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଉପସ୍ଥିତି, ନୂଆ ଆଇନ ପ୍ରଣୟନ, ମୁଲତବୀ ପ୍ରସ୍ତାବର ସଂଖ୍ୟା ଓ ଉତ୍ତର, ଗୃହରେ ହୋଇଥିବା ବିଭିନ୍ନ ବିଭାଗୀୟ ଆଲୋଚନା ତଥା ଗୃହ ଅଚଳ ହେବାର କାରଣଗୁଡ଼ିକୁ ଯାଞ୍ଚ କରାଯିବ। ଜନସାଧାରଣଙ୍କ ସମସ୍ୟାର ସମାଧାନ ବା ଗ୍ରିଭାନ୍ସ ରିଡ୍ରେସାଲ୍ ପ୍ରକ୍ରିୟା ଉପରେ ଏହି ସମୀକ୍ଷାରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଜନସୁଣାଣି ପୋର୍ଟାଲ, ପ୍ରତ୍ୟକ୍ଷ ଶୁଣାଣି ଓ ସୋସିଆଲ ମିଡିଆ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ କେତେ ପ୍ରତିଶତ ଅଭିଯୋଗର ସମାଧାନ ୭ ଦିନ, ୨୧ ଦିନ ଓ ୪୫ ଦିନ ଭିତରେ କରାଯାଇଛି ଓ କେତେ ସମାଧାନ ଅପେକ୍ଷାରେ ରହିଛି, ସେ ସମ୍ପର୍କିତ ସମ୍ପୂର୍ଣ୍ଣ ଡାଟା ତାରିଖ ଓ ସ୍ଥାନ ସହ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ରଖିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନିକ ଦକ୍ଷତା ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଆକଳନ ପାଇଁ 'ଓଏସ୍ୱାସ୍' ପ୍ଲାଟଫର୍ମ ମାଧ୍ୟମରେ ରେଟିଂ, ପ୍ରୋଗ୍ରାମ ଓ ପଲିସିଗତ ଫାଇଲଗୁଡ଼ିକର ତ୍ୱରାନ୍ୱିତ ନିଷ୍ପତ୍ତି ନେବାକୁ ମନ୍ତ୍ରୀମାନେ ୭୨ ଘଣ୍ଟା, ୭ ଦିନ କିମ୍ବା ୩୦ ଦିନରୁ ଅଧିକ ସମୟ ନେଉଛନ୍ତି କି ନାହିଁ, ତା'ର ବର୍ଷଓ୍ୱାର ହିସାବ ଦେବେ। ଏଥିସହ ମନ୍ତ୍ରୀମାନେ ନିଜ ସ୍ତରରେ କରିଥିବା ସ୍ୱତନ୍ତ୍ର ମନିଟରିଂ ଓ ଏଭାଲ୍ୟୁଏସନ ବୈଠକର ସଫଳତା, ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ ତଦାରଖ ପାଇଁ ସେମାନେ କରିଥିବା ଜିଲ୍ଲା ଗସ୍ତର ବିବରଣୀ ଓ ସ୍ୱତନ୍ତ୍ର ଦାୟିତ୍ୱର ଆଉଟକମ୍ ଉପସ୍ଥାପନ କରିବେ। ତେବେ ସାଧାରଣ ସରକାରୀ କିମ୍ବା ରାଜନୈତିକ କାର୍ଯ୍ୟକ୍ରମର ଗସ୍ତକୁ ଏଥିରେ ସାମିଲ ନ କରିବାକୁ କୁହାଯାଇଛି।

ଏସବୁ ବ୍ୟତୀତ ନିର୍ବାଚନ ସମୟରେ ସଂକଳ୍ପପତ୍ରରେ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ବନାମ ପ୍ରକୃତ କାର୍ଯ୍ୟକାରିତାର ଏକ ତୁଳନାତ୍ମକ ଚିତ୍ର ରଖିବାକୁ ମଧ୍ୟ ମନ୍ତ୍ରୀମାନଙ୍କୁ କୁହାଯାଇଛି। ୨୦୩୬ ଓ ୨୦୪୭ର ଭିଜନ ଡକ୍ୟୁମେଣ୍ଟ୍ ଲକ୍ଷ୍ୟ ହାସଲ କରିବା ପାଇଁ ଆଗାମୀ ୩ ବର୍ଷର ସ୍ପଷ୍ଟ ରୋଡମ୍ୟାପ୍, ଆଗାମୀ ୧୨ ମାସ ପାଇଁ ବିଭାଗର ଟପ୍-୧୦ ପ୍ରାଥମିକତା ଓ ତ୍ରୈମାସିକ ସେବା ପ୍ରଦାନର ଟାର୍ଗେଟ୍, ବିଗତ ଦୁଇ ବର୍ଷର ଶାସନରେ ବିଭାଗର ସବୁଠାରୁ ବଡ଼ ସଫଳତାକୁ ତଥ୍ୟ ସହ ପ୍ରଦର୍ଶନ କରିବାକୁ ପଡ଼ିବ।

### ଆଡ୍‌ମିସନ୍ ପୂର୍ବରୁ...

ସେମାନଙ୍କ ସୁବିଧା ପାଇଁ ହେଲ୍ପ ଡେସ୍କ କରିବାକୁ ସମସ୍ତ ମେଡିକାଲକୁ କହିଥିଲେ। ସାହାଯ୍ୟପୂର୍ଣ୍ଣ ପରିବେଶରେ ଚିକିତ୍ସା ପାଇଲେ ହସ୍ପିଟାଲର ସୁନାମ ବଢ଼ିବ। ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଓ କ୍ୟାସଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି। ତେଣୁ ଯୋଜନାର ସଫଳତା ପାଇଁ ହସ୍ପିଟାଲମାନଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ। ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସମ୍ମାନଜନକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ସମସ୍ତ ହସ୍ପିଟାଲକୁ କହିଛନ୍ତି। ବେସରକାରୀ ହସ୍ପିଟାଲ ପ୍ରତିନିଧିମାନେ ଯୋଜନା କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିଭିନ୍ନ ଅଭିଜ୍ଞତା, ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସରକାରଙ୍କ ପକ୍ଷରୁ ସେ ଦିଗଗୁଡ଼ିକ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି।

### ସୁରକ୍ଷିତ ମାତୃତ୍ୱ...

କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନବଜାତ ଶିଶୁଙ୍କ ପାଇଁ ପ୍ରସବ ପରବର୍ତ୍ତୀ ଯତ୍ନ ୭୯.୧ରୁ ୮୫.୩ ପ୍ରତିଶତକୁ ବୃଦ୍ଧି ପାଇଛି।

ମାତୃ ପୁଷ୍ଟି ସୂଚକରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ଗର୍ଭାବସ୍ଥାରେ ୧୦୦ ଦିନ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଆଇରନ ଓ ଫୋଲିକ ଏସିଡ ପରିପୂରକ ଗ୍ରହଣ କରୁଥିବା ମା'ଙ୍କ ଅନୁପାତ ୪୪.୧ ପ୍ରତିଶତରୁ ୫୪.୯ ପ୍ରତିଶତକୁ ବୃଦ୍ଧି ପାଇଛି। ୧୮୦ ଦିନ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ପରିପୂରକ ଗ୍ରହଣ କରୁଥିବା ମା'ଙ୍କ ଅନୁପାତ ୨୬ ପ୍ରତିଶତରୁ ୩୭.୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସଫଳତାଗୁଡ଼ିକ ସାରା ଦେଶରେ ଏକ ଦୃଢ଼ ସାର୍ବଜନୀନ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବାରେ ଉନ୍ନତ ପ୍ରବେଶକୁ ପ୍ରମାଣିତ କରୁଛି ବୋଲି ରିପୋର୍ଟରେ କୁହାଯାଇଛି।

ଭାରତର ମୋଟ ପ୍ରଜନନ ହାର ୨.୦ରେ ସ୍ଥିର ହୋଇଥିବା ବେଳେ ଗର୍ଭ ନିରୋଧକ ପ୍ରଚଳନ ହାର ୬୬.୭ରୁ ୬୯.୧ ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶରେ ସାର୍ବଜନୀନ ଟୀକାକରଣ କଭରେଜ ହାସଲ ସବୁ ସ୍ତରରେ ଉଦ୍ୟମ ହେଉଛି। ଏହାର ଫଳସ୍ୱରୂପ ଟୀକାକରଣ କାର୍ଡ ଆଧାରରେ, ୧୨ରୁ ୨୩ ମାସ ବୟସର ପିଲାମାନଙ୍କ ମଧ୍ୟରେ ପୂର୍ଣ୍ଣ ଟୀକାକରଣ କଭରେଜ ୮୩.୮ରୁ ୮୭.୧ ପ୍ରତିଶତକୁ ବୃଦ୍ଧି ପାଇଛି। ୯୫.୬ ପ୍ରତିଶତ ପିଲା ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା ମାଧ୍ୟମରେ ସେମାନଙ୍କର ଅଧିକାଂଶ ଟୀକାକରଣ ପାଇଛନ୍ତି। ଦେଶରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ୮.୪ ପ୍ରତିଶତ ମହିଳା ଓ ୩୬.୩ ପ୍ରତିଶତ ପୁରୁଷ ତମାଖୁ ସେବନ କରୁଛନ୍ତି। ସେହିଭଳି ୧୫ ବର୍ଷରୁ ଉର୍ଦ୍ଧ୍ୱ ୧.୧ ପ୍ରତିଶତ ମହିଳା ଓ ୧୮.୯ ପ୍ରତିଶତ ମଦ୍ୟପାନ କରୁଛନ୍ତି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଉଭୟ ତମାଖୁ ଓ ମଦ ସେବନ ହାର ଅଧିକ ରହିଥିବା ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି।

### ୧୦ ଦିନ ଭିତରେ...

ସଂଶୋଧନ ହେଉଥିଲା। କିନ୍ତୁ ଏବେ ନିୟମିତ ବ୍ୟବଧାନରେ ଡିଜେଲ ଦର ବଢ଼ିଚାଲିଥିବା ବେଳେ ସେହି ଅନୁପାତରେ ବସ୍ ଭଡା ବୃଦ୍ଧି କରାଯାଉନାହିଁ। ଏଥିସହ ବସ୍ ଚେସିସ୍, ଟାୟାର, ଲୁବ୍ରିକାଣ୍ଟ ଦର ସହ ବୀମା ଓ ଟିକସ୍ ମଧ୍ୟ ଗତ ୧୦ ବର୍ଷ ମଧ୍ୟରେ ବହୁ ମାତ୍ରାରେ ବୃଦ୍ଧି ପାଇଛି। କିନ୍ତୁ ଗତ ୧୦ ବର୍ଷ ହେବ ଅଟୋମ୍ୟାଟିକ ମେକାନିଜମରେ ସେସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇନାହିଁ। ତେଣୁ ଡିଜେଲ ଦର ବୃଦ୍ଧି ସହ ଯାତ୍ରୀ ପରିବହନରେ ଆନୁଷଙ୍ଗିକ ସାମଗ୍ରୀର ଦର ବୃଦ୍ଧି କାରଣରୁ ବସ୍ ଭଡ଼ାରେ ସଂଶୋଧନ ଅବଶ୍ୟମ୍ଭାବୀ ହୋଇପଡ଼ିଛି ବୋଲି ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି। ଏଥିସହ ସେ ଆହୁରି କହିଛନ୍ତି ଯେ ଯଦି ରାଜ୍ୟ ସରକାର କେବଳ ଡିଜେଲ ଉପରୁ ଭ୍ୟାଟ୍ ଛାଡ଼ କରିଦିଅନ୍ତି, ତା'ହେଲେ ବସ୍ ଧର୍ମଘଟ ହେବନାହିଁ।

### ଡଜନେ ନିର୍ବାଚନମଣ୍ଡଳୀରେ...

ସମାବେଶ କରି ଦଳର ନୂଆ ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ ଦେବାକୁ ସଜବାଜ ହେବା ଏହାର ପ୍ରମାଣ। ସେହିପରି ମାହାଙ୍ଗାରୁ ପ୍ରତ୍ୟାଖ୍ୟାତ ହେବା ପରେ ଏବେ ପ୍ରତାପ ଜେନା ତିର୍ତ୍ତୋଲ ଓ ଜଗତସିଂହପୁର ବିଧାନସଭା ଆସନକୁ ଆଖେଇଛନ୍ତି। ତିନି ସପ୍ତାହ ପୂର୍ବରୁ ଦେବାଶିଷଙ୍କୁ ନେଇ ସେ ତିର୍ତ୍ତୋଲରେ ଏକ କର୍ମୀ ସମ୍ମିଳନୀ ମଧ୍ୟ କରିଥିଲେ। ଏବେ ଦେବାଶିଷ ବିଜେପି ଯିବା ପରେ ପ୍ରତାପଙ୍କୁ ସ୍ଥାନୀୟ ବିଜେଡି ନେତାମାନେ ଗ୍ରହଣ କରିବେ କି ବୋଲି ପ୍ରଶ୍ନ ଉଠୁଛି। ବାଙ୍କୀ ନିର୍ବାଚନମଣ୍ଡଳୀରେ ନିଲମ୍ବିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ତାଙ୍କ ପିତା ପ୍ରଭାତ ତ୍ରିପାଠୀଙ୍କର ଦବଦବା ରହିଛି। ଦଳ ପକ୍ଷରୁ ବରିଷ୍ଠ ନେତା ଅରୁଣ ସାହୁଙ୍କୁ ବାଙ୍କୀ ଦାୟିତ୍ୱ ଦିଆଯାଇଛି। ସେ ଦେବୀରଞ୍ଜନଙ୍କ ବିକଳ୍ପ ଖୋଜିପାରୁଛନ୍ତି କି ନାହିଁ, ତାହା ଭବିଷ୍ୟତ କହିବ। ଉଭୟ ସୋଫିଆ ଫିର୍ଦ୍ଦୋସ ଓ ସୌଭିକ ବିଶ୍ୱାଳ ନିଲମ୍ବିତ ହେବା ପରେ ବାରବାଟି-କଟକ ଓ ଚୌଦ୍ୱାର-କଟକରେ ବିଜେଡି ଓ କଂଗ୍ରେସ ମଙ୍ଗ ଧରିବାକୁ ନେତା ନାହାଁନ୍ତି। ବସ୍ତାରୁ ସୁବାସିନୀ ଓ ଚମ୍ପୁଆରୁ ସନାତନ ମହାକୁଡ଼ ନିଲମ୍ବିତ ହେବା ଏବଂ ରବୀନ୍ଦ୍ର ଜେନା ବିଜେଡି ଛାଡ଼ି ବିଜେପିରେ ମିଶିବା ପରେ ବାଲେଶ୍ୱରରେ ବିଜେଡି ସଂଗଠନ ଆଉ ଉଧେଇପାରିବା ନେଇ ସନ୍ଦେହ ରହିଛି। ସେପଟେ ଗଞ୍ଜାମ ଜିଲ୍ଲାରେ ଏକା ରମେଶ ଜେନା ସାନଖେମୁଣ୍ଡିରୁ କଂଗ୍ରେସରୁ ଜିତାଇଥିଲେ। ସେ ଏକା ପୂରା ଜିଲ୍ଲାରେ କଂଗ୍ରେସ ବାନା ଉଡ଼ାଉଥିଲେ। ହେଲେ ସେ ନିଲମ୍ବିତ ହେବା ପରେ ଗଞ୍ଜାମରେ କଂଗ୍ରେସ ପତାକା ଧରିବାକୁ କର୍ମୀ ନାହାଁନ୍ତି ବୋଲି କହିଲେ ଭୁଲ ହେବନାହିଁ। ମୋହନାରୁ ଦାଶରଥି ଗମାଙ୍ଗ ସେହିଭଳି ଏକା ବିଜେପି ଓ ବିଜେଡିକୁ ଟକ୍କର ଦେଉଥିଲେ। ତାଙ୍କୁ ମଧ୍ୟ ଦଳ ନିଲମ୍ବିତ କରିବା ପରେ ଏହି ଆଦିବାସୀ ଅଧ୍ୟୁଷିତ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଖାତାକୁ ଫେରିବା ନେଇ ସନ୍ଦେହ ରହିଛି।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୨ ମହିଳା ଗିରଫ

ଜୟପୁର, ୩୦।୫ (ସଂଚାର ବ୍ୟୁରୋ): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଶନିବାର ଚଢ଼ାଉ କରି ଦୁଇ ମହିଳା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦେଶୀ ମଦ ଚାଲାଣ ହେଉଥିବା ଜୟପୁର ଅବକାରୀ ଥାନା ସୂଚନା ପାଇ ବନ୍ଧଗୁଡ଼ା ଓ ଇରିଗେସନ କୋଲନିରେ ଚଢ଼ଉ କରିଛି। ଚଢ଼ଉ କରି ୩୪ ଲିଟର ଦେଶି ମଦ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ କୋଷ୍ଟ କେନାଲ ପୋଲ



**ବାଲିଆପାଳ,୩୦।୫ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତର ମହାବଳାଠାରେ ମାନ୍ଧାତା ପଞ୍ଚୁପାଲି ରାସ୍ତାରେ କୋଷ୍ଟକେନାଲ ଉପରେ ଥିବା ପୋଲ ଅଣଓସାରିଆ ହେବା ସହିତ ଦୀର୍ଘବର୍ଷ ହେବ ଭାଙ୍ଗିରୁଜି ଗଲାଣି। ପୋଲର ଗାର୍ଡୱାଲ ମଧ୍ୟ ଭାଙ୍ଗିଯାଇଛି। ବିପଦସଙ୍କୁଳ ପୋଲ ଉପରେ ଗଲା ବେଳେ ଲୋକେ ଭୟ କରୁଛନ୍ତି। ପୋଲଟି ବିଜୁ ପଟ୍ଟନାୟକ ସରକାରଙ୍କ ଜଳସମ୍ପଦ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସମୟରେ ମଞ୍ଜୁର ହୋଇ ଶିଳାନ୍ୟାସ ହୋଇଥିଲା। ୧୯୯୮ ମସିହାରେ ପୋଲ ନିର୍ମାଣ ସରିଥିଲା। ସେତେବେଳେ ଏତେ ସଂଖ୍ୟାରେ ଯାନବାହନ ନ ଥିବାବେଳେ ଭାରିଯାନ ବି ଯାତାୟତ ନ ଥିଲା। ଏବେ ଏ ଅଞ୍ଚଳର ବାଲିକୁଟି, ବଣିଆଡ଼ିହା, ବୋଲଂ, ପଞ୍ଚୁପାଲି, ଜମ୍ବିରାଇ, ରତାଇ, ନୂଆଗାଁ ଆଦି ୧୦ /୧୨ଟି ପଞ୍ଚାୟତର ଏହା ପ୍ରମୁଖ ରାସ୍ତା ହୋଇଥିବାରୁ ପ୍ରତିଦିନ ଶହ ଶହ ଯାତ୍ରୀବାହୀ ଓ ମାଲବାହୀ ଗାଡ଼ି ସହିତ ବହୁ ଗାଡ଼ି ମୋଟର ଯାତାୟାତ କରେ। ଏତେ ଦୁର୍ବଳ ପୋଲ ଉପରେ ଭାରିଯାନ ଯିବାଆସିବା ଦ୍ୱାରା କେତେବେଳେ ଯେ ଭାଙ୍ଗିପଡ଼ି ଧନ ଜୀବନ ନଷ୍ଟ ହେବ ସେନେଇ ନାନା ଆଶଙ୍କା ରହିଛି। ଅଣଓସାରିଆ ପୋଲ ହୋଇଥିବାରୁ ପ୍ରତିଦିନ ଏଠାରେ ଛୋଟ ବଡ ଦୁର୍ଘଟଣା ଘଟିଥାଏ। ଖୁବ୍‌ଶୀଘ୍ର ଏଠାରେ ନୂତନ ପୋଲ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି।

**କୋରାପୁଟ ମେଡିକାଲ କଲେଜରେ ସଫଳ ଅସ୍ତ୍ରୋପଚାର**

## ୭ ମାସର ଶିଶୁ ଗଳାରୁ ବାହାରିଲା ହେୟାର କ୍ଲିପ୍

**କୋରାପୁଟ,୩୦।୫ (ସଂଚାର ବ୍ୟୁରୋ):** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ (ଏସଏଲଏନ୍ ଏମସିଏଚ୍)ରେ ପୁଣି ଏକ ସଫଳ ଚିକିତ୍ସା କାର୍ଯ୍ୟ ସାମ୍ନାକୁ ଆସିଛି। ଡାକ୍ତରମାନଙ୍କ ତତ୍ପରତା ଓ ଦକ୍ଷତା ଯୋଗୁଁ ୭ ମାସର ଏକ ଶିଶୁର ଗଳାରେ ଅଟକି ରହିଥିବା ହେୟାର କ୍ଲିପ୍ ସଫଳତାର ସହ ବାହାର କରାଯାଇଛି। ସୂଚନା ଅନୁଯାୟୀ, ଶିଶୁଟି ଘରେ ଖେଳୁଥିବା ବେଳେ



ଅସାବଧାନତାବଶତଃ ଏକ ହେୟାର କ୍ଲିପ୍ ଗିଳି ଦେଇଥିଲା। କ୍ଲିପ୍‌ଟି ଗଳାରେ ଅଟକି ଯିବାରୁ ତାର ନିଶ୍ୱାସପ୍ରଶ୍ୱାସରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଥିଲା। ଘଟଣା ପରେ ପରିବାର ଲୋକେ ତୁରନ୍ତ ଶିଶୁଟିକୁ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ। ହସ୍ପିଟାଲର ଇଏନଟି ବିଭାଗର ଡାକ୍ତର ରାଜେଶ କର, ଡାକ୍ତର ଗୋପାଳ ନାୟକଙ୍କ ସମେତ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ତୁରନ୍ତ ଶିଶୁଟିର ଚିକିତ୍ସା ଆରମ୍ଭ କରିଥିଲେ। ସଫଳ ଅସ୍ତ୍ରୋପଚାର ମାଧ୍ୟମରେ ଗଳାରେ ଅଟକିଥିବା କ୍ଲିପ୍‌କୁ ବାହାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ଜଣାପଡ଼ିଛି। ଏହି ସଫଳ ଚିକିତ୍ସା ପାଇଁ ଡାକ୍ତରୀ ଦଳଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

## ପ୍ରତାପରୁଦ୍ରପୁର ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



**ବାଲିଅନ୍ତା,୩୦।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ସେବା ସମବାୟ ସମିତିରେ ରବି ଧାନମଣ୍ଡି ଶୁଭାରମ୍ଭ ହୋଇଛି। ମୋଟ ୭ ଜଣ ଚାଷୀଙ୍କ ଠାରୁ ୪୦୦ କୁଇଣ୍ଟାଲରୁ ଅଧିକ ଧାନ ସଂଗୃହୀତ ହୋଇଥିଲା। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଖୋର୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର,ଜିଲ୍ଲା ସହକାରୀ ନିବନ୍ଧକ ଅଳକାନନ୍ଦା ଜେନା, ଏରିଆ ଅଫିସର ଅମୀୟ ଖୁଣ୍ଟିଆ,ସମବାୟ ସମିତି ସଭାପତି ସୁଧିର ଚରଣ ପ୍ରଧାନ, ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟା ଉମାରାଣୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ସଂପାଦକ ବିଶ୍ୱନାଥ ପଣ୍ଡା ମଣ୍ଡି ପରଚାଳନା କରିଥିଲେ।

## ବଜ୍ରାଘାତରେ ମହିଳା ମୃତ

**ବୋରିଗୁମା,୩୦।୫ (ସଂଚାର ବ୍ୟୁରୋ):** ବଜ୍ରାଘାତରେ ଜଣେ ମହିଳା ମୃତ। ବୋରିଗୁମ୍ମା ସେମଳା ଗ୍ରାମର ଉଷା ପୂଜାରୀ ବୟସ (୨୭ବର୍ଷ) ସନ୍ଧ୍ୟା ସମୟରେ ନିଜ ଘର ବାହାରେ କାଠ ସଂଗ୍ରହ କରୁଥିବା ବେଳେ ହଠାତ କାଳବୈଶାଖୀ ପବନ ବର୍ଷା ଆରମ୍ଭ ହୋଇ ବଜ୍ରପାତ ହୋଇଥିଲା ଫଳରେ ଉଷା ପୂଜାରୀ ଅଚେତ ହୋଇ ତଳେ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ବୋରିଗୁମ୍ମା ମେଡ଼ିକାଲକୁ ଆଣିଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ତହସିଲଦାର ଶୋଭନ କୁମାର ବେହେରା ଖବର ପାଇ ତୁରନ୍ତ ମୃତ ମହିଳାଙ୍କ ପରିବାରର ସରକାରୀ ସହାୟତା ପାଇଁ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି ।

**ମିଳୁନି ଆବାସ ଯୋଜନାରେ ଘର**

# ଛିଣ୍ଡା ପାଲ ତଳେ ବିତୁଛି ଉଲ୍ଲାସଙ୍କ ଜୀବନ



**ସତ୍ୟବାଦୀ,୩୦।୫ (ସଂଚାର ବ୍ୟୁରୋ):** ଯେତେବେଳେ ପ୍ରଶାସନିକ ବାବୁ ଓ ନେତାମାନେ ମୁଷ୍ଟିମେୟ ଲୋକଙ୍କୁ ସରକାରୀ ସୁବିଧା ବାଣ୍ଟି କ୍ୟାମେରା ଆଗରେ ବାହାବା ନେଉଛନ୍ତି, ଠିକ୍ ସେତିକି ବେଳେ ବିରରାମଚନ୍ଦ୍ରପୁରରୁ ଆସିଛି ଏକ ହୃଦୟବିଦାରକ ଚିତ୍ର। ଗତ ୬ ବର୍ଷ ହେଲା ଏକ ଛିଣ୍ଡା ପାଲ ତଳେ ୫ ପ୍ରାଣୀଙ୍କୁ ଧରି ତିଳ ତିଳ ହୋଇ ଜଳୁଛନ୍ତି ଉଲ୍ଲାସ ସେଠୀ।

ସରକାରୀ ସ୍ୱପ୍ନ ଓ ବାସ୍ତବତାର

**ବାହାବା ନେବାରେ ବ୍ୟସ୍ତ ପ୍ରଶାସନ ଓ ନେତା**

ଜଟିଳତା ଭିତରେ ଅହରହ ଧନ୍ଦି ହେଉଛନ୍ତି ସେ। ପରିବାର କହିଲେ, ମାନସିକ ବିକାରଗ୍ରସ୍ତ ସ୍ତ୍ରୀ ଓ ଚାରୋଟି ନିଷ୍ପାପ ଶିଶୁ। ଦିନ ମଜୁରିଆ ଭାବେ ଯାହା ମିଳେ, ସେଥିରେ ପେଟକୁ ଦାନା ମୁଠେ ଯୋଗାଇବା ବି ତାଙ୍କ ପାଇଁ ଏକ ଯୁଦ୍ଧ ଜିତିବା ସଦୃଶ। ଏପରି ସ୍ଥିତିରେ ଘର ଖଣ୍ଡେ କରିବା ତାଙ୍କ ପାଇଁ ସାତସପନ। ଅସରାଏ ବର୍ଷା ହେଲେ ପିଲା ଛୁଆ ଧରି ବାର ଦୁଆର ଶୁଣ୍ଢୀ ପିଣ୍ଡା ହେବାକୁ ପଡେ।

ଆଶ୍ଚର୍ଯ୍ୟର କଥା ଆଜିର ଏ ଡିଜିଟାଲ ଯୁଗରେ ତାଙ୍କ ପାଖେ ନାଁ ଅଛି ରାସନ କାର୍ଡ, ନାଁ ଅଛି ଅନ୍ତ୍ୟୋଦୟ କାର୍ଡ। ସତେ ଯେମିତି ସରକାରୀ ଖାତାରେ ଉଲ୍ଲାସଙ୍କ ପରିବାରର କୌଣସି ଅସ୍ତିତ୍ୱ ହିଁ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟର ଅନତି ଦୂରରେ ଉଲ୍ଲାସଙ୍କ ଘର। ହେଲେ ସରପଞ୍ଚଙ୍କଠାରୁ ଆରମ୍ଭ କରି ୱାର୍ଡ ମେମ୍ବର ଓ ଜିଆରଏସ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରି କରି ଉଲ୍ଲାସ ଏବେ କ୍ଳାନ୍ତ। ନିକଟରେ ଆବାସ ପାଇଁ ବିଡିଓଙ୍କୁ ଲିଖିତ ଜଣାଇଛନ୍ତି। ତଦନ୍ତ ପରେ ଯାହା କହିପାରିବେ ବୋଲି କହିଛନ୍ତି ବିଡିଓ ଦେବାଶିଷ ନାୟକ।

ଏଠାରେ ପ୍ରଶ୍ନ ଉଠୁଛି, ବର୍ଣ୍ଣାଢ୍ୟ ଉତ୍ସବ କରି ଆବାସ ପ୍ରଦାନର ପ୍ରଚାର କରୁଥିବା ବିଡିଓ, ଜିଲ୍ଲାପାଳ କିମ୍ବା ସ୍ଥାନୀୟ ବିଧାୟକ କଣ ଏହି ଅବହେଳା ପାଇଁ ଦାୟୀ ନୁହନ୍ତି? ଯେଉଁଠି ଜଣେ ଯୋଗ୍ୟ ହିତାଧିକାରୀ ପାଲ ତଳେ ଜୀବନ ବିତାଉଛି, ସେଠି ଆୟୋଜନ କରାଯାଉଥିବା ସରକାରୀ 'ମହୋତ୍ସବ' ଗୁଡ଼ିକ ଉଲ୍ଲାସଙ୍କ ଦୁଃଖକୁ ଉପହାସ କରୁନି କି?

ନାଗରିକ ଅଧିକାର ସୁରକ୍ଷିତ କରିବାର ସବୁଠାରୁ ଶକ୍ତିଶାଳୀ ବ୍ୟବସ୍ଥା ହେଉଛି ପଲ୍ଲୀସଭା, କିନ୍ତୁ ଅଧିକାରୀ ମାନେ କାର୍ଯ୍ୟକାରୀ ନକରିବା ଯୋଗୁଁ ପ୍ରକୃତ ହିତାଧିକାରୀ ମାନେ ସେମାନଙ୍କ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି।

**- ସୁନୀଲ କୁମାର ପଣ୍ଡା, ଅଧ୍ୟକ୍ଷ**

ପ୍ରଶାସନିକ ଅବହେଳା ପାଇଁ ଅନେକ ଉଲ୍ଲାସ ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଞ୍ଚିତ। ଏସି ରୁମରେ ବସି ମିଟିଙ୍ଗ କରିଦେଲେ କି ଫାଇଲ ଦସ୍ତଖତ କଲେ ମଣ୍ଡଳର ଉନ୍ନୟନ ହେଇଯିବନି, ପ୍ରତ୍ୟେକ ନୀରିହ ବ୍ୟକ୍ତି କିପରି ନିଜର ମୌଳିକ ଅଧିକାର ପାଇପାରିବ ସେଥିନିମନ୍ତେ ବାବୁମାନେ ତତ୍ପର ହେବା ଆବଶ୍ୟକ।

**- ଆଶିଷ ମହାପାତ୍ର, ସାମାଜିକ କର୍ମୀ**

ଏକବିଂଶ ଶତାବ୍ଦୀରେ ଆମ ସମାଜରେ ଏଭଳି ଘଟଣାରେ ମୁଁ ବାସ୍ତବିକ ମର୍ମାହତ। ଯେଉଁଠି ଅଯୋଗ୍ୟମାନଙ୍କୁ ଦଳୀୟ ଭିତ୍ତିରେ ଘର ଦିଆଯାଉଅଛି ସେଠି ଏ ପରିବାରଟି ସରକାରୀ ସୁବିଧାରୁ ବଞ୍ଚିତ ହେବା ବାସ୍ତବିକ ଦୁଃଖଦ ଘଟଣା। ପ୍ରଶାସନକୁ ଅନୁରୋଧ ତୁରନ୍ତ ଏହି ପରିବାରକୁ ତଦନ୍ତ ପରିସରକୁ ନେଇ ସମସ୍ତ ସୁବିଧା ଯୋଗାଇ ଦିଆଯାଉ।

**- ଦୁର୍ଗେଶ ପ୍ରସାଦ ମିଶ୍ର**

## ସିଂଗିପୁରରେ ଗଡ଼ିଲା ମୁଖ୍ୟମନ୍ତ୍ରୀ ବସ୍



**ହିଞ୍ଜିଳିକାଟୁ,୩୦।୫ (ସଂଚାର ବ୍ୟୁରୋ):** ସବୁ ଅଞ୍ଚଳକୁ ଗମନାଗମନ ସୁବିଧା ଓ ଅପହଞ୍ଚ ଇଲାକାକୁ ବସ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ସେଇଭଳି ହିଞ୍ଜିଳି ବ୍ଲକ ପୋଚିଲିମା ପଂଚାୟତ ସିଂଗିପୁର ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଆମ ଗାଁରୁ ବସ୍ ଚଳାଚଳ ହେଉ ନେଇ ବାରମ୍ବାର ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ପରେ ଶୁକ୍ରବାର ଦିନ ହିଞ୍ଜିଳି ବ୍ଲକ ପୋଚିଲିମା ପଂଚାୟତ ସିଂଗିପୁର ଗ୍ରାମକୁ 'ମୁଖ୍ୟମନ୍ତ୍ରୀ ବସ ସେବା' ଆରମ୍ଭ ହୋଇଛି | ବସ୍ ଚଳାଚଳ ପରେ ଗମନାଗମନ ପାଇଁ ଦୈନନ୍ଦିନ ଅସୁବିଧା ଦୂର ହେବା ସହିତ ଆମେ ମାନେ ସୁବିଧାରେ କମ୍ ଖର୍ଚ୍ଚରେ ସହରକୁ ଯାଇପାରିବୁ ବୋଲି ଗ୍ରାମବାସୀ କହିଛନ୍ତି | ଏହି ଅବସରରେ ସରପଞ୍ଚ ରଂଜିତା କୁମାରୀ ଦାଶ ,ଓଏସଆରଟିସି ବସର ସୁପରଭାଇଜର ଜ୍ୟୋତିରଞ୍ଜନ ପ୍ରଧାନ, ମିଶନ ଶକ୍ତି ସଦସ୍ୟଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

**ଡବ୍ଲୁଏମ୍ଏମ୍ ଜାଗାରେ ପଡୁଛି ଡଷ୍ଟ**

**ହାତ ଗଣତି କେଇଟା ମେଷ୍ଟାଲ ମିଶୁଛି**



**ଆନନ୍ଦପୁର,୩୦।୫ (ସଂଚାର ବ୍ୟୁରୋ):** ଭଗାନଇ- ମଦନପୁର ଭାୟା କାନପୁର ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଲେ ଅଞ୍ଚଳବାସୀ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତା କାମକୁ ନେଇ ଉଠିଛି ବଡ଼ ପ୍ରଶ୍ନ। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକର ଭଗାନଇରୁ ମଦନପୁର ଭାୟା କାନପୁର ବାଇପାସ୍ ରାସ୍ତା ନିର୍ମାଣକୁ ନେଇ ଏହି ଅଭିଯୋଗ ସାମ୍ନାକୁ ଆସିଛି। ଏହି ରାସ୍ତା ନିର୍ମାଣ କାମ ନିମ୍ନମାନର ହେଉଥିବା ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାରେ ନିର୍ଦ୍ଧାରିତ ମାନର ଡବ୍ଲୁଏମଏମ୍ ପକାଯିବା ପରିବର୍ତ୍ତେ ଅଧିକାଂଶ ସ୍ଥାନରେ ଡଷ୍ଟ ପକାଯାଉଛି ଏବଂ ହାତ ଗଣତି କେତୋଟି ମେଟାଲ ମିଶାଯାଉଛି। ଫଳରେ ରାସ୍ତାର ସ୍ଥାୟୀତ୍ୱ ଓ ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ୬ କୋଟି ୯୭ ଲକ୍ଷ ୩ ହଜାର ୬୮୨ ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତ ୫ ଫେବୃଆରୀ ୨୦୨୫ରେ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାଏକ, ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଏବଂ ବ୍ଲକ ଅଧ୍ୟକ୍ଷା ସୁଜତା ସାହୁ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ କାର୍ଯ୍ୟ ସ୍ଥଳରେ ନିର୍ମାଣ ସମ୍ପର୍କିତ ସୂଚନା ଫଳକ, ଠିକାଦାରଙ୍କ ନାମ ଓ କାମ ଶେଷ ହେବାର ସମୟ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ନଥିବା ଅଭିଯୋଗ ହେଉଛି। ଅନ୍ୟପଟେ, କାମ ଚାଲିଥିବା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ସ୍ଥଳରେ ଦେଖିବାକୁ ମିଳୁନଥିବାରୁ ତଦାରଖ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

ତେବେ ଏହି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଞ୍ଚଳବାସୀ।

# କାଦୁଅ ପଚପଚ ପକ୍କା ସଡ଼କ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ଡ୍ରେନ ନିର୍ମାଣ ନହେବାରୁ ମାଟିବନ୍ଧ ପକାଇ ଜଳ ନିଷ୍କାସନ**

**ନୀଳଗିରି,୩୦।୫ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ମାଟିଆଳି ଗ୍ରାମପଞ୍ଚାୟତ ମାଟିଆଳି ଗ୍ରାମରେ ୨୦୨୪/୨୫ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନାହିଧର ମହାପାତ୍ର ଘରଠାରୁ ବଡ଼ପୋଖରୀ ପର୍ଯ୍ୟନ୍ତ ପକ୍କାରାସ୍ତା ସହିତ ଡ୍ରେନ ନିର୍ମାଣ କରିବା ପାଇଁ ବିଭାଗୀୟ କାର୍ଯ୍ୟାଦେଶ ଥିବାବେଳେ ଅଟକଳ ମୂଲ୍ୟ ୪ଲକ୍ଷ ୭ହଜାର ୫୬୩ ଟଙ୍କାର ଅନୁଦାନ ଆସିଥିଲା। ମାତ୍ର ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ପକ୍କାସଡ଼କ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ରାସ୍ତାକଡ଼ରେ ଡ୍ରେନ ନିର୍ମାଣ କରାଯାଇନଥିବା ଦେଖିବାକୁ ମିଳିଛି।

ଫଳରେ ରାସ୍ତାପାଣି ସହିତ ଅନ୍ୟାନ୍ୟ ପାଣି ନିଷ୍କାସନ ହୋଇନପାରି ରାସ୍ତାର ଉଭୟପଟକୁ ବହିଯାଉଛି। ଯାହାଫଳରେ ରାସ୍ତାର ଉଭୟ ପଟରେ ଥିବା ଚାଷ ଜମିରେ ପାଣିଜମା ହେବା



ଫଳରେ ବାଡିରେ କରାଯାଇଥିବା ଚାଷ ଓ କିଛି ଲୋକଙ୍କ ଘର ଭିତରେ ପାଣି ପଶିଯାଉଛି। କ୍ଷୟକ୍ଷତି ରୋକିବା ପାଇଁ କ୍ଷତିଗ୍ରସ୍ତ ଚାଷୀ ରାସ୍ତାକଡ଼ରେ ମାଟି ପକାଇବାକୁ ବାଧ୍ୟ ହୋଇଛି। ତେଣୁ ସାମାନ୍ୟ ବର୍ଷାରେ ରାସ୍ତାକଡ଼ରେ ଜମାହୋଇଥିବା ମାଟି ବହିଆସି ପକ୍କାରାସ୍ତାରେ ଜମି କାଦୁଅ ପଚପଚ ହୋଇଥିବା ବେଳେ ଯିବାଆସିବାରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏ ବିଷୟରେ ଗ୍ରାମବାସୀ ମିଳିତ ଭାବେ ଉଭୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କିଶୋର ପରିଡା ଏବଂ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତଦନ୍ତ କରାଯାଇନଥିବା ସୂଚନା ମିଳିଛି। ତେବେ ଲୋକଙ୍କ କହିବାକଥା ସରକାର ଲୋକଙ୍କ ସରକାର ମାତ୍ର ତାହା କଥାରେ ରହିଯାଉଛି । ଉପଜିଲ୍ଲାପାଳ କିମ୍ବା ଗୋଷ୍ଠୀଉନ୍ନୟନ୍ ଅଧିକାରୀ କେବେ ତଦନ୍ତ କରି ଉଚିତ ପଦକ୍ଷେପ ନେବେ ଦେଖିବାକୁ ବାକିରହିଲା ।

## ରାସ୍ତାରେ ଢାଳିଦେଲେ ୪୦ ହଜାର ଲିଟର କ୍ଷୀର



**ନବରଙ୍ଗପୁର / ଉମରକୋଟ, ୩୦।୫ (ସଂଚାର ବ୍ୟୁରୋ):** ଜୟପୁର ଓମଫେଡ ଡିପୋ କ୍ଷୀର ନେଉନଥିବାରୁ ପ୍ରାୟ ୪୦ ହଜାର ଲିଟର କ୍ଷୀର ରାସ୍ତାରେ ଢଳିଦେଲେ ଦୁଗ୍ଧ ସଂଗ୍ରହକାରି ଅଧିକାରୀ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଅଧୀନ ଥିବା ଓମଫେଡ଼ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଠାରେ। ଆଜି ସକାଳେ ଏବଂ ସନ୍ଧ୍ୟାରେ ଚାଷୀ କ୍ଷୀର ନେଇକି ଦୁଗ୍ଧ ଶୀତଳ କରଣକୁ ଆଣିଥିଲେ କିନ୍ତୁ ଅଧିକାରୀ କ୍ଷୀର ନେବାକୁ ମନା କରିଦେଇଥିଲେ କାରଣ ଜୟପୁର ଡିପୋ କ୍ଷୀର ନେବାକୁ ମନା କରୁଛନ୍ତି। ଜୟପୁର ଡିପୋରେ ସର୍ବାଧିକ ୩୦ ହଜାର ଲିଟର ସଂରକ୍ଷିତ ହୋଇ ରହି ପାରିବ। ଏହି ଡିପୋ ଚାରୋଟି ଜିଲ୍ଲାର ଚାଷୀ ଙ୍କ ଉତ୍ପାଦିତ କ୍ଷୀର ରଖେ କିନ୍ତୁ କେବଳ ନବରଙ୍ଗପୁର ଜିଲ୍ଲାରୁ ପ୍ରତିଦିନ ୧୮ ହଜାର ଲିଟର କ୍ଷୀର ଉତ୍ପାଦିତ ହୋଇ ଡିପୋକୁ ଗଲେ ସେମାନେ ଫେରାଇ ଦେଉଛନ୍ତି। ଦୁଗ୍ଧ ସଙ୍ଘର କର୍ମଚାରୀମାନେ ଚାଷୀଙ୍କ ଠାରୁ କ୍ଷୀର ସଂଗ୍ରହ କରୁଛନ୍ତି କିନ୍ତୁ ଜୟପୁର ଡିପୋ ନେଉନଥିବା ଯୋଗୁଁ ଶେଷରେ ବାଧ୍ୟ ହୋଇ ଆଣିଥିବା କ୍ଷୀରକୁ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଦିନରାତି ପରିଶ୍ରମ କରି ଉତ୍ପାଦିତ କ୍ଷୀର ବିକ୍ରି ନହେବାରୁ ଏବେ ଚିନ୍ତାରେ କ୍ଷୀର ଚାଷୀ । ଆଗାମୀ ଦିନରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ଆଲୋଚନା ଜୋର ଧରିଛି।

# ଏସ୍‌ଆଇଆର-୨୦୨୬ ସଚେତନତା ରଥର ଶୁଭାରମ୍ଭ




**ଖୋରଧା,୩୦।୫ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ୨୦୨୬ ସଚେତନତା ରଥ ଶୁଭାରମ୍ଭ କରି ଜିଲ୍ଲାର ସମସ୍ତ ଜନସାଧାରଣ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିର୍ଭୁଲ ଭୋଟର ତାଲିକା ପ୍ରକାଶନରେ ବଳିଷ୍ଠ ସହଯୋଗ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସଚେତନତା ରଥ ଶୁଭାରମ୍ଭରେ ଅତିରିକ୍ତ ଜିଲ୍ଲାପାଳଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା, ଡେପୁଟି କଲେକ୍ଟର ସଂଗ୍ରାମ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

ଉକ୍ତ ସଚେତନତା ରଥ ଜିଲ୍ଲାର ସମସ୍ତ ତହସିଲ ଏବଂ ବ୍ଲକ ଅଞ୍ଚଳ ବୁଲି ଜଣ ସାଧାରଣଙ୍କୁ ଏସଆଇଆର ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିବ।

ଚଳିତ ମେ ମାସ ୩୦ ତାରିଖରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ପାଖାପାଖି ଏକ ମାସ ପର୍ଯ୍ୟନ୍ତ ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ଯାଇ ଦୁଇଟି ଲେଖାଏଁ ପରିଗଣନା ଫର୍ମ ବାଣ୍ଟିବେ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲ ଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟର ଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟରମାନେ ଭବିଷ୍ୟତ ପାଇଁ ସାଇତି ରଖିବେ। ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟରୁ ଏହି ଫର୍ମ ଡାଉନଲୋଡ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନରେ ଅପଲୋଡ କରିପାରିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସଂପୂର୍ଣ୍ଣ ସହାୟତା ଯୋଗାଇଦେବେ।

ଚିଠା ଭୋଟର ତାଲିକା ବା ଡ୍ରାଫ୍ଟ ଇଲେକ୍ଟ୍ରାଲ ରୋଲ ୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବ । ୫ ଜୁଲାଇ ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଆପଣମାନେ ନାମ କାହିଁକି କଟିଲା ବା ଅନ୍ୟାନ୍ୟ ଦାବି ଓ ଆପତ୍ତି ଦାଖଲ କରିପାରିବେ । ଦାବି ଓ ଆପତ୍ତିର ନିଷ୍ପତ୍ତି ଇଆରଓ ମାନେ ୨ ସେପ୍ଟେମ୍ବର ସୁଦ୍ଧା ନେବେ ତା ପରେ ୬ ସେପ୍ଟେମ୍ବର ୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏସଆଇଆର ସମ୍ପର୍କିତ ଅଧିକ ତଥ୍ୟ ପାଇଁ ଆପଣମାନେ ନିକଟସ୍ଥ ବିଏଲଓଙ୍କୁ ଅଥବା ଇ ସି. ଆଇ . voters .eci .in ୱେବ ସାଇଟ ସହ ଓ ୧୯୫୦ ଟୋଲ ଫ୍ରୀ ନମ୍ବର ର ମଧ୍ୟ ସାହାଯ୍ୟ ନେଇପାରିବେ ।

## ମହିଳାଙ୍କ ଶବ ସଂସ୍କାର କଲେ ଟିମ୍ ଶ୍ମଶାନ ବନ୍ଧୁ



**ସୁନ୍ଦରଗଡ଼, ୩୦।୫ (ସଂଚାର ବ୍ୟୁରୋ):** ଟାଉନ ଥାନା ଅନ୍ତର୍ଗତ ମୁଣ୍ଡାପଡା ଠାରେ ଦୁଇଦିନ ଆଗରୁ ଘଟି ଯାଇଥିବା ଲୋମହର୍ଷକ ହତ୍ୟାକାଣ୍ଡର ଶିକାର କ୍ରିଷ୍ଣା ଖଡିଆ(୩୪)ର ଶୁକ୍ରବାର ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନେ ସମ୍ମାନର ସହିତ ଶୃଙ୍ଖଳିତ ସମ୍ପନ୍ନ କରି ମାନବିକତାକୁ ଉଜ୍ଜିବିତ କରିଛନ୍ତି। ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ ଠାରେ ମୃତ କ୍ରିଷ୍ଣାଙ୍କ ବାପା ଧନୁର୍ଜୟ ନାଏକଙ୍କ ଉପସ୍ଥିତିରେ ଶବ ପଞ୍ଚନାମା ସହିତ ଶବ ବ୍ୟବଚ୍ଛେଦ କରାଯାଇଥିଲା, କିନ୍ତୁ ପରିବାର ସଦସ୍ୟଙ୍କ ବିନା ସହମତିରେ କ୍ରିଷ୍ଣା ପିକୁଙ୍କ ହାତ ଧରିଥିବାରୁ ପରିବାର ସହିତ ମତଭେଦ ଥିଲା। ଏପଟେ ଯାହାର ହାତ ଧରିଥିଲା ସେ ଜେଲ ହାଜତରେ ଓ ବାପ ଘରେ କୌଣସି କାରଣରୁ ଶବସଂସ୍କାର ନିମନ୍ତେ ଅସହାୟତା ପ୍ରକାଶ କରିବାରୁ ସଦର ଏସଡିପିଓ ନିର୍ମଳ ମହାପାତ୍ର ଓ ଟାଉନ ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡା ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କ ସହଯୋଗ ଲୋଡି ଥିଲେ । ଶୁକ୍ରବାର ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ଶବ ନେବା ସହିତ ସମ୍ମାନର ସହିତ ଶେଷକୃତ ସମ୍ପନ୍ନ କରିଥିଲେ । ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବସଂସ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀ କାଠ ଘିଅ କର୍ପୁର ଆଦି ଯୋଗାଇ ଦିଆଯାଇଥିଲା।

**ସମ୍‌ରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ନେଇ ଦୁଇ ଦିନିଆ ସମ୍ମିଳନୀ**

# ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବାର କେନ୍ଦ୍ର ପାଲଟିଛି ସମ୍




**ଭୁବନେଶ୍ୱର,୩୦।୫ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ଓ ଗବେଷଣା କ୍ଷେତ୍ରରେ ପ୍ରମୁଖ କେନ୍ଦ୍ର ପାଲଟିଛି। ହସ୍ପିଟାଲର ଟ୍ରାନ୍ସଫ୍ୟୁଜନ୍ ମେଡିସିନ ବିଭାଗରେ ନିଆଯାଇଥିବା ଆଧୁନିକ ବ୍ୟବସ୍ଥାର ପଦକ୍ଷେପ ରକ୍ତ ସୁରକ୍ଷା ମାନଦଣ୍ଡରେ ଉଲ୍ଲେଖନୀୟ ସୁଧାର ଆଣିଛି ବୋଲି ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି।

ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲଠାରେ ଆଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍‌ର ଗୁରୁତ୍ୱକୁ ନେଇ 'ଇଣ୍ଡିଆନ୍ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ଆଣ୍ଡ ଇମ୍ୟୁନୋହେମାଟୋଲୋଜି'(ଆଇଏସ୍‌ବିଟିଆଇ) ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଦୁଇ ଦିନିଆ ସମ୍ମିଳନୀକୁ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଉଦ୍‌ଘାଟନ କରି କହିଥିଲେ ସମ୍‌ର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗ ଓଡ଼ିଶାରେ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛି। ଆଇଏସ୍‌ବିଟିଆଇର ନ୍ୟାସ୍‌ନାଲ୍ ପ୍ରେସିଡେଂଟ ଡାକ୍ତର ଯୁଧବୀର ସିଂ କହିଥିଲେ ଯେ ଏହି ସଂସ୍ଥାର ଲକ୍ଷ୍ୟ ହେଉଛି ରୋଗୀଙ୍କ ପାଇଁ ୧୦୦% ରକ୍ତର ଉପଲବ୍ଧତା ସୁନିଶ୍ଚିତ କରାଇବା। ସେ କହିଥିଲେ ଯେ ୧୯୭୧ର ଭାରତ- ପ୍ରାକ୍ ଯୁଦ୍ଧରେ ଆହତ ସୈନିକ ମାନଙ୍କର ରକ୍ତ ଆବଶ୍ୟକ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୧୯୭୨ରେ ଆଇଏସ୍‌ବିଟିଆଇ ସ୍ଥାପନ କରାଯାଇଥିଲା। ରକ୍ତ ଯୋଗାଇବା କ୍ଷେତ୍ରରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ ସମଗ୍ର ଓଡ଼ିଶାରେ ଉଲ୍ଲେଖନୀୟ ପଦକ୍ଷେପ ନେଇ ନେତୃତ୍ୱ ପ୍ରଦାନ କରିବା ଦରକାର। ଆଇଏସ୍‌ବିଟିଆଇ (ମୋଟିଭେସନାଲ) ଭାଇସ୍ ପ୍ରେସିଡେଂଟ ଡାକ୍ତର ଟି.ଆର. ରୈନା କହିଥିଲେ ଯେ ସାରା ଦେଶରେ ସ୍ୱେଚ୍ଛାକୃତ ରକ୍ତଦାନ ନିଶ୍ଚିତ କରିବା ହେଉଛି ଆଇଏସ୍‌ବିଟିଆଇର ମୂଳମନ୍ତ୍ର। ଆଇଏସ୍‌ବିଟିଆଇ ସାଧାରଣ ସମ୍ପାଦିକା ଡାକ୍ତର ସଙ୍ଗୀତା ପାଠକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ଲକ୍ଷାଧିକ ଟଙ୍କାର କଂକ୍ରିଟ୍ ଚୋରି, ଜଣେ ଗିରଫ



**ସୁନ୍ଦରଗଡ଼,୩୦।୫ (ସଂଚାର ବ୍ୟୁରୋ):** ହେମଗିର ଥାନା ଅନ୍ତର୍ଗତ ସରଡେଗା ଠାରେ ଥିବା ବାଲାଜି କମ୍ପାନୀରେ କାମ କରୁଥିବା ଦୁଇ ଜଣ କର୍ମଚାରୀ ପ୍ରୋଜେକ୍ଟ ମ୍ୟାନେଜର ଅମର ରାଉଳ ଓ ସୁପର ଭାଇଜର ପବିତ୍ର ମହାନ୍ତି ଲକ୍ଷାଧିକ ଟଙ୍କାର କଂକ୍ରିଟ ଚୋରି କରି ବିକ୍ରି କରିଥିବାର ହେମଗିର ଥାନାରେ କମ୍ପାନୀର ମେକାନିକାଲ ଅଧିକାରୀ ରବି ନାରାୟଣ ମହାନ୍ତି ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ହେମଗିର ପୁଲିସ କେସ ନମ୍ବରରେ ୨୫୬/୨୬ ଏକ ମାମଲା ରୁଜୁ କରି ପ୍ରୋଜେକ୍ଟ ମ୍ୟାନେଜର ଅମର ରାଉଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୁପର ଭାଇଜର ପବିତ୍ର ମହାନ୍ତି ଫେରାର ଥିବାରୁ ପୁଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

## ବାଲି ବୋଝେଇ ହାଇୱା ଜବତ

**ହିଞ୍ଜିଳିକାଟୁ,୩୦।୫ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ଶନିବାର ଦିନ ସକାଳେ ଏକ ବେଆଇନ ବାଲି ବୋଝେଇ ହାଇୱା ନଂ (ଓଡ଼ି୦୨ବିକେ୬୪୪୬)କୁ ଜବତ କରିଛନ୍ତି ହିଞ୍ଜିଳି ତହସିଲଦାର ତପନ କୁମାର ମହାପାତ୍ର | ହାଇୱା ବାଲି ବୋଝେଇ କରି ଆସ୍କା ନଦୀ ଘାଟରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟରେ ବିଜୁପଟ୍ଟନାୟକ ଛକ ନିକଟରେ ତହସିଲଦାର ଅଟକାଇ ଗାଡ଼ିର କାଗଜ ପତ୍ର ଯାଞ୍ଚ ସମୟରେ ବିନା କୌଣସି କାଗଜପତ୍ରରେ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ | ପରେ ସେଇ ସମ୍ପୃକ୍ତ ଗାଡ଼ି ଠାରୁ ୪୫ ହଜାର ଟଙ୍କା ଜାରିମନା ଆଦାୟ କରି ଗାଡ଼ିକୁ ତହସିଲଦାର ଶ୍ରୀ ମହାପାତ୍ର ଛାଡିଥିବା ନେଇ ଜଣାପଡିଛି।

# ସର୍ବସାଧାରଣ ରାସ୍ତାରେ ପଡ଼ିଛି ବେଆଇନ୍ ବାଡ଼

- କଲୋନୀ ବାସିନ୍ଦା ହନ୍ତସନ୍ତ, ପ୍ରଶାସନ ନୀରବ
- ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବାକୁ ଚେତାବନୀ



ଢେଙ୍କାନାଳ,୩୦।୫(ସଂଚାର ବ୍ୟୁରୋ): ଢେଙ୍କାନାଳ ସହରର ଏକ ଘନବସତି ଅଞ୍ଚଳରେ ସର୍ବସାଧାରଣ ରାସ୍ତା ବେଆଇନ୍ ଭାବେ ଅବରୋଧ କରାଯାଇ ବାଡ଼ ଦିଆଯାଇଥିବାରୁ ଏଥିପାଇଁ କଲୋନୀ ବାସିନ୍ଦା ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗତ ୩ ଦିନ ହେଲା ମୁଖ୍ୟ ରାସ୍ତା ବନ୍ଦ ଥିବାରୁ ସ୍କୁଲ ପିଲା, ରୋଗୀ ଓ ଦୈନନ୍ଦିନ କାମ ପାଇଁ ଯାଉଥିବା ଲୋକେ ପ୍ରାୟ ୧ କିମି ବୁଲି ଯିବାଆସିବା କରିବାକୁ ବାଧ୍ୟ ହେଉଛନ୍ତି। ପ୍ରଶାସନ ନିକଟରେ ଏନେଇ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି।

ସୂଚନାନୁସାରେ, ଢେଙ୍କାନାଳ ପୌରପାଳିକା ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ଶ୍ୟାମ ସିଂହ ବିହାର କଲୋନୀରେ ଯାତାୟାତ ପାଇଁ ଥିବା ଏକମାତ୍ର ରାସ୍ତାକୁ କିଛିଦିନ ତଳେ ବ୍ୟକ୍ତି ହଠାତ୍ ବନ୍ଦ କରି ବାଡ଼ ପକାଇ ଜବରଦଖଲ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜବରଦଖଲରେ ବ୍ୟକ୍ତି ଜଣଙ୍କ ୧୩ ଡିସିମିଲ୍ ରାସ୍ତା ପାଇଁ ଅଗ୍ରୀମ ଭାବେ କିଛି ଟଙ୍କା ନେଇ ସେହି ରାସ୍ତାଟିକୁ କଲୋନୀ ବାସିନ୍ଦାଙ୍କ ଯିବାଆସିବା ପାଇଁ ଛାଡ଼ିଥିଲେ। କିନ୍ତୁ ଏବେ ସେହି ରାସ୍ତାଟିକୁ ଉକ୍ତ ବ୍ୟକ୍ତି ଜଣଙ୍କ ବାଡ଼ ପକାଇ ଜବରଦଖଲ କରିଛନ୍ତି। ଏଥିଯୋଗୁଁ କଲୋନୀକୁ ଯିବାକୁ ଥିବା ଏକମାତ୍ର ରାସ୍ତା ବନ୍ଦ ହୋଇଯାଇଥିବାରୁ ପ୍ରାୟ ୩୦ଟି ପରିବାର ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗତକାଲି ଜନୈକ ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇନପାରିବାରୁ ତାଙ୍କର ମୃତ୍ୟୁ ଘଟିବା ଭଳି ଅଭାବନୀୟ ଘଟଣା ମଧ୍ୟ ଘଟିଛି। ତେଣୁ ଆଜି କଲୋନୀବାସୀ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଜବରଦଖଲ ହୋଇଥିବା ଜାଗା ବାବଦ କାଗଜପତ୍ର ମଧ୍ୟ କଲୋନୀବାସୀଙ୍କ ନିକଟରେ ଅଛି। ତେଣୁ ଏହି ରାସ୍ତାକୁ ତୁରନ୍ତ ଖୋଲାନଗଲେ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କଲୋନୀବାସୀ ଚେତାବନୀ

ଏ ସଂକ୍ରାନ୍ତରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପଚରାଯିବାରେ ସେ କହିଛନ୍ତି ଯେ ଅଭିଯୋଗ ମିଳିବା ପରେ ଘଟଣାସ୍ଥଳକୁ ଅମିନଙ୍କୁ ପଠାଯାଇଛି। ସେ ରିପୋର୍ଟ ଦେବା ପରେ ବାଡ଼ ଉଠାଇବା ଦିଗରେ ପଦକ୍ଷେପ ନିଆଯିବା ସହ ମାମଲା ରୁଜୁ କରାଯିବ। ତେବେ କଲୋନୀବାସୀଙ୍କ ସମସ୍ୟାର କେବେ ସମାଧାନ ହେଉଛି ଓ ଜୋର୍‌ଜବରଦସ୍ତି ଜାଗା ଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତା' ଦେଖିବାର କଥା।

● ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ

# ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସାରିବାକୁ ନିର୍ଦ୍ଦେଶ




ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ): ରାଜ୍ୟରେ ଉଚ୍ଚମାନର କୋଠାବାଡ଼ି, ରାସ୍ତା ଓ ସେତୁ ସହ ଭିତ୍ତିଭୂମି ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ନିର୍ମାଣ କ୍ଷେତ୍ରରେ ଗୁଣଯୁକ୍ତ ସାମଗ୍ରୀର ବ୍ୟବହାର ଭିତ୍ତିଭୂମିର ସ୍ଥାୟିତ୍ୱକୁ ବୃଦ୍ଧି କରିଥାଏ। ଅନ୍ୟପକ୍ଷରେ ନିର୍ମାଣ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରକଳ୍ପର ସ୍ୱଚ୍ଛତା ଓ ନିର୍ମାଣ ପ୍ରକ୍ରିୟାକୁ ତ୍ୱରିତ ଗତିରେ ଆଗକୁ ନେବା ସହ ସରକାରୀ ଅର୍ଥର ସଠିକ୍ ଉପଯୋଗକୁ ପ୍ରୋତ୍ସାହିତ କରିଥାଏ। ଏହାକୁ ଲକ୍ଷ୍ୟ ରଖି ଶନିବାର ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ନିର୍ମାଣ ବିଭାଗ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ରାଜ୍ୟ ଶ୍ରମ ଆୟୋଗ, ଓଡ଼ିଶା ବନ ଉନ୍ନୟନ କର୍ପୋରେସନ୍, ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍ ଆଦି ପକ୍ଷରୁ ଜାରି ବିଜ୍ଞପ୍ତି ଓ ମୂଲ୍ୟକୁ ତର୍ଜମା କରି ରାଜ୍ୟରେ ଯେଭଳି ସଠିକ୍ ଓ ସର୍ବଶ୍ରେଷ୍ଠ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରାଯିବ, ସେନେଇ ଆଲୋଚନା ହୋଇଥିଲା। ଏଥିରେ ବାଲି, ଗୋଡ଼ି, ସିମେଣ୍ଟ, ଇଟା, ପିଚୁଠାରୁ ଆରମ୍ଭ କରି ବୈଦ୍ୟୁତିକ ସାମଗ୍ରୀ, ଫର୍ଣ୍ଣିଚର ଓ କୋଠାବାଡ଼ି, ରାସ୍ତା, ସେତୁ ଆଦିର ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ଏ ସମ୍ପର୍କିତ ପ୍ରକ୍ରିୟା ଅବଲମ୍ବନ ନେଇ ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟାକୁ ଶୀଘ୍ର ଶେଷକରି ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଥିଲେ।

ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟସହନଶୀଳତା

# ବରଖାସ୍ତ ହେଲେ ପୂର୍ବତନ ଅତିରିକ୍ତ ତହସିଲଦାର



ଭୁବନେଶ୍ୱର, ୩୦।୫(ସଂଚାର ବ୍ୟୁରୋ): ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି। ଶ୍ରୀ ପିଲ୍ଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଓ ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବା ସମୟରେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତା ନେଇ ତଥ୍ୟ ଆସିଥିଲା। ଶ୍ରୀ ପିଲ୍ଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଛି ଓ ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଅଧିକାରୀଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁ ସମୟରେ କହିଆସୁଛନ୍ତି।

● ବଜ୍ରକାପ୍ତା ବିକ୍ରି ପାଇଁ ଡିଲ୍ ବେଳେ ଚଢ଼ାଉ

# ଦୁଇ ଜଣଙ୍କୁ ଧରିଲା ବନ ବିଭାଗ

■ ବଜ୍ରକାପ୍ତା ସହ ୨ମୋଟର ସାଇକେଲ୍ ଜବତ



ନବରଙ୍ଗପୁର,୩୦।୫(ସଂଚାର ବ୍ୟୁରୋ): ନବରଙ୍ଗପୁର ଡିଏଫ୍‌ଓ ଉଦୟନ ସୁବୁଦ୍ଧିଙ୍କ ନିର୍ଦ୍ଦେଶ କ୍ରମେ ଏକ ବଜ୍ରକାପ୍ତା ଜବତ କରାଯିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବନ ବିଭାଗ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଜୟପୁର ସଦର ଥାନା ଅଧିନସ୍ଥ ମାଳୀଗୁଡ଼ା ଗାଁର ବିଶ୍ୱନାଥ ମାଳୀ ଓ ଡୁମୁରିଗୁଡ଼ା ଗାଁର ଗଙ୍ଗାଧର ଗଡ଼ବା। ବଜ୍ରକାପ୍ତା ବିକ୍ରି ପାଇଁ ସେମାନେ ଯୋଜନା କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଡିଏଫ୍‌ଓ ଶ୍ରୀ ସୁବୁଦ୍ଧି ନବରଙ୍ଗପୁର ରେଞ୍ଜର ଗୋପୀନାଥ ସାହୁଙ୍କୁ ଜଣାଇଥିଲେ। ରେଞ୍ଜର ଶ୍ରୀ ସାହୁ ଓ ତାଙ୍କ ଟିମ୍ ନବରଙ୍ଗପୁର ବ୍ଲକ୍ ଦଶପୁର ଗ୍ରାମ୍ୟ ଜଙ୍ଗଲ ନିକଟରେ ପହଞ୍ଚିଥିଲେ। ସେଠାରେ ବିଶ୍ୱନାଥ ଓ ଗଙ୍ଗାଧର ଏକ ବ୍ୟାଗରେ ବଜ୍ରକାପ୍ତା ଧରି ଠିଆ ହୋଇ କେତେକ ଗ୍ରାହକଙ୍କ ସହ ବିକ୍ରି ପାଇଁ ମୂଲଚାଲ କରୁଥିଲେ। ଏହି ସମୟରେ ଶ୍ରୀ ସାହୁ ଓ ତାଙ୍କ ଟିମ୍ ସେଠାରେ ଚଢ଼ାଉ କରିବାରୁ କିଣିବାକୁ ଆସିଥିବା ବ୍ୟକ୍ତି ସେଠାରୁ ଫେରାର ହୋଇଯାଇଥିଲେ। ବନ ବିଭାଗ କର୍ମଚାରୀମାନେ ବଜ୍ରକାପ୍ତା ଜବତ କରିବା ସହ ବିଶ୍ୱନାଥ ଓ ଗଙ୍ଗାଧରଙ୍କୁ ଧରି ରେଞ୍ଜରଙ୍କ କାର୍ଯ୍ୟାଳୟକୁ ଆଣିଥିଲେ। ପଚରାଉଚରା ବେଳେ ଏହାକୁ ସେମାନେ ୪ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ଯୋଜନା କରିଥିବା ଉଭୟ ଅଭିଯୁକ୍ତ ସ୍ୱୀକାର କରିଥିଲେ। ବନ ବିଭାଗ ସେମାନଙ୍କଠାରୁ ଆହୁରି ଦୁଇଟି ମୋଟର ସାଇକେଲ ମଧ୍ୟ ଜବତ କରିଛି। ଜବତ କରାଯାଇଥିବା ବଜ୍ରକାପ୍ତାଟିକୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସୁରକ୍ଷିତ ଜଙ୍ଗଲରେ ଛଡ଼ାଯିବ ବୋଲି ରେଞ୍ଜର ଶ୍ରୀ ସାହୁ କହିଛନ୍ତି।

● ବାରଙ୍ଗ ଥାର୍ଡ ଡିଗ୍ରୀ ମାମଲା

# ପୁଅକୁ ଦେଖିପାରିଲେନି ବାପା

## ଥାର୍ଡ ଡିଗ୍ରୀ ଅଭିଯୋଗକୁ ଡିସିପିଙ୍କ ଅସ୍ୱୀକାର



କଟକ,୩୦।୫(ସଂଚାର ବ୍ୟୁରୋ): କଟକ ବାରଙ୍ଗ ଥାନା ଅଧୀନ ଚଣ୍ଡୀପ୍ରସାଦ ଗାଁର ରାକେଶ ବେହେରାଙ୍କୁ ପୋଲିସ ପ୍ରବଳ ମାଡ ମାରିଥିବା ପରିବାର ସଦସ୍ୟ ଅଭିଯୋଗ କରିଥିବା ବେଳେ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲନାହିଁ ବୋଲି ତାଙ୍କ ବାପା କାର୍ତ୍ତିକ ବେହେରା କହିଛନ୍ତି। ଗୁରୁତର ଅବସ୍ଥାରେ ପୁଲିସ୍ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେ ଏବେ କଟକ ବଡ଼ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଛନ୍ତି। ଶନିବାର ସକାଳେ ସେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ ବି ପୁଅକୁ ଦେଖା କରିପାରିନାହାନ୍ତି ବୋଲି କାର୍ତ୍ତିକ ବେହେରା କହିଛନ୍ତି। ଏଥିସହ ତାଙ୍କ ପୁଅକୁ ବାଡେଇଥିବା ପୁଲିସ ବାବୁମାନଙ୍କୁ ସସପେଣ୍ଡ କରିବାକୁ ସେ ଦାବି କରିଛନ୍ତି। ତେବେ ବାରଙ୍ଗ ଥାନାରେ ରାକେଶଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗକୁ କଟକ ଡିସିପି ରିଷିକେଶ ଖିଲାରୀ ଗତକାଲି ଖଣ୍ଡନ କରିଥିଲେ। ସେ କହିଥିଲେ ଯେ ଥାନା ପରିସରରେ କୌଣସି ନିର୍ଯାତନା ଦିଆଯାଇନାହିଁ। ସୂଚନାଯୋଗ୍ୟ ଯେ ଜନୈକା ମହିଳାଙ୍କ ମୃତଦେହକୁ ଚିହ୍ନଟ କରିବା ସକାଶେ ରାକେଶଙ୍କୁ ବାରଙ୍ଗ ଥାନାରେ ନିର୍ଯାତନା ଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ।

## ବସ୍ ଧକ୍କାରେ ଯୁବତୀ ମୃତ




କଟକ, ୩୦।୫(ସଂଚାର ବ୍ୟୁରୋ): ଏସ୍‌ସିବି ମେଡିକାଲ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ସ୍ୱାଗତିକା ମହାନ୍ତି ନାମକ ଜନୈକା ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ସ୍କୁଟିରେ ଯାଉଥିବା ବେଳେ ଜୟ କପୀଶ ନାମକ ଏକ ଘରୋଇ ବସ୍ ଧକ୍କା ଦେବାରୁ ତାଙ୍କର ପ୍ରାଣହାନି ଘଟିଛି। ପୁଲିସ ପହଞ୍ଚି ଯୁବତୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ମୃତ ସ୍ୱାଗତିକା ଜଣେ ପୋଲିସ କର୍ମଚାରୀଙ୍କର ଝିଅ । ସେ ସ୍କିଲିଂ ୟଥ୍ କୋ-ଅର୍ଡ଼ିନେଟର ଭାବେ ଲାଇଟ୍ ହାଉସ୍‌ରେ କାର୍ଯ୍ୟ କରୁଥିଲେ। ଶନିବାର କାର୍ଯ୍ୟାଳୟକୁ ଆସୁଥିବା ସମୟରେ ବସ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଯୁବତୀଙ୍କର ମୃତ୍ୟୁ ଘଟିଥିଲା।

**ଅପରାଧୀଙ୍କୁ ନିସ୍ତାର ନାହିଁ, ଝାରସୁଗୁଡ଼ାରେ ଏନକାଉଣ୍ଟର**

# ଦୁର୍ଦ୍ଧାନ୍ତ ଜୟ ଚୌହାନ ଓ ସହଯୋଗୀ ଗିରଫ



ଝାରସୁଗୁଡ଼ା,୩୦।୫(ସଂଚାର ବ୍ୟୁରୋ): ସମ୍ବଲପୁର, ଭୁବନେଶ୍ୱର, ବ୍ରହ୍ମପୁର ପରେ ଏବେ ଝାରସୁଗୁଡ଼ା ପୁଲିସ ବି ଆକ୍ସନ ମୋଡ୍‌କୁ ଆସିଛି। ଫେରାର ଅପରାଧୀଙ୍କୁ ଧରିବାକୁ ଏନକାଉଣ୍ଟର କରିଛି ପୁଲିସ। ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ଏନକାଉଣ୍ଟର ହୋଇଛି। ପୁଲିସ ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ଜୟ ଚୌହାନ ଆହତ ହୋଇଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଥିବା ସୂଚନା ମିଳିଛି। ଆହତ ଅପରାଧୀକୁ ଚିକିତ୍ସା ପାଇଁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଖବର ଅନୁଯାୟୀ, ବ୍ରଜରାଜନଗର ଗାନ୍ଧି ଛକ ଅଞ୍ଚଳର ବାସିନ୍ଦା ଜୟ ଚୌହାନ ତା'ର ସହଯୋଗୀଙ୍କ ସହ ମିଶି ରେଙ୍ଗାଲି ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି ପାଇଁ ଯୋଜନା କରୁଥିଲା। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୁଲିସକୁ ଦେଖି ଅପରାଧୀମାନେ ଛତ୍ରଭଙ୍ଗ ଦେବା ସହ ପୁଲିସ ଉପରକୁ ଗୁଳି ଚଳାଇବାକୁ ଚେଷ୍ଟା କରିଥିଲେ। ଆତ୍ମରକ୍ଷା ସହ ଅପରାଧୀକୁ କାବୁ କରିବା ପାଇଁ ପୁଲିସ ପକ୍ଷରୁ ମଧ୍ୟ ଗୁଳିଚାଳନା କରାଯାଇଥିଲା। ଏହି ଗୁଳି ବିନିମୟ ସମୟରେ ଏକ ଗୁଳି ଜୟ ଚୌହାନର ଡାହାଣ ଗୋଡ଼ରେ ବାଜିଥିଲା, ଯାହା ଫଳରେ ସେ ସେଠାରେ ଟଳି ପଡ଼ିଥିଲା।

ସେପଟେ ଏନକାଉଣ୍ଟର ବେଳେ ଜୟର ଅନ୍ୟ ଜଣେ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନ୍ଧାରର ସୁଯୋଗ ନେଇ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ ଅନ୍ୟ ୪ ସହଯୋଗୀ। ତେବେ ରାତିରେ ପୁଲିସର କୁମ୍ବିଂ ଅପରେସନରେ ସବୁ ଫେରାର ଅପରାଧୀ ଧରାପଡିଛନ୍ତି। ଜୟ ଚୌହାନ ସହ କରଣ ଚୌହାନ, ବିଶ୍ୱଜିତ ନାୟକ, ସନ୍ତୋଷ ମାହାତୋ ଓ ରୋହିତ କୁମାର ସିଂଙ୍କୁ ଝାରସୁଗୁଡ଼ା ପୁଲିସ ଗିରଫ କରିଛି। ଗିରଫ ଅପରାଧୀଙ୍କଠାରୁ ଦେଶୀ ବନ୍ଧୁକ, ଗୁଳି, ଭୁଜାଲି ଓ ଗୋଟିଏ ପିକଅପ ଗାଡ଼ି ମଧ୍ୟ ଜବତ ହୋଇଛି। ଏହି ଅଭିଯୁକ୍ତମାନେ ନିୟମିତ ଭାବେ ଡକାୟତି, ଲୁଟ୍, ହତ୍ୟା, ଚୋରି ଆଦି ଅପରାଧରେ ସମ୍ପୃକ୍ତ ବୋଲି ଝାରସୁଗୁଡ଼ା ଏସ୍‌ପି କହିଛନ୍ତି।

ରାଜଧାନୀରେ ହାଇୱେ ହରର୍

# କାର୍‌କୁ ଘୋଷାଡ଼ିନେଲା ହାଇୱା



ଭୁବନେଶ୍ୱର, ୩୦।୫ (ସଂଚାର ବ୍ୟୁରୋ) : ଆତଙ୍କ ଖେଳାଇଲା ହାଇଓ୍ୱା ଟ୍ରକ। ରାଜଧାନୀରେ ରାସ୍ତା ଉପରେ ଦେଖିବାକୁ ମିଳିଛି ହାଇୱେ ହରର୍। ଏକ କାରକୁ ବେଶ୍ କିଛି ବାଟ ଘୋଷାଡ଼ି ନେଇଛି ଏକ ଦ୍ରୁତଗାମୀ ହାଇୱା ଟ୍ରକ। ଏନ୍‌ଏଚ ୧୬ ଉପରେ ଘଟିଛି ଏପରି ଏକ ଛାତିଥରା ଦୃଶ୍ୟ। ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଅଘଟଣ। ମଞ୍ଚେଶ୍ୱରରୁ ପାହାଳ ଆଡ଼କୁ ଯାଉଥିବା ଉକ୍ତ ହାଇୱା ଟ୍ରକ୍‌ଟି ଆତଙ୍କ ଖେଳାଇଛି। ଏକ କାରରେ ପରିବାର ଲୋକେ ଯାଉଥିବା ସମୟରେ ଏହାକୁ ଧକ୍କା ଦେଇ ବେଶ୍ କିଛି ବାଟ ଘୋଷାଡ଼ି ନେଇଥିଲା ଉକ୍ତ ହାଇୱା ଟ୍ରକ୍। ଉକ୍ତ କାର୍‌ରେ ଦାଦା ଓ ଝିଆରି ବସିଥିବା ବେଳେ ଏହି ଦୃଶ୍ୟ ବେଶ୍ ଭୟାନକ ଥିଲା।

ମଞ୍ଚେଶ୍ୱର ଗଙ୍ଗୁଆ ବ୍ରିଜ ଉପରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। କାର୍‌ଟିକୁ ହାଇୱାଟି ପାଖାପାଖି ୬୦୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇ ଦ୍ରୁତ ବେଗରେ ଖସିଯାଉଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଖବର ପାଇବା ପରେ ପିସିଆର ଟିମ୍ ଉକ୍ତ ଟ୍ରକ୍‌କୁ ପିଛା କରି ପାହାଳ ନିକଟରେ ବ୍ଲକିଂ ଓ ଜାମ ଭଳି ସ୍ଥିତି ସୃଷ୍ଟି କରି ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରିବା ସହ ହାଇୱାକୁ ଜବତ କରିଛି। କାର୍‌ରେ ଥିବା ଦାଦା ସୁବ୍ରତ ପଟ୍ଟନାୟକ ଓ ଝିଆରି ଆଦ୍ୟାଶା ଏଥିରେ ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତ ଡ୍ରାଇଭର ଜଣଙ୍କ ବୌଦ୍ଧର ଜଗମୋହନ ଭୁକ୍ତା ବୋଲି ଜଣାପଡ଼ିଛି। ଦୁର୍ଘଟଣା ଘଟାଇବା ପରେ ସେ ଲୋକଙ୍କ ଆକ୍ରୋଶର ଶିକାର ହେବା ଭୟରେ ଗାଡ଼ି ରୋକିନଥିବା ପଚରାଉଚରା ସମୟରେ କହିଛନ୍ତି। ତେବେ ସେ ଦୁର୍ଘଟଣା ଘଟାଇବା ସମୟରେ ମଦ୍ୟପାନ କରିନଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଡ୍ରାଇଭର୍ ଶ୍ରୀ ଭୁକ୍ତାଙ୍କ ବିରୋଧରେ ଗୁରୁତର ଧାରା ଲଗାଯାଇଛି ବୋଲି ଡିସିପି ଜଗମୋହନ ମିନା କହିଛନ୍ତି।

ତ୍ରୀକୋଣୀୟ ପ୍ରେମ ପାଇଁ ହତ୍ୟା

# ସାଙ୍ଗକୁ ଗାଡ଼ି ଚଢ଼ାଇ ମାରିଦେଲା ସାଙ୍ଗ



ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ): ତ୍ରିକୋଣୀୟ ପ୍ରେମରୁ ସଂଘବଦ୍ଧ ହତ୍ୟା। ରାତି ଅଧରେ ଥାର୍ ଗାଡି ଚଢ଼ାଇ ହତ୍ୟା। ପିଲାଦିନର ବନ୍ଧୁ ହିଁ ଏହି ହତ୍ୟାର ସାଜିଥିଲା ମାଷ୍ଟରମାଇଣ୍ଡ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର 'ଥାର୍' ଦୁର୍ଘଟଣାରେ ଆସିଛି ନୂଆ ଟ୍ୱିଷ୍ଟ। ଗତକାଲି ସମୟ ପାଖାପାଖି ୧୨ଟା। ନୀଳାଦ୍ରି ବିହାର ଏଟିଏମ୍ ଛକ ନିକଟରେ ଏକ ବାଇକକୁ ପଛପଟୁ ଶକ୍ତ ଧକ୍କା ଦେଇଥିଲା ଦ୍ରୁତଗାମୀ ଥାର୍ ଗାଡ଼ି। ବାଇକରେ ୩ ଜଣ ଯୁବକ ଯାଉଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ସମସ୍ତେ ଛିଟିକି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ମୃତ ଯୁବକଙ୍କ ଘର ଖୋର୍ଦ୍ଧା ଜିଲ୍ଲା କାଇପଦର ଅଞ୍ଚଳର। ଅନ୍ୟ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ପ୍ରଥମରୁ ଏହା ଦୁର୍ଘଟଣା ପରି ମନେ ହେଉଥିଲା। କିନ୍ତୁ ପରିବାର ଲୋକଙ୍କ ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ପୁଲିସ ଆରମ୍ଭ କରିଥିଲା ତଦନ୍ତ।

ଆହତ ଓ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲା ପୁଲିସ। କୌଣସି ବିଳମ୍ବ ନ କରି ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତ ଯେପରି ଖସି ଯାଇ ନ ପାରିବେ, ସେଥିପାଇଁ ପୂରା ଲାଗିପଡ଼ିଥିଲା। ରାତାରାତି ସବୁ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା ପୁଲିସ। ତଦନ୍ତରୁ ଜଣାପଡ଼ିଲା, ଏହା ଦୁର୍ଘଟଣା ନୁହେଁ ବରଂ ଏକ ସଂଘବଦ୍ଧ ହତ୍ୟା।ପ୍ରେମ ବ୍ୟାପାରକୁ ନେଇ ଲସି ଦୋକାନରେ ଗଣ୍ଡଗୋଳ ହୋଇଥିଲା। ବାଇକରେ ଆସିଥିବା ମୃତକ ଓ ତାଙ୍କ ସହଯୋଗୀ ଆଉ ଅଭିଯୁକ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କିନ୍ତୁ ଏହାର କିଛି ସମୟ ପରେ ବାଇକରେ ଫେରୁଥିବା ବେଳେ ଅଭିଯୁକ୍ତମାନେ ଥାର୍ ଗାଡ଼ିରେ ସେମାନଙ୍କ ପିଛା କରିଥିଲେ। ଶେଷରେ ବାଇକ୍ ଆରୋହୀଙ୍କୁ ଗାଡ଼ି ଚଢ଼ାଇ ସେମାନେ ହତ୍ୟା କରିଥିଲେ। ସେହିପରି ମୃତକଙ୍କ ଭଉଣୀ କହିଛନ୍ତି ଯେ ଭାଇର ହତ୍ୟା ପଛରେ ତା'ର ସାଙ୍ଗମାନଙ୍କର ହାତ ରହିଛି। ଏମିତିକି ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ପିଲାଦିନର ବନ୍ଧୁ। ପ୍ରଥମେ ତାଙ୍କୁ ମାରପିଟ୍ କରିଥିଲେ ଓ ପରେ ଗାଡ଼ି ଚଢ଼ାଇ ହତ୍ୟା କରିଥିଲେ। ଚନ୍ଦ୍ରଶେଖରପୁର ପୁଲିସ ହତ୍ୟା ମାମଲା ରୁଜୁ କରି ଛାନଭିନ୍ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଥାର୍ ଗାଡ଼ି ଓ ବାଇକକୁ ପୁଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି। ହତ୍ୟାକାଣ୍ଡରେ କେବଳ ୫ ଜଣଙ୍କ ସମ୍ପୃକ୍ତି ନା ଆଉ କାହାର ହାତ ରହିଛି, ସେନେଇ ତଦନ୍ତ ଜାରି ରହିଛି।

## ବ୍ରାଉନସୁଗର ଧରିଲେ ମହିଳା, ଜଣେ ଅଟକ

ଆନନ୍ଦପୁର, ୩୦।୫ (ସଂଚାର ବ୍ୟୁରୋ): ଗାଁ ନିକଟ ଶ୍ମଶାନରେ ଚାଲିଥିଲା ବ୍ରାଉନସୁଗର କାରବାର। ଖବର ପାଇ ମିଳିତ ଚଢ଼ାଉ କଲେ ଗାଁ ମହିଳା। ଜଣକୁ ଅଟକ ରଖି ପୁଲିସ ଜିମା ଦେଇଥିବା ବେଳେ ଆଉ ୫ ଜଣ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଶାଳପଡ଼ା ନୂଆ କଲୋନୀରେ। ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ କେତେକ ଯୁବକ ଶ୍ମଶାନ ନିକଟରେ ବସି ନିଶା କାରବାର ସହ ନିଶା ସେବନ କରୁଥିଲେ। ଏ ନେଇ ଖବର ପାଇ ଗାଁର ମହିଳାମାନେ ଏକତ୍ରିତ ହୋଇ ସେଠାରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ୬ ଜଣଙ୍କ ମଧ୍ୟରୁ ୫ ଜଣ ଦୌଡ଼ି ପଳାଇଥିବା ବେଳେ ଜଣଙ୍କୁ ମହିଳାମାନେ କାବୁ କରିଥିଲେ। ପରେ ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ଯୁବକଙ୍କ ନିକଟରୁ ୪୦ଟି ବ୍ରାଉନସୁଗର ପୁଡ଼ିଆ ଜବତ କରିଥିଲା। ପୁଲିସ ସମ୍ପୃକ୍ତ ଯୁବକକୁ ଥାନାକୁ ନେଇ ବ୍ରାଉନସୁଗର ସମ୍ପର୍କରେ ଅଧିକ ଖୋଳତାଡ଼ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ନିଶା କାରବାର ହେଉଥିଲେ ମଧ୍ୟ ପୁଲିସ ନିଶା କାରବାର ରୋକିବାରେ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି।

● ଜଙ୍ଗଲରୁ ମିଳିଲା ବୃଦ୍ଧଙ୍କ ମୃତଦେହ

# ଶ୍ୱଶୁରଙ୍କୁ ହତ୍ୟା କରି ଜ୍ୱାଇଁ ଫେରାର୍!



କାକଟପୁର/ଅସ୍ତରଙ୍ଗ,୩୦।୫(ସଂଚାର ବ୍ୟୁରୋ): ପାରିବାରିକ କଳହ ଶେଷରେ ଉଗ୍ରରୂପ ନେବାରୁ ଶ୍ୱଶୁରଙ୍କୁ ହତ୍ୟା କରିଛି ଜ୍ୱାଇଁ। ଏଥିସହ ପ୍ରମାଣ ନଷ୍ଟ କରିବା ସକାଶେ ସେ ଶ୍ୱଶୁରଙ୍କ ମୃତଦେହକୁ ଜଙ୍ଗଲରେ ଫିଙ୍ଗିଦେଇଥିବା ଭଳି ଅଭାବନୀୟ କାଣ୍ଡ ସାମ୍ନାକୁ ଆସିଛି।

ମିଳିଥିବା ସୂଚନାନୁସାରେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମୁଦୁଗଲ ଖେଳ ପଡ଼ିଆ ନିକଟରେ ଆଜି ପୂର୍ବାହ୍ନ ସମୟରେ ସ୍ଥାନୀୟ ଲୋକେ ଏକ ମୃତଦେହ ପଡ଼ିଥିବା ଦେଖିବାକୁ ପାଇ ଏନେଇ ପୁଲିସ୍‌କୁ ଖବର ଦେଇଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମୃତଦେହଟି ସିଦ୍ଧିପୁର ଗ୍ରାମର ଭ୍ରମରବର ନାୟକ (୮୫)ଙ୍କର ବୋଲି ଜାଣିବାକୁ ପାଇଥିଲା। ଗତ କିଛି ଦିନ ହେବ ଭ୍ରମରବର ସିଦ୍ଧିପୁର ନିକଟରେ ଏକ ନୂଆ ଘର ନିର୍ମାଣ କରୁଥିବା ବେଳେ ତାଙ୍କର କିଛି ଲୋକଙ୍କ ସହ ବିବାଦ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଭ୍ରମରବରଙ୍କ ତୃତୀୟ ଝିଅ ମାଧିକୁ ଦିଲ୍ଲୀରେ ପ୍ରେମ ବିବାହ କରି ଉତ୍ତରପ୍ରଦେଶ ଶିଶିଲଗଡ଼ର ସୁପିନ୍ଦର ଚୌଧୁରୀ ଓରଫ ସୁଫି ବିବାହ କରିଥିଲେ। ତେବେ ବିବାହର କିଛି ଦିନ ପରେ ମାଧି ଓ ତାଙ୍କ ସ୍ୱାମୀ ଭ୍ରମରବରଙ୍କ ଘରେ ଆସି ରହୁଥିଲେ। ତେବେ ସୁଫି ଅନ୍ୟ ସମ୍ପ୍ରଦାୟର ହୋଇଥିବାରୁ ଭ୍ରମରବରଙ୍କ ସହ ତାଙ୍କର ବିଭିନ୍ନ ସମୟରେ କଳି ଝଗଡ଼ା ହେଉଥିଲା। ଏହି କ୍ରମରେ ଗତକାଲି ଭ୍ରମଣବର ଟଙ୍କା ଉଠାଇବା ସକାଶେ ଜ୍ୱାଇଁ ସୁଫିଙ୍କ ସହ ବ୍ୟାଙ୍କକୁ ଯାଇଥିଲେ। ତେବେ ଏହାପରେ ଭ୍ରମଣବର କୁଆଡ଼େ ଗଲେ, ସେ ନେଇ କେହି କିଛି ଜାଣିନଥିଲେ। ଆଜି ପୂର୍ବାହ୍ନେରେ ତାଙ୍କ ମୃତଦେହ ମିଳିବା ପରେ ସୁଫି ତାଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ତା'ଛଡ଼ା ଭ୍ରମରବରଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଛି।

# କାର୍ଗିଲ ବସ୍ତିରୁ ଅବୈଧ ନିର୍ମାଣ ଉଚ୍ଛେଦ

**ତିଆରି ହେବ ୪-ଲେନ୍ ରାସ୍ତା**




ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ପୁଣି ଚାଲିଲା ବୁଲ୍‌ଡୋଜର୍। ମାଟିରେ ମିଶିଲା କାର୍ଗିଲ ବସ୍ତିର ଅବୈଧ ନିର୍ମାଣ। ପଳାସପଲ୍ଲୀରୁ ପୋଖରୀପୁଟ ସଂଯୋଗ କରୁଥିବା ୭୦ ଫୁଟିଆ ୪-ଲେନ୍ ରାସ୍ତା ନିର୍ମାଣ ପାଇଁ ଆଜି ପ୍ରଶାସନ ପକ୍ଷରୁ ନିଆଯାଇଛି ବଡ଼ ଆକ୍ସନ। ଦୀର୍ଘ ଦିନ ଧରି ସରକାରୀ ଜମିକୁ ଜବରଦଖଲ କରି ଗଢ଼ି ଉଠିଥିବା ପ୍ରାୟ ୨୦ରୁ ଅଧିକ ଘର ଓ ଦୋକାନକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମନିଟରିଂ କମିଟିର ଏହି ମେଗା ଡ୍ରାଇଭ୍ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ବ୍ୟାପକ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା।

ରାଜଧାନୀରେ ସ୍ମାର୍ଟ ରୋଡ୍ କନେକ୍ଟିଭିଟିକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ବଡ଼ ପଦକ୍ଷେପ ନେଇଛି। ପଳାସପଲ୍ଲୀରୁ ପୋଖରୀପୁଟ ମଧ୍ୟରେ ୭୦ଫୁଟିଆ ଚାରି ଲେନ୍ ବିଶିଷ୍ଟ ପ୍ରଶସ୍ତ ରାସ୍ତା ନିର୍ମାଣ ହେବାକୁ ଯାଉଛି। ହେଲେ ଏହି ବିକାଶମୂଳକ କାର୍ଯ୍ୟ ପଥରେ କାର୍ଗିଲ ବସ୍ତି ଅଞ୍ଚଳରେ ଥିବା ଜବରଦଖଲ ବାଧା ସାଜିଥିଲା। ସରକାରୀ ଜମି ମାଡ଼ିବସି ଅବୈଧ ଘର ଏବଂ ଦୋକାନ ବେଆଇନ ଭାବେ ଗଢ଼ି ଉଠିଥିଲା। ଏହି ଘର ଗୁଡ଼ିକ ଉପରେ ଶେଷରେ ପ୍ରଶାସନର ହାତୁଡ଼ି ଚାଲିଛି। ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମନିଟରିଙ୍ଗ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳୁ ବଡ଼ ଧରଣର ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଉଚ୍ଛେଦ ବେଳେ ବିଡିଏ, ବିଏମ୍‌ସି, ଟିପିସିଓଡିଲ୍, ଜିଏ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏନେଇ ଆଗରୁ ସୂଚନା ଦିଆଯାଇଥିଲା ବୋଲି ଜିଏ ମୁଖ୍ୟ କହିଥିଲେ। ତେଣୁ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଶୃଙ୍ଖଳାର ସହ ସମ୍ପୂର୍ଣ୍ଣ ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା।

ତେବେ ଦୀର୍ଘଦିନ ହେବ ଜବରଦଖଲ କରି ରହିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କିନ୍ତୁ ସେମାନଙ୍କୁ ଆୟତ୍ତ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। କାର୍ଯ୍ୟାନୁଷ୍ଠାନ ସମୟରେ କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବା ସକାଶେ ଘଟଣାସ୍ଥଳରେ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଲୋକଙ୍କୁ ବୁଝାସୁଝା କରି ସେଠାରୁ ହଟାଯାଇଛି ଓ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଉଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ଏବେ ୪-ଲେନ୍ ବିଶିଷ୍ଟ ସ୍ମାର୍ଟ ରୋଡ୍ ନିର୍ମାଣ କାର୍ଯ୍ୟ ଆହୁରି ଦ୍ରୁତ ଗତିରେ ଆଗେଇବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ ଏମ୍‌ଜି ମାଜେଷ୍ଟର୍‌ର ବଜାରକୁ ପ୍ରବେଶ

## ଟୟୋଟା ଫର୍ଚୁନର୍‌କୁ କରିବ ଚ୍ୟାଲେଞ୍ଜ




**ନୂଆଦିଲ୍ଲୀ,୩୦।୫ :** ଭାରତରେ ଲଞ୍ଚ ହୋଇଛି ଏମ୍‌ଜି ମାଜେଷ୍ଟର। ଏହା ଶେଷରେ ନିଜର ନୂଆ ଫ୍ଲାଗସିପ୍ ଏସ୍‌ୟୁଭି, ଏମ୍‌ଜି ମାଜେଷ୍ଟର ର ମୂଲ୍ୟ ପ୍ରକାଶ କରିଛି। ଏହି ଏସ୍‌ୟୁଭି ଏବେ ସିଧାସଳଖ ଟୟୋଟା ଫର୍ଚୁନର୍ କୁ ଚ୍ୟାଲେଞ୍ଜ କରୁଥିବା ପରି ମନେ ହେଉଛି। ଏମ୍‌ଜି ମାଜେଷ୍ଟର ର ୪୦୨ ଅଟୋମେଟିକ୍ ଭାରିଆଣ୍ଟ ର ଏକ୍ସ-ସୋରୁମ୍ ପ୍ରାଇସ୍ ହେଉଛି- ୪୦.୯୯ ଲକ୍ଷ ରୁ ଆରମ୍ଭ ହେଉଥିବାବେଳେ ୪୦୪ ଅଟୋମେଟିକ୍ ୭-ସିଟର ଭାରିଆଣ୍ଟର ଏକ୍ସ-ସୋରୁମ୍ ମୂଲ୍ୟ ୪୪.୯ ଲକ୍ଷରେ ଉପଲବ୍ଧ ହେବ। ରିପୋର୍ଟ ଅନୁଯାୟୀ, ଫର୍ଚୁନରର ଟପ୍ ମଡେଲଟି ଅଧିକ ମହଙ୍ଗା। ଏହି କାରଣରୁ ମାଜେଷ୍ଟର ଏହାର ଲଞ୍ଚ ହେବା ପରଠାରୁ ଏସ୍‌ୟୁଭି ବଜାରରେ ଅଧିକ ଚର୍ଚ୍ଚାରେ ରହିଛି। ଏମ୍‌ଜି ଏହି ଏସ୍‌ୟୁଭି କୁ ଖରାପ ରାସ୍ତା ଉପସ୍ଥିତି, ଉନ୍ନତ ଅଫ୍-ରୋଡ୍ ଟେକ୍ନୋଲୋଜି ଏବଂ ଲକ୍ସୁରୀ ଫିଚର୍ସଗୁଡ଼ିକର ଏକ ପାୱାରଫୁଲ ମିଶ୍ରଣ ପ୍ରଦାନ କରିବାକୁ ଚେଷ୍ଟା କରିଛି। କମ୍ପାନୀ ଦାବି କରିଛି ଯେ ଏହି ଏସ୍‌ୟୁଭି କେବଳ ସହରରେ ନୁହେଁ ବରଂ ଖରାପ ରାସ୍ତାରେ ମଧ ଭଲ ପ୍ରଦର୍ଶନ ପ୍ରଦାନ କରିବ। ଇଞ୍ଜିନ ଏବଂ ଅଫ୍-ରୋଡ୍ ଫିଚର୍ସ: ଏମ୍‌ଜି ମାଜେଷ୍ଟର ଏକ ଟ୍ୱିନ୍-ଟର୍ବୋ ଡିଜେଲ୍ ଇଞ୍ଜିନ୍ ଦ୍ୱାରା ପରିଚାଳିତ ଯାହା ୨୧୫.୫ ପିଏସ୍ ପାୱାର ଏବଂ ୪୭୮.୫ ଏନ୍‌ଏମ୍ ଟର୍କ ଜେନେରେଟ୍ କରେ। ଏହି ଏସ୍‌ୟୁଭି କୁ ଏହାର ସେଗମେଣ୍ଟରେ ସବୁଠାରୁ ଲମ୍ବା, ଚଉଡା ଏବଂ ଉଚ୍ଚ ଏସ୍‌ୟୁଭି ବୋଲି କୁହାଯାଏ। ଏହାର ଆକାର ବହୁତ ବଡ଼, ତେଣୁ ଏହାକୁ ରାସ୍ତାରେ ଏକ ଜବରଦସ୍ତ ଉପସ୍ଥିତି ପ୍ରଦାନ କରେ। ଅଫ୍-ରୋଡ୍ ଉତ୍ସାହୀଙ୍କ ପାଇଁ, ଏହା ଟ୍ରିପଲ୍ ଡିଫରେନ୍ସିଆଲ୍ ଲକ୍, ୧୦ ଅଫ୍-ରୋଡ୍ ମୋଡ୍ ଏବଂ କ୍ରଲ୍ କଣ୍ଟ୍ରୋଲ୍ ମୋଡ୍ ଭଳି ଫିଚର୍ସ ପ୍ରଦାନ କରେ। ଏହା ସହିତ, ଏହି ଏସ୍‌ୟୁଭି ର ଗ୍ରାଉଣ୍ଡ କ୍ଲିୟରାନ୍ସ ୨୧୯ଏମ୍‌ଏମ୍‌ଏବଂ ପାଣିରେ ଚାଲିବା କ୍ଷମତା ୮୧୦ଏମ୍‌ଏମ୍ ରହିଛି। ଏହା ଏହାକୁ ଏକ ପାୱାରଫୁଲ୍ ଏସ୍‌ୟୁଭି କରିଥାଏ, ଖରାପ ରାସ୍ତାରେ ମଧ ଭଲ ପ୍ରଦର୍ଶନ ପ୍ରଦାନ କରିଥାଏ। ଏମ୍‌ଜି ଏହାକୁ କେବଳ ଏକ ଲଗଜରୀ ଏସ୍‌ୟୁଭି ଭାବରେ ନୁହେଁ ବରଂ ଏକ ଅଫ୍-ରୋଡ୍ ଗାଡ଼ି ଭାବରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖିଛି।

# ଜାପାନରେ ଭାରତୀୟ ଆମ୍ବ ବ୍ୟାନ୍



**ନୂଆଦିଲ୍ଲୀ,୩୦।୫:** ଭାରତ ବିଶ୍ୱରେ ଆମ୍ବ ଉତ୍ପାଦନରେ ପ୍ରଥମ। ପ୍ରତିବର୍ଷ ଦେଶରେ ପାଖାପାଖି ୨୪ ମିଲିୟନ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ ଓ ଏହାର ଉନ୍ନତ କିସମ ବିଶ୍ୱର ବିଭିନ୍ନ ଦେଶକୁ ରପ୍ତାନୀ ହୋଇଥାଏ। ତେବେ ଜାପାନ ଏବେ ଭାରତୀୟ ଆମ୍ବ ଉପରେ ଅସ୍ଥାୟୀ ରୋକ ଲଗାଇ ଦେଇଛି। ଏହା ପରେ ଆଲଫାନସୋ, କେଶର, ଲଙ୍ଗଡା ଓ ବାଇଗଣ ପଲେଇ କିସମ ଆମ୍ବ ରପ୍ତାନୀକାରୀଙ୍କୁ ଝଟକା ଲାଗିଛି। ଏଥିରେ ହୁଏତ ଆପଣ ଜାଣିବାକୁ ଚାହିଁ ପାରନ୍ତି ଜାପାନୀ ଲୋକଙ୍କ ପସନ୍ଦର ଆମ୍ବ କ'ଣ? ତେବେ ଆସନ୍ତୁ ଜାଣିବା ଏହି ପ୍ରଶ୍ନର ଉତ୍ତର ।

### ● ଜାପାନରେ ଭାରତୀୟ ଆମ୍ବ ନିଷିଦ୍ଧ

ଜାପାନର ଏହି ଆମ୍ବ କଟକଣା ସ୍ୱାଦ, କ୍ୱାଲିଟି ସମ୍ପର୍କିତ ଚିନ୍ତା ଯୋଗୁ ନୁହେଁ ବରଂ କଡ଼ା କୃଷି କ୍ୱାରେଣ୍ଟାଇନ ନିୟମ ଯୋଗୁ ଲାଗୁ ହୋଇଛି। ମାର୍ଚ୍ଚ ୨୦୨୬ରେ ଜାପାନର କ୍ୱାରେଣ୍ଟାଇନ ଅଧିକାରୀ ଭାରତରେ ଆମ୍ବର ଉପଚାର ଓ ପ୍ୟାକେଜିଂ ଫାସେଲିଟିର ନିରୀକ୍ଷଣ କରିଥିଲେ। କଥିତ ରୂପେ ଏକ୍ସପୋର୍ଟ ପୂର୍ବରୁ ଉପଯୋଗ କରାଯାଉଥିବା ଫ୍ୟୁମିଗେସନ ଓ ପରିଷ୍କାର ପରିଛନ୍ନତା ପ୍ରକ୍ରିୟାରେ ଟେକ୍ନିକାଲ ତ୍ରୁଟି ଦେଖିବାକୁ ପାଇଥିଲେ। ଜାପାନ ଆମଦାନୀ ଫଳରେ ପୋକ ଓ ଫ୍ରୁଟ ଫ୍ଲାଇଜ୍ ପାଇଁ ଜିରୋ ଟୋଲେରାନ୍ସ ନୀତି ଅବଲମ୍ବନ କରୁଛି। ତେବେ ନିରୀକ୍ଷଣ ପରେ ଜାପାନ୨୫ ମାର୍ଚ୍ଚ ୨୦୨୬ ପରେ ଜାରି କରାଯାଉଥିବା ପ୍ରମାଣପତ୍ର ସହିତ ଆମ୍ବ କନସାଇନମେଣ୍ଟକୁ ସ୍ୱୀକାର କରିବା ବନ୍ଦ କରିଦେଇଛି।

### ● ଜାପାନରେ ଆମ୍ବର କେଉଁ କିସମ ସବୁଠୁ ପ୍ରସିଦ୍ଧ?

ଜାପାନରେ ଲୋକେ ସବୁଠୁ ଅଧିକ ଖାଉଥିବା ଆମ୍ବ କିସମ ହେଉଛି 'ଇରୱିନ୍'। ଏହାକୁ ଜାପାନରେ ଲୋକେ 'ଆପଲ ମ୍ୟାଙ୍ଗୋ' ନାମରେ ଜାଣନ୍ତି। ଭାରତରେ ଆମ୍ବକୁ ଏକ ଋତୁକାଳୀନ ଫଳ ମନେ କରାଯାଏ। ହେଲେ ଜାପାନରେ ଆମ୍ବ ଏକ ବିଳାଶିତା ସାମଗ୍ରୀ ଓ ଲୋକେ ଏହାକୁ ଉପହାର ରୂପେ କ୍ରୟ କରିଥାନ୍ତି। ଇରୱିନ କିସମର ଆମ୍ବ ଚାଷ ମୁଖ୍ୟତଃ ଜାପାନର ଓକିନୱା ଓ ମିୟାଜାକୀ ପ୍ରାନ୍ତରେ ଚାଷୀ ଗ୍ରୀନ ହାଉସରେ ନିୟନ୍ତ୍ରିତ ପରିବେଶରେ ଅମଳ କରନ୍ତି। ଏହି ଆମ୍ବ ତାର ଗଭୀର ଲାଲ ରଙ୍ଗ, ଆକାର ଓ ମିଠା ସ୍ୱାଦ ପାଇଁ ଜଣାଯାଏ।

### ● ଜାପାନରେ କେଉଁ ଇମ୍ପୋର୍ଟେଡ ଆମ୍ବର ଚାହିଦା ବେଶି

ଘରୋଇ ଭାବେ ଜାପାନ ଲଗଜରୀ ଆମ୍ବ ଉତ୍ପାଦନ କରିବା ସତ୍ତ୍ୱେ ବିଦେଶରୁ ମଧ୍ୟ ଆମଦାନୀ କରିଥାଏ। କଟକଣା ଲାଗିବା ପୂର୍ବରୁ ଭାରତୀୟ ଆମ୍ବ ସେହି ଗ୍ରାହକଙ୍କ ମଧ୍ୟରେ ବେଶ୍ ଲୋକପ୍ରୀୟ ଥିଲା ଯେଉଁମାନେ ବିଦେଶୀ ଇମ୍ପୋର୍ଟେଡ କ୍ୱାଲିଟି ଉପରେ ଭରସା କରନ୍ତି। ଭାରତ ବ୍ୟତୀତ ଥାଇଲ୍ୟାଣ୍ଡ, ମେକ୍ସିକୋ ଓ ଫିଲପାଇନ୍ସ ଆଦି ଦେଶରୁ ଜାପାନଆମ୍ବ ଆମଦାନୀ କରିଥାଏ।

# ଡିଜେଲରେ ଆଇସୋବୁଟାନଲ ମିଶ୍ରଣ ହେବ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୨୯।୫:** ଦେଶର ଇନ୍ଧନ ସୁରକ୍ଷା ବଢାଇବା ଓ ପରିବହନ କ୍ଷେତ୍ରକୁ କାର୍ବନ ଉର୍ତ୍ସଜନରୁ ମୁକ୍ତ କରିବା ପାଇଁ ଭାରତ ସରକାର ଡିଜେଲରେ ଆଇସୋବୁଟାନଲ ମିଶ୍ରଣ ଅନିବାର୍ଯ୍ୟ କରିବା ପ୍ରସ୍ତାବ ଚଳିତବର୍ଷ ଶେଷ ଆଡକୁ ଆଣି ପାରନ୍ତି। କେନ୍ଦ୍ର ସରକାରଙ୍କ ଜନୈକ ବରିଷ୍ଠ ଅଧିକାରୀ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ସଚିବ ଭି.ଉମାଶଙ୍କର ଉଦ୍ୟୋଗମଣ୍ଡଳ ସିଆଇଆଇର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି ଯେ ଡିଜେଲରେ ମିଶ୍ରଣ (ବ୍ଲେଣ୍ଡିଂ)କୁ ଗୁରୁତର ସହ ଦେଖା ଯାଉଛି। ଭାରତ ପେଟ୍ରୋଲିୟମ ଆଇସୋବୁଟାନଲ ବ୍ଲେଣ୍ଡିଂକୁ ନେଇ ଗବେଷଣା କରୁଛି ଓ ଏହାର ପରିଣାମ ବେଶ୍ ଉତ୍ସାହଜନକ। ସେ କହିଛନ୍ତି ଯେ ଡିଜେଲ ଖର୍ଚ୍ଚ ପେଟ୍ରୋଲର ୨ ଗୁଣା ହୋଇଥିବାରୁ ଏହି ଇନ୍ଧନରେ ମିଶ୍ରଣର ପ୍ରଭାବ ଦେଶର ଇନ୍ଧନ ସୁରକ୍ଷା ଉପରେ ଆହୁରି ଅଧିକ ରହିବ। ଉମାଶଙ୍କର କହିଛନ୍ତି ଯେ ଚଳିତବର୍ଷ ଶେଷ ସୁଦ୍ଧା ଡିଜେଲରେ ମିଶ୍ରଣକୁ ଅନିବାର୍ଯ୍ୟ କରିବା ପ୍ରାବଧାନ ଲାଗୁ କରାଯିବାର ସମ୍ଭାବନା ରହିଛି। ପରିବହନ ସଚିବ କହିଛନ୍ତି ଯେ ମନ୍ତ୍ରାଳୟ ପିଛିଲା ୧୦-୧୨ ବର୍ଷରେ ଇନ୍ଧନ ମିଶ୍ରଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ବଢାଇଛି। ଏହି କ୍ରମରେ ଇ-୮୫ ପେଟ୍ରୋଲ (୮୫ ପ୍ରତିଶତ ଇଥନଲ ମିଶ୍ରିତ ପେଟ୍ରୋଲ) ଓ ଇ-୧୦୦ (ଶୁଦ୍ଧ ଇଥନଲ ଆଧାରିତ ଇନ୍ଧନ) ସମ୍ପର୍କିତ ବାହନ ମେନୁଫେକ୍ଚରିଂ ନିୟମର ଚିଠା ପ୍ରସ୍ତାବ ମଧ୍ୟ ଜାରି କରାଯାଇଛି। ସେ କହିଛନ୍ତି ଯେ ଭାରତ ପୂର୍ବରୁ ୨୦% ଇଥନଲ ମିଶ୍ରଣ ଲକ୍ଷ୍ୟ ହାସଲ କରିସାରିଛି। ଫଳରେ ଆମଦାନୀ ହେଉଥିବା ଅଶୋଧିତ ତୈଳ ନିର୍ଭରତା ହ୍ରାସ କରିବା ଓ ଉତ୍ସର୍ଜନ ହ୍ରାସ କରିବାରେ ସହାୟତା ମିଳିଛି। ଉମାଶଙ୍କର କହିଛନ୍ତି ଯେ ଇ-୨୦ ସ୍ତରରେ ବ୍ଲେଣ୍ଡିଂକୁ ନେଇ କିଛି ଚିନ୍ତା ରହିଛି, ହେଲେ ଏଠାରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କାରଣ ଏହି ଇନ୍ଧନ ଲାଗି ବାହନ ଅଲଗା ପ୍ରକାରର ନିର୍ମାଣ ହେବ। ଇ-୮୫ ଅଥବା ଇ-୧୦୦ ପାଇଁ ପେଟ୍ରୋଲ ପମ୍ପମାନଙ୍କରେ ଅଲଗା ଡିସ୍ପେନସର ଲଗାଯିବ। ତେବେ ସାଧାରଣ ମିଶ୍ରିତ ପେଟ୍ରୋଲ ଗୋଟିଏ ଡିସ୍ପେନସରରେ ଉପଲବ୍ଧ ହେବ।



# ବଜାରରେ ବୁଲୁଛି ମାଳମାଳ ୫୦୦ ଟଙ୍କିଆ ଜାଲ ନୋଟ୍

**ମୁମ୍ବାଇ,୩୦।୫:** ବଜାରରେ ବୁଲୁଛି ମାଳମାଳ ଜାଲ ନୋଟ୍ । ୨୦୨୫ ୨୬ ଆର୍ଥିକବର୍ଷରେ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଏଭଳି ନୋଟ୍ ସଂଖ୍ୟା ୫.୭% ବଢ଼ି ୨,୨୯,୭୪୬ ଖଣ୍ଡକୁ ବୃଦ୍ଧି ପାଇଛି, ଯାହାକି ପୂର୍ବ ଆଥି ର୍କ ବର୍ଷରେ ଥିଲା ୨,୧୭,୩୯୬ । ତେବେ ବଜାରରେ ବୁଲୁଥିବା ଜାଲ ନୋଟ୍‌ଗୁଡ଼ିକ ମଧରୁ ସର୍ବାଧିକ ୫୦୦ ଟଙ୍କିଆ। ୫୦୦ ଟଙ୍କିଆ ଜାଲ ନୋଟ୍ ସଂଖ୍ୟାରେ ୨୦.୫% ବୃଦ୍ଧି ଘଟିଛି । ଫଳରେ ଏହା ୧,୪୧,୯୦୭ ଖଣ୍ଡରେ ପହଞ୍ଚିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି । ନକଲି ନୋଟ୍ ପାଇଁ ଅଧିକ ଟାର୍ଗେଟ ୫୦୦ ଟଙ୍କିଆ । କାରଣ ଏହାର ପ୍ରଚଳନ ଅଧିକ । ୨୦୨୫-୨୬ରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଚିହ୍ନଟ ହୋଇଥିବା ମୋଟ ନକଲି ନୋଟ୍ ମଧରୁ ୫୦୦ ଟଙ୍କିଆର ଅଂଶ ରହିଛି ୬୧.୮% । ୨୦୨୪-୨୫ ଏବଂ ୨୦୨୩-୨୪ରେ ଏହା ଯଥାକ୍ରମେ ୫୪.୨% ଏବଂ ୩୮.୫% ଥିଲା । ନକଲି ୨୦ ଟଙ୍କିଆ ନୋଟ୍ ସଂଖ୍ୟାରେ ୪୭.୪% ବୃଦ୍ଧି ଘଟି ୩୭୩ ଖଣ୍ଡରେ ପହଞ୍ଚିଥିବା ଆର୍ବିଆଇ ତଥ୍ୟରୁ ଜଣାପଡ଼ିଛି। ବ୍ୟବସ୍ଥାରୁ ବାହାରି ଯିବା ପରେ ନକଲି ୨୦୦୦ ଟଙ୍କିଆ ନୋଟ୍ ସଂଖ୍ୟା ବଡ଼ ମାତ୍ରାରେ ହ୍ରାସ ପାଇଛି । ୨୦୨୫-୨୬ରେ ଏହା ୮୨୪ ଖଣ୍ଡକୁ ଖସିଛି, ଯାହାକି ୨୦୨୪-୨୫ରେ ୩,୫୦୮ ଏବଂ ୨୦୨୩-୨୪ରେ ୨୬,୦୩୫ ଥିଲା । ତେବେ ନକଲି ୧୦ ଟଙ୍କିଆ, ୫୦ ଟଙ୍କିଆ, ୧୦୦ ଟଙ୍କିଆ ଏବଂ ୨୦୦ ଟଙ୍କିଆ ନୋଟ୍ ସଂଖ୍ୟା ହ୍ରାସ ପାଇଥିବା ଆର୍ବିଆଇ ପକ୍ଷରୁ ପ୍ରକାଶ । ୨୦୨୬-୨୭ ପାଇଁ ନିଜର ମୁଦ୍ରା ପରିଚାଳନା ଏଜେଣ୍ଡାର ଅଂଶବିଶେଷ ଆର୍ବିଆଇ ନୂଆ ଏବଂ ବିକଶିତ ସୁରକ୍ଷା ବୈଶିଷ୍ଟ୍ୟ ପ୍ରଚଳନ କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏହି ତଥ୍ୟ ସାମ୍ନାକୁ ଆସିଛି । ମୁଦ୍ରା ପରିଚାଳନା ଏଜେଣ୍ଡାର ମୂଳ ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କ ନୋଟ୍‌ର ଅଖଣ୍ଡତାକୁ ସୁଦୃଢ଼ କରିବା । ଅଧିକ ୫୦୦ ଟଙ୍କିଆ ନକଲି ନୋଟ୍ ଚିହ୍ନଟ ହେବାର କାରଣ ହେଉଛି ଏହାର ବହୁଳ ପ୍ରଚଳନ । ସର୍କୁଲେଶନ୍‌ରେ ମୋଟ କରେନ୍ସି ମୂଲ୍ୟ ମଧରୁ ୫୦୦ ଟଙ୍କିଆ ନୋଟ୍‌ର ଅଂଶ ହେଉଛି ୮୫.୫%। ସଂଖ୍ୟାକୁ ହିସାବକୁ ନେଲେ ଏହାର ଭାଗ ୪୧.୨% । ଫଳରେ ଏହାକୁ ଅଧିକ ଟାର୍ଗେଟ କରାଯାଉଛି ।




# ଓଡ଼ିଶାରେ ଜିଓର ଦବଦବା: ୧ ଲକ୍ଷ ୬୧ ହଜାର ନୂଆ ଗ୍ରାହକ

**ଭୁବନେଶ୍ୱର,୩୦।୫(ସଂଚାର ବ୍ୟୁରୋ):** ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଦବଦବା ଜାରି ରଖି, ରିଲାଏନ୍ସ ଜିଓ ଏପ୍ରିଲ ୨୦୨୬ରେ ରାଜ୍ୟରେ ସର୍ବାଧିକ ୧.୬୧ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଏପ୍ରିଲ୍ ୨୦୨୫ରେ ଓଡ଼ିଶାରେ ଜିଓ ନେଟୱାର୍କରେ ୧.୪୩ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଏବଂ ୧୭୦୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଗ ଦେଇଛନ୍ତି। ଏପ୍ରିଲ୍ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୨.୫୨ ଲକ୍ଷରୁ ଅଧିକ ବୃଦ୍ଧି ପାଇ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୩.୮୪ କୋଟିରେ ପହଞ୍ଚିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ରାଜ୍ୟରେ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ବଜାର ନେତୃତ୍ୱକୁ ସୁଦୃଢ଼ କରିବା ସହିତ ସାରା ରାଜ୍ୟରେ ଜିଓଫାଇବର ଓ ଜିଓଏୟାରଫାଇବର ଲୋକପ୍ରିୟତା ବଳରେ ରିଲାଏନ୍ସ ଜିଓ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଏପ୍ରିଲ ମାସରେ ଦୁଇଗୁଣ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଏହା ସହିତ, ଜିଓ ଓଡ଼ିଶାରେ ସମସ୍ତ ତିନୋଟି କ୍ଷେତ୍ରରେ - ୱାୟାରଲେସ୍, ୱାୟାରଲାଇନ୍ ଏବଂ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) କ୍ଷେତ୍ରରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଛି। ରାଜ୍ୟରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ, ଜିଓର ବର୍ତ୍ତମାନ ସର୍ବାଧିକ ପ୍ରାୟ ୧.୮ କୋଟି ମୋବାଇଲ୍ ଗ୍ରାହକ, ୩.୭୬ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୩.୯ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ଅଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ହଜାର ହଜାର ଗ୍ରାମରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଇ ଜିଓ ସେମାନଙ୍କ ଘରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇଛି।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୭,୦୪୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୩, ୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୭,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୩,୯୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୩, ୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୭,୧୯୦ ଟଙ୍କା ଓ ୨୨ କ୍ୟାରଟେ ୧,୪୪,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୯,୬୦୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୩୦୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**କୋରାପୁଟ,୩୦ା୫ (ସଂଚାର ବ୍ୟୁରୋ):** କୋରାପୁଟ ବ୍ଲକ ଅନ୍ତର୍ଗତ ବୁଟୁରୁଗୁଡ଼ା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗ୍ରାମର ୪୯ ବର୍ଷୀୟା କମଳା ମୁଦୁଲି ପୂର୍ବାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ କୌଣସି କାରଣବଶତଃ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀମାନେ ଖୋଜାଖୋଜି ଆରମ୍ଭ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ କୋରାପୁଟ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଅଭିଯାନ ଚଳାଇଥିଲା। ପରେ ପୋଖରୀ ମଧ୍ୟରୁ କମଳା ମୁଦୁଲିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଅକାଳ ମୃତ୍ୟୁ ଘଟଣା ପରେ ବୁଟୁରୁଗୁଡ଼ା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଲୋକମାନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## କୁଶିଆପାଳ ଆଦର୍ଶ ସମବାୟ ସମିତିରେ ସରକାରୀ ମୁଗ ମଣ୍ଡି ଉଦ୍‌ଘାଟିତ



**ଡେରାବିଶ, ୩୦ା୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଆଦର୍ଶ ସମବାୟ ସମିତି ପରିସରରେ ଆଜି ସରକାରୀ ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେମୁଖ୍ୟ ଅତିଥିଭାବେ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ଯୋଗଦେଇ ମଣ୍ଡିଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ସସ୍ମିତା ନାୟକ, ମାର୍କଫେଡ୍‌ର ଏରିଆ ମ୍ୟାନେଜର ପ୍ରଶାନ୍ତ କୁମାର ରାଉତ, ସମିତିର ସଭାପତି ନାରାୟଣ ପ୍ରସାଦ ପାତ୍ର ଉପସଭାନେତ୍ରୀ ସସ୍ମିତା ପାତ୍ର ଯୋଗଦେଇଥିଲେ। ସମିତିର ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ଏହି ମଣ୍ଡିରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ମୁଗ ଓ ବିରି ଫସଲକୁ ବିକ୍ରୟ କରିପାରିବେ। ଏଥିନିମନ୍ତେ ମୁଗ କ୍ୱିଂଟାଲ ପିଛା ୮୭୬୮ ଟଙ୍କା ଓ ବିରି କ୍ୱିଂଟାଲ ପିଛା ୭୮୦୦ ଟଙ୍କା ସରକାରୀ ଧାର୍ଯ୍ୟ ମୂଲ୍ୟ ରହିଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହ-ସମ୍ପାଦକ ମାନସ କୁମାର ସ୍ୱାଇଁ, ଡିଇଓ ଧୃବଚରଣ ନାୟକ ଓ ସମିତିର କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ପରିଚାଳନା ପରିଷଦର ସଭ୍ୟ ମଞ୍ଜୁଲତା ସାହୁ, ନିରଞ୍ଜନ ମହରାଣ, କେଳୁ ଚରଣ ନାଥ, ଫଗୁଚରଣ ସାହୁ, ଅନ୍ନପୂର୍ଣ୍ଣା ପାତ୍ର, ଧ୍ରୁବ ଚରଣ ବିହାରୀ, ପ୍ରଦିପ୍ତ କୁମାର ସାହୁ, ନିର୍ମଳ ଚନ୍ଦ୍ର ସେଠୀ, ବାସନ୍ତୀ ପଲେଇ, ରଶ୍ମିରଞ୍ଜନ ରାଉତ, ପତିତପାବନ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଥାନା ଭିତରେ ଗଣ୍ଡଗୋଳ, ୮ ଗିରଫ

**ବାରିପଦା,୩୦ା୫ (ସଂଚାର ବ୍ୟୁରୋ):** ଥାନା ପିରିସରରେ ଦୁଇ ଯୁବ ଗୋଷ୍ଠୀ ଙ୍କ ଭିତରେ ମାରପିଟ ଗଣ୍ଡୋଗୋଳ । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଅଛି ବାରିପଦା ଟାଉନ ଥାନା ରେ । ଗତକାଲି ଲୁଲୁଙ୍ଗ କୁ ବାରିପଦା ସହରର ଭଞ୍ଜପୁର ଅଞ୍ଚଳର ଚାରିଜଣ ଯୁବକ ପିକନିକ କରିବାକୁ ଯାଇଥିଲେ । ସେଠାରେ ଗାଡି ପାର୍କିଙ୍ଗ କୁ ନେଇ ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ଡୁକୁରା ଅଞ୍ଚଳର କିଛି ଯୁବକଙ୍କ ସହିତ ଓ୍ୱଚସା ହୋଇଥିଲା । ଏହାପରେ ଭଞ୍ଜପୁର ରୁ ଯାଇଥିବା ଯୁବକମାନେ ନିଜ କାରରେ ସନ୍ଧ୍ୟାରେ ବାରିପଦା କୁ ଫେରୁଥିବା ସମୟରେ ଅନ୍ୟ ଯୁବକମାନେ ବାଇକରେ ତାଙ୍କ ପିଛାକରି ତାଙ୍କ କାରକୁ ଟେକା ପଥର ମାଡ଼ କରିଥିଲେ । ଏପରିକି ବାରିପଦା ଟାଉନ ଭିତରେ ମଧ୍ଯ କାରର ପିଛାକରିଥିଲେ । ଶେଷରେ ଅନ୍ୟ ଉପାୟ ନପାଇ କାରଟିକୁ ଟାଉନ ଥାନା ଭିତରକୁ ପଶାଇ ଦେଇଥିଲେ । ଡୁକୁରା ଅଞ୍ଚଳର ଯୁବକମାନେ ପୋଲିସ ଉପସ୍ଥିତିରେ ଥାନା ପରିସରରେ ପଶି କାରକୁ ଭଙ୍ଗାରୁଜା କରିବା ସହ ଅନ୍ୟ ଚାରିଜଣ ଯୁବକଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ । ଯାହାକି ପୋଲିସ ର ପରିବା ପଣିଆ କୁ ପଦାରେ ପକାଇଛି । ପୋଲିସ କୁ ଖାତିର ନକରି ଥାନା ପରିସରରେ ଏହିଭଳି ଘଟଣା ଘଟାଇବା ଲୋକମାନଙ୍କୁ ଆଚମ୍ବିତ କରିଅଛି । ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ଦୁଇଗୋଟି ମାମଲା ରୁଜୁ କରିବା ସହ ଚାରିଜଣ ଙ୍କୁ ଅଟକ ରଖିଅଛି । ଗଣ୍ଡୋଗୋଳ କରି ଫେରାର ଥିବା ଅନ୍ୟ ଯୁବକ ମାନଙ୍କୁ ପୋଲିସ ସିସି ଟିଭି ଫୁଟେଜ କୁ ଆଧାର କରି ଧରିବା ପାଇଁ ଚେଷ୍ଟା ଚଳାଇଛି ।

## ଦୁଇ ମୋଟର ସାଇକେଲ ମୁହାଁମୁହିଁ, ଜଣେ ମୃତ



**ଫୁଲବାଣୀ,୩୦ା୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତ ର ଗଣ୍ଡାଯୋଡି ଛକ ନିକଟ ବରଗଛ ପାଖରେ ରେ ଦୁଇ ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହେବାରୁଘଟଣା ସ୍ଥଳରେ ଜଣେ ମୃତ୍ୟୁ ବରଣ କରିଛି ଅନ୍ୟ ଏକ ମୋଟର ସାଇକେଲ ରେ ଦୁଇଜଣ ଥିଲେ କିନ୍ତୁ ଦୁର୍ଘଟଣା ଘଟିବା ପରେ ସେମାନେ ଦୁର୍ଘଟଣା ସ୍ଥାନରୁ ଉଠି ତରବରିଆ ଭାବରେ ମୋଟର ସାଇକେଲ ରେ ପଳେଇଲେ କିନ୍ତୁ ଅନ୍ୟ ଏକ ମୋଟରସାଇକେଲ ଆରୋହୀ ଘଟଣା ସ୍ଥଳରେ ପଡିଯାଇଥିଲେ ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ସାଙ୍ଗେ ସାଙ୍ଗେ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତ ମୃତକ ଜଣଙ୍କ ସୁଡ୍ରା ଗ୍ରାମର ସାନନ୍ଦ ଦିଗାଲ (୪୦) ବୋଲି ଜଣାପଡିଛି

### ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା

# ଯୋଡ଼ି ହୋଇପାରୁନି ନୂଆ ହିତାଧିକାରୀଙ୍କ ନାମ

**କାକଟପୁର/ଅସ୍ତରଙ୍ଗ,୩୦ା୫ (ସଂଚାର ବ୍ୟୁରୋ):** ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ମିଳିଛି। ହେଲେ ସେଥିରେ ପରିବାରର ନୂତନ ସଦସ୍ୟଙ୍କ ନାମ ଯୋଡି ହୋଇପାରୁନି। ଏପରିକି ପୂର୍ବରୁ କୌଣସି କାରଣରୁ ବାଦ ପଡ଼ିଥିବା ଅଥଚ ପରେ ଯୋଗ୍ୟ ବିବେଚିତ ହୋଇଥିବା ପରିବାର ବା ସଦସ୍ୟଙ୍କ ନାମ ମଧ୍ୟ ସଂଯୋଗ କରାଯାଇ ପାରୁନି। ଫଳରେ କାର୍ଡ ଜରିଆରେ ମିଳିବାକୁ ଥିବା ବିଭିନ୍ନ ସୁବିଧାରୁ ବଂଚିତ ହେଉଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଧୀନରେ ଥିବା ଶତାଧିକ ହିତାଧିକାରୀ।



ରାଜ୍ୟ ସରକାରଙ୍କ ପ୍ରଣିତ ଖାଦ୍ୟ ସୁରକ୍ଷା ଯୋଜନାରେ ନାମ ସଂଯୋଗ ହୋଇପାରୁଛି, କିନ୍ତୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କ୍ଷେତ୍ରରେ ଏହା ସମ୍ଭବପର ହୋଇପାରୁନି। ସମସ୍ୟା ବାବଦରେ ବ୍ଲକ, ଜିଲ୍ଲା ପ୍ରଶାସନରୁ ଆରମ୍ଭ କରି ରାଜ୍ୟ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଅବଗତ ଅଛନ୍ତି। କିନ୍ତୁ ସମାଧାନ ପନ୍ଥା କେନ୍ଦ୍ର ସରକାରଙ୍କ ହାତରେ ଥିବାରୁ କେହି ହେଲେ ଏ ଦିଗରେ ବଳିଷ୍ଠ ଉଦ୍ୟମ କରୁନଥିବା ଜଣାପଡିଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ରାସନ କାର୍ଡ ପାଇଥିବା ହିତାଧିକାରୀଙ୍କ ପରିବାରର ସଦସ୍ୟ ଭୁଲବଶତଃ ବାଦ ପଡ଼ିଥିବେ କିମ୍ବା ହିତାଧିକାରୀଙ୍କ ପରିବାରର ନୂତନ ସଦସ୍ୟଙ୍କ ନାମ ସଂଯୋଗ ପାଇଁ କେନ୍ଦ୍ର ସରକାରଙ୍କ ପୋର୍ଟାଲ ସାଇଟି ୨୦୧୫ ମସିହାରୁ ବନ୍ଦ ରହିଛି। ଫଳରେ ଆୟୁଷ୍ମାନ ପରି ଗୁରୁତ୍ୱପୂର୍ଣ୍ଣ ଯୋଜନାରୁ ବଂଚିତ ହେଉଛନ୍ତି ରାସନ କାର୍ଡରୁ ବାଦ ପଡ଼ିଥିବା ପରିବାରର ନୂଆ ସଦସ୍ୟ କିମ୍ବା ବାଦ ପଡ଼ିଥିବା ସଦସ୍ୟ। ଏ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ହେଉ କିମ୍ବା କିମ୍ବା ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଜଣାଇଲେ ମଧ୍ୟ ସୁଫଳ ମିଳୁନଥିବାରୁ ହିତାଧିକାରୀ ଉଦ୍‌ବେଗ ପ୍ରକାଶ କରିଥିଲେ। କେବଳ ସ୍ୱାସ୍ଥ୍ୟ ସେବା ନୁହେଁ, ଛାତ୍ର ବୃତ୍ତି, ଆର୍ଥିକ ସ୍ୱଚ୍ଛଳତା ପ୍ରମାଣପତ୍ର ସହିତ ଅନ୍ୟ ସୁବିଧାରୁ ମଧ୍ୟ ବାଦ ପଡ଼ିଥିବା ସେମାନେ ଦର୍ଶାଇଥିଲେ।

କେହି ହିତାଧିକାରୀ ମୃତ୍ୟୁବରଣ କଲେ ଓ ତାହାର ଖାଲିଥିବା ସୂଚନା ଆସିଲେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ତାଲିକାକୁ ତାହା ସ୍ୱତଃପ୍ରବୃତ୍ତ ଭାବେ ଚାଲିଯିବା ବ୍ୟବସ୍ଥା ରହିଛି। କିନ୍ତୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇପାରୁନଥିବା ଅସ୍ତରଙ୍ଗ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ସୂଚନା ଦେବା ସହ ଏଥିପାଇଁ ସେମାନେ କିଛି କରିପାରିବେ ନାହିଁ ବୋଲି ସୂଚନା ଦେଇଛନ୍ତି । ଯଦି କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ୟା ଗୁରୁତ୍ୱ ସହ ନେଇ ହିତାଧିକାରୀ ସାମିଲ କରିବେ ଅନେକ ଗରିବ ହିତାଧିକାରୀ ସୁବିଧା ପାଇପାରିବେ।

## ଖରିଫ୍ ଧାନ ଚାଷ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ସମ୍ପର୍କିତ ତାଲିମ



**ଫୁଲବାଣୀ, ୩୦ା୫ (ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷୀ ବିଭାଗ ଖରିଫ୍ ଚାଷ ପରବର୍ତୀ ପଡିଆ ଜମିର ପରିଚାଳନା ସମ୍ପର୍କିତ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଘୁ. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି କୃଷକ ମାନଙ୍କୁ ଉତ୍ସାହିତ କରିବା ସହିତ ନିଜ ଜମିରେ ରାସାୟନିକ ସାର ପ୍ରୟୋଗ ପରିବର୍ତ୍ତେ ଜୈବିକ ସାର ବ୍ୟବହାର କରିବାକୁ ଅନୁରୋଧ କରିଥିଲେ।

ତାଲିମରେ ପ୍ରଶିକ୍ଷକ ଭାବରେ ଟିକାବାଲି ଗୋଷ୍ଠି କୃଷି ଅଧିକାରି ସ୍ୱାଗତିକା ଦାସ, ସହ କୃଷି ଅଧିକାରି ଶୁଭସ୍ମିତା ସାହୁ , ସୁମିତ୍ରା ତୋପାନ, ଗାୟତ୍ରୀ ବେହେରା ଯୋଗ ଦେଇଥିଲେ । ଏହି ତାଲିମରେ ଗୁଟିଙ୍ଗିଆ ପଂଚାୟତର ବିଭିନ୍ନ ଗ୍ରାମରୁ ୧୧୫ ଜଣ ଚାଷି ଯୋଗ ଦେଇଥିବା ବେଳେ ଅନୁଷ୍ଠାନ ତରଫରୁ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିଲେ । କୃଷି ଅଧିକାରି କିପରି ଧାନ କାଟିବା ପୂର୍ବରୁ ଓ ପରେ ଧଳା ମଟର ଚାଷ କରାଯାଇ ପାରିବ ତାହା ଚାଷି ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଯାହାକି କମ୍ ପାଣିରେ ଭଲ ଅମଳ ହୋଇପାରିବ ଏବଂ ଏହାକୁ ଏକ ବର୍ଷ ଧରି ଘରେ ରଖି ଖାଦ୍ୟ ରୂପେ ବ୍ୟବହାର କରାଯାଇପାରିବ। ତତ୍‌ସହିତ ସାଇତା ଯାଇଥିବା ମଟର କୁ ଅଧିକ ଦରରେ ବିକ୍ରି କରି ଅଧିକ ଦୁଇପଇସା ରୋଯଗାର ମଧ୍ୟ କରିହେବ । ଖରିଫ୍ ଚାଷ ଅପେକ୍ଷା ରବି ଚାଷରେ କମ୍ ରୋଗ ପୋକ ଲାଗନ୍ତି ବୋଲି କୃଷି ବିଶେଷଜ୍ଞ ମାନେ ମତ ରଖିଥିଲେ ।

ଆହୁରି ମଧ୍ୟ ପାଣିପାଗ ପରିବର୍ତ୍ତନକୁ ଆଖିଆଗରେ ରଖି ଚାଷୀମାନେ କିପରି ଭାବେ ପୁରାତନ ଶଶ୍ୟ ଯଥା ମାଣ୍ଡିଆ, କୁଏରି, କାଙ୍ଗୁ ଚାଷ କରିପାରିବେ ତାହା ବୁଝାଇଥିଲେ।

## ଦୁରାରୋଗ୍ୟ ପୀଡ଼ିତାଙ୍କୁ କଳିଙ୍ଗ ଆବାସିକ ପକ୍ଷରୁ ସହାୟତା



**ଡେରାବିଶ,୩୦ା୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣ ଶାସନ ଗ୍ରାମର ଦୂରାରୋଗ୍ୟ ପୀଡ଼ିତା ମମତା ଦାଶଙ୍କୁ ଆଜି କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ମମତା ଦୀର୍ଘ ବର୍ଷ ହେଲା ଦୂରାରୋଗ୍ୟ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଗରିବା ମମତା ଦୀର୍ଘଦିନ ହେବ ବାପଘରେ ରହି ଆସୁଥିବା ବେଳେ ଆର୍ଥିକ ଅନାଟନ କାରଣରୁ ସେ ତାଙ୍କର ଉନ୍ନତ ଚିକିତ୍ସା କରାଇପାରୁନଥିଲେ। ଏ ସମ୍ପର୍କରେ ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନ ମମତାଙ୍କ ଘରେ ପହଞ୍ଚି ତାଙ୍କୁ ସମବେଦନା ପ୍ରକାଶ କରିବା ସହିତ ତାଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ପ୍ରଧାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଦୁର୍ଗାପ୍ରସାଦ ପଣ୍ଡା ଉପସ୍ଥିତ ରହିଥିଲେ।

## ସାରର ସନ୍ତୁଳିତ ବ୍ୟବହାର ଓ ଜୈବସାର ପ୍ରୟୋଗ ଉପରେ ପ୍ରଶିକ୍ଷଣ ଶିବିର




**କୋରାପୁଟ,୩୦ା୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର କୋରାପୁଟ ବ୍ଲକ ଅନ୍ତର୍ଗତ ଦୟାନିଧିଗୁଡ଼ା ସ୍ଥିତ ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ପରିସରରେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ପକ୍ଷରୁ "ସାରର ସନ୍ତୁଳିତ ବ୍ୟବହାର ଓ ଜୈବସାର ପ୍ରୟୋଗ" ଉପରେ ଏକ ସଚେତନତା ଓ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଆର୍ଥିକ ସହଯୋଗରେ "ଧାନ ଆଧାରିତ ଫସଲ ଓ କୃଷି ପ୍ରଣାଳୀରେ ଗୁଣାତ୍ମକ ବାୟୋ-ଇନୋକୁଲାଣ୍ଟ ଉତ୍ପାଦନ, ଲୋକପ୍ରିୟକରଣ ଓ ଯୋଗାଣ (ଜୈବ ପୋଷକ)" ପ୍ରକଳ୍ପ ଅଧୀନରେ ଆୟୋଜିତ ହୋଇଥିଲା। ଏହା ସହ ଆଇସିଏଆର୍ ଓ ଡିଏଏଫ୍‌ଇ, ନୂଆଦିଲ୍ଲୀର "ମେରା ଗାଁ ମେରା ଗୌରବ" କାର୍ଯ୍ୟକ୍ରମର ମଧ୍ୟ ଏକ ଅଂଶ ଥିଲା। ପ୍ରଗତି, କୋରାପୁଟର ସହଯୋଗରେ ଏହି ଶିବିର ସଫଳତାର ସହ ଆୟୋଜିତ ହୋଇଥିଲା।

ପ୍ରମୁଖ ବୈଜ୍ଞାନିକ ଡ଼. ବିଶ୍ୱଜିତ ମଣ୍ଡଳ କାର୍ଯ୍ୟକ୍ରମକୁ ସମନ୍ୱୟ କରି ଜୈବସାରର ଅର୍ଥନୈତିକ ଓ ପରିବେଶଗତ ଉପକାରିତା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ବରିଷ୍ଠ ବୈଜ୍ଞାନିକ ଡ଼. ସୁଦୀପ୍ତ ପାଉଲ ଏନ୍‌ଆର୍‌ଆର୍‌ଆର୍-ଇଣ୍ଡୋ ଏନ୍ ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ଏହା ଫସଲର ନାଇଟ୍ରୋଜେନ୍ ଆବଶ୍ୟକତାର ପ୍ରାୟ ୨୫ ପ୍ରତିଶତ ପର୍ଯ୍ୟନ୍ତ ପୂରଣ କରିପାରିବ। ବୈଜ୍ଞାନିକ ଡ଼. ରାଘବେନ୍ଦ୍ର ଗୌଡ଼ ରାସାୟନିକ ସାରର ଅତ୍ୟଧିକ ବ୍ୟବହାରର କୁପ୍ରଭାବ ବିଷୟରେ ସଚେତନ କରାଇବା ସହ ପରିବେଶ ଅନୁକୂଳ ଜୈବସାର ଓ ବିଜ୍ଞାନ ଆଧାରିତ ପ୍ରାକୃତିକ କୃଷି ପଦ୍ଧତି ଅପନାଇବାକୁ ପରାମର୍ଶ ଦେଇଥିଲେ। ଗବେଷଣା ସହଯୋଗୀ ଡ଼. ସାଇ କୃଷ୍ଣ ରେପାଲି ଟ୍ରାଇକୋଡର୍ମା ବାୟୋ-ଷ୍ଟିମୁଲାଣ୍ଟ ଏବଂ ଧାନ ନଡ଼ା ପଚାଇବା ପାଇଁ ସିଆର୍‌ଆର୍‌ଆଇ ଦ୍ୱାରା ବିକଶିତ 'ଟେକ୍ ଡିକମ୍ପୋଜର'ର ପ୍ରୟୋଗ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପ କର୍ମଚାରୀ ଓ ଟେକ୍ନିସିଆନ୍ ଅମିତ କୁମାର ମାଇତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଫୁଲବାଣୀ ଶ୍ରୀମନ୍ଦିର ରଥ ପାଇଁ ରଥ କାଠ ଅନୁକୂଳ



**ଫୁଲବାଣୀ,୩୦ା୫ (ସଂଚାର ବ୍ୟୁରୋ):** ଅଧିକାଂଶ ଜିଲ୍ଲାରେ ରଥଯାତ୍ରା ରେ ତିନୋଟି ରଥ ପାଇଁ ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଅପରଯାପ୍ତ କାଠ ଯୋଗାଇ ଦିଆଯାଉଥିବା ବେଳେ ଫୁଲବାଣୀ ସହରର ଗୋଟିଏ ରଥ ନିର୍ମାଣ ପାଇଁ କାଠର ଅଭାବ ଦେଖିବାକୁ ମିଳୁଛି । ଯାହା ସୂଚନା ମିଳିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ଶ୍ରୀମନ୍ଦିର ରଥନିର୍ମାଣ ପାଇଁ ବହୁ କଷ୍ଟରେ ରଥ କାଠ ଅନୁକୂଳ ହୋଇଛି ।

ମନ୍ଦିର ପରିଚାଳନା କମିଟି ସଭାପତି ସୁନାସିର ମହାପାତ୍ରଙ୍କ ପ୍ରଚେଷ୍ଟାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ନୂତନ ରଥ ନିର୍ମାଣ ପାଇଁ ମହାରଣାଙ୍କ ଆକଳନ ଏବଂ ଆବଶ୍ୟକ କାଠ ଖଣ୍ଡ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚିଠି ନଂ ୪/୬. ୦୫. ୨୬ ରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଉକ୍ତ ପତ୍ରକୁ ବନ ଖଣ୍ଡ ଅଧିକାରୀ ଫୁଲବାଣୀ ରେଞ୍ଜ ଅଧିକାରିଣୀଙ୍କ ନିକଟକୁ ପଠାଇଥିଲେ। ଦୀର୍ଘ ୨୦ ଦିନ ବିତି ଯାଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ଉତ୍ତର ଆସିପାରିଲା ନାହିଁ। ଗତ ଦୁଇ ତିନି ଦିନ ତଳେ ମନ୍ଦିର କମିଟି ସଦସ୍ୟଙ୍କ ବନ ଖଣ୍ଡ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ ପରେ ମାଦିକୁନ୍ଦା ଛକ ନିକଟରେ ପଡି ରହିଥିବା କାଠ ଗଣ୍ଡି ନେବାକୁ ଆଦେଶ ମିଳିଥିଲା । ଯାହାକି ଜବର ଦଖଲ ଆମିଷ ଦୋକାନ ଉଚ୍ଛେଦ ପରେ ଆମିଷ କଟା କାଠ ଗଣ୍ଡି ଗୁଡିକ ଥିଲା। ସେହି କାଠ ଗୁଡିକୁ ପରିଚାଳନା କମିଟି ପକ୍ଷରୁ ବାରଣ କରାଯାଇଥିଲା। ପରେ ସର୍କିଟ ହାଉସ ଫୁଲବାଣୀ ଭିତରେ ବହୁ ବର୍ଷ ହେଲା ପଡି ରହିଥିବା ଶାଳ କାଠ ଗଣ୍ଡିକୁ ରଥ ନିର୍ମାଣକାରୀ ମହାରଣା ମାନେ ଉପଯୁକ୍ତ ହେବ ମନେ କରି ପୂଜାବିଧି ପ୍ରକାରେ ରଥ କାଠ ଅନୁକୂଳ କରାଯାଇଥିଲା ।

## ହିଞ୍ଜିଳି ବ୍ଲକରେ କୃତ୍ରିମ ଅଙ୍ଗ ବଣ୍ଟନ



**ହିଞ୍ଜିଳିକାଟୁ,୩୦ା୫ (ସଂଚାର ବ୍ୟୁରୋ):** ଦୁର୍ଘଟଣା କିମ୍ବା ଜନ୍ମରୁ ନିଜର ହାତ, ଗୋଡ଼ ହରେଇ ଥିବା ଲୋକଙ୍କୁ ମିଳିଲା କୃତ୍ରିମ ଅଙ୍ଗ । ତାହା ପୁଣି ସମ୍ପୂର୍ଣ୍ଣ ମାଗଣାରେ । ଏମିତି ଏକ ଶିବିର ଆଜି ହିଞ୍ଜିଳିକାଟୁ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ମୋଟ ୩୦ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକରଣ କରିଥିବା ବେଳେ ୧୮ଜଣ ଶ୍ରବଣ ଦୁର୍ବଳତା ଓ ୧୨ ଜଣ ଅର୍ଥୋପେଡିକ୍ ଭିନ୍ନକ୍ଷମ ରହିଥିଲେ | ବୃଦ୍ଧ ବ୍ୟକ୍ତି ମାନଙ୍କୁ ବେଲ୍ଟ ଓ ଆଣ୍ଠୁ କ୍ୟାପ୍ ପ୍ରଦାନ କରାଯାଇଥିବା ବେଳେ କିଛି ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସହାୟକ ଅଙ୍ଗ ଓ କୃତ୍ରିମ ଅଙ୍ଗର ମାପ ନିଆଯାଇ କୃତ୍ରିମ ଅଙ୍ଗ ଓ ଶ୍ରବଣ ଯନ୍ତ୍ର ବିତରଣ ମଧ୍ୟ କରାଯାଇଛି।

ଶିବିରରେ ଅଙ୍ଗ ସବୁକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସମ୍ପୂର୍ଣ୍ଣ ମାଗଣା ଦିଆଯାଉଛି | ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ , ବ୍ଲକ ସାମାଜିକ ଅଧିକାରିଣୀ ଶ୍ରୀ ବନାଶ୍ରୀ ଦାଶ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ପରୀକ୍ଷା ଫଳ ପ୍ରକାଶିତ

**• ପାସ୍ ହାର ୯୨.୪୪ ପ୍ରତିଶତ • ଅର୍ଚ୍ଚିତା ସ୍ୱାଇଁ କଲେଜ ଟପ୍ପର୍**

**କେନ୍ଦ୍ରାପଡା,୩୦ା୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର +୩ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏଥିରେ +୩ ବିଜ୍ଞାନ ବିଭାଗର ପ୍ରାଣୀ ବିଜ୍ଞାନ ସମ୍ମାନ ଛାତ୍ରୀ ଅର୍ଚ୍ଚିତା ସ୍ୱାଇଁ କଲେଜ ଟପ୍ପର ହୋଇଛନ୍ତି । ସେହିପରି ଭୂଗୋଳ ସମ୍ମାନ ଛାତ୍ର ଶାନ୍ତନୁ କୁମାର ସାହୁ, କଳା ବିଭାଗରେ ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ସମ୍ମାନ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ବାଣିଜ୍ୟ ବିଭାଗର ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗର ଛାତ୍ରୀ ଅର୍ଚ୍ଚିତା ୯.୬୯ ସି.ଜି.ପି.ଏ. ମାର୍କ ରଖିଥିବା ବେଳେ କଳା ବିଭାଗର ଛାତ୍ର ଶାନ୍ତନୁ ୯.୪୪ ସି.ଜି.ପି.ଏ. ଓ ବାଣିଜ୍ୟ ବିଭାଗ ଛାତ୍ରୀ ଲକ୍ଷ୍ମୀପ୍ରିୟା ୮.୮୧ ପ୍ରତିଶତ ମାର୍କ ରଖିଛନ୍ତି । ଏହି ୩ଜଣ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ ଜେନା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଚଳିତ ବର୍ଷ କଳାରେ ୯୩.୪୭ ପ୍ରତିଶତ, ବାଣିଜ୍ୟରେ ୯୧.୬ ପ୍ରତିଶତ ଓ ବିଜ୍ଞାନରେ ୯୨.୦୨ ପ୍ରତିଶତ ଛାତ୍ରଛାତ୍ରୀ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ୪୧୯ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବା ବେଳେ ୩୮୩ଜଣ ପରୀକ୍ଷା ଦେଇଥିଲେ । ୩୫ଜଣ ପରୀକ୍ଷା ଦେଇନଥିବା ବେଳେ ପ୍ରଥମଶ୍ରେଣୀ ଡିଷ୍ଟିନସନରେ ୨୧୮ଜଣ, ପ୍ରଥମଶ୍ରେଣୀରେ ୮୪ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୫୬ଜଣ ପାସ କରିଥିବା ବେଳେ ମୋଟ ୩୫୮ଜଣ ପାସ କରିଛନ୍ତି ଓ ୨୫ଜଣ ଫେଲ ହୋଇଛନ୍ତି । ସେଥିମଧ୍ୟରୁ ୯୪ଜଣ ଛାତ୍ର ଥିବା ବେଳେ ୨୬୪ଜଣ ଛାତ୍ରୀ ଅଛନ୍ତି । ବିଜ୍ଞାନ ବିଭାଗରେ ୩୭୮ଜଣ ପଞ୍ଜିକୃତ ହୋଇଥିବା ବେଳେ ୩୫୧ଜଣ ପରୀକ୍ଷା ଦେଇଥିଲେ । ୨୭ଜଣ ପରୀକ୍ଷା ଦେଇନଥିବା ବେଳେ ପ୍ରଥମଶ୍ରେଣୀ ଡିଷ୍ଟିନସନରେ ୧୫୮ଜଣ, ପ୍ରଥମ ଶ୍ରେଣୀରେ ୧୨୯ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୩୬ଜଣ ପାସ କରିଥିବା ବେଳେ ମୋଟ ୩୨୩ଜଣ ପାସ କରିଛନ୍ତି ଏବଂ ୨୮ଜଣ ଫେଲ ହୋଇଛନ୍ତି । ସେଥିମଧ୍ୟରୁ ୧୬୦ଜଣ ଛାତ୍ର ଥିବା ବେଳେ ୧୬୩ଜଣ ଛାତ୍ରୀ ଅଛନ୍ତି। ସେହିଭଳି ବାଣିଜ୍ୟ ବିଭାଗରେ ୩୧୦ଜଣ ପଞ୍ଜିକୃତ ହୋଇଥିବା ବେଳେ ୨୯୯ଜଣ ପରୀକ୍ଷା ଦେଇଥିଲେ । ୧୧ଜଣ ପରୀକ୍ଷା ଦେଇନଥିବା ବେଳେ ପ୍ରଥମଶ୍ରେଣୀ ଡିଷ୍ଟିନସନରେ ୫୨ଜଣ, ପ୍ରଥମଶ୍ରେଣୀରେ ୧୦୪ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୧୮ଜଣ ପାସ କରିଥିବା ବେଳେ ମୋଟ ୨୭୪ଜଣ ପାସ କରିଛନ୍ତି ଓ ୨୫ଜଣ ଫେଲ ହୋଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ଛାତ୍ର ଥିବା ବେଳେ ୧୦୫ଜଣ ଛାତ୍ରୀ ଅଛନ୍ତି । କଲେଜର ମୋଟ ୧୧୦୭ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବା ବେଳେ ମୋଟ ୧୦୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ୯୫୫ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। କଲେଜର ପାସହାର ୯୨.୪୪ ପ୍ରତିଶତ ହୋଇଥିବା ବେଳେ ସେଥିମଧ୍ୟରୁ ୪୨୩ଜଣ ଛାତ୍ର ଥିବା ବେଳେ ୫୩୨ଜଣ ଛାତ୍ରୀ ଅଛନ୍ତି । ଏହି ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧ୍ୟକ୍ଷ ଶ୍ରୀ ଜେନାଙ୍କ ସମେତ ପ୍ରାଧ୍ୟାପକ ରମାନାଥ ମହାନ୍ତି, ଡ. ଗୌର ପ୍ରସାଦ ଷଡଙ୍ଗୀ, ଡ. ଗୌମ ଚରଣ ଦାସ, ଅଧ୍ୟାପକ ରଞ୍ଜିତ ଦାସ, ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ବିଗତ ୨୦୨୬ ରେ କଲେଜର ମୋଟ ପାସହାର ୯୨.୬୯ ପ୍ରତିଶତ ହୋଇଥିବା ବେଳେ କଳାରେ ମୋଟ ୯୩.୫୧ ପ୍ରତିଶତ, ବିଜ୍ଞାନରେ ୯୨.୧୭ ପ୍ରତିଶତ ଓ ବାଣିଜ୍ୟରେ ୯୧.୮୮ ପ୍ରତିଶତ ପାସହାର ଥିଲା । ଚଳିତ ବର୍ଷ କଲେଜର ପାସହାର ହ୍ରାସ ପାଇଥିବା ଦେଖାଯାଇଛି ।

ସେହିପରି କଳା ବିଭାଗର ଅର୍ଥନୀତି ସମ୍ମାନରେ ରାଜଲକ୍ଷ୍ମୀ ସାହୁ ୮.୯୧ ସିଜିପିଏ ମାର୍କ ରଖି ବିଭାଗରେ ପ୍ରଥମ ହୋଇଥିବା ବେଳେ ଶିକ୍ଷାରେ ଶୁଭଶ୍ରୀ ନାୟକ ୯.୨୮ସିଜିପିଏ , ଇଂରାଜୀରେ ପଦ୍ମଜା ପ୍ରିୟଦର୍ଶିନୀ ପଣ୍ଡା ୮.୧୬, ଭୂଗୋଳରେ ଶାନ୍ତନୁ କୁମାର ସାହୁ ୯.୪୪ ସିଜିପିଏ, ହିନ୍ଦିରେ ସାଗରିକା ସାହୁ ୮.୯୪ ସିଜିପିଏ, ଇତିହାସରେ ସୌମ୍ୟାଶ୍ରୀ ମହାନ୍ତି ୮.୫୫ ସିଜିପିଏ, ଶିଳ୍ପ ସମାଜଶାସ୍ତ୍ରରେ ଏସ.ଏନ.କ୍ରିଷ୍ଣା ୮.୦୩ ସିଜିପିଏ, ଓଡିଆରେ ପ୍ରତିଭା ଦାଶ ୮.୮୪ ସିଜିପିଏ, ଦର୍ଶନଶାସ୍ତ୍ରରେ ଶେଷାଦ୍ରି ଦାସ ୭.୮୬ ସିଜିପିଏ, ରାଜନୀତି ବିଜ୍ଞାନରେ ନୁର ଫତିମା ୮.୯୬ ସିଜିପିଏ, ମନୋବିଜ୍ଞାନରେ ଅଙ୍କିତା ବେଉରା ୯.୦୬ ସିଜିପିଏ, ସଂସ୍କୃତରେ ମହାମାୟା ସିଂ ୮.୮୫ ସିଜିପିଏ, ସମାଜଶାସ୍ତ୍ରରେ ରଶ୍ମୀରେଖା ଜେନା ୮.୯୭ ସିଜିପିଏ, ବାଣିଜ୍ୟରେ ଲକ୍ଷ୍ମୀପ୍ରିୟା ସାହୁ ୮.୮୭ ସିଜିପିଏ, ବିଜ୍ଞାନ ବିଭାଗର ଉଦ୍ଭିଦ ବିଜ୍ଞାନ ସମ୍ମାନରେ ସୌମ୍ୟାପ୍ରିୟଦର୍ଶିନୀ ରାଉତ ୮.୮୯ ସିଜିପିଏ, ରସାୟନ ବିଜ୍ଞାନରେ ରୋଜାଲିନ ସାମଲ ୮.୮୯ସିଜିପିଏ , କମ୍ପ୍ୟୁଟର ବିଜ୍ଞାନରେ ସାଇସ୍ମିତା ନାଥ ୯.୦୧ ସିଜିପିଏ, ଭୁତତ୍ତ୍ୱ ବିଜ୍ଞାନରେ ରାଜଲକ୍ଷ୍ମୀ ସାହୁ ୮.୯୧ ସିଜିପିଏ, ଗଣିତରେ ସାଇ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ୯.୩୭ ସିଜିପିଏ, ପଦାର୍ଥ ବିଜ୍ଞାନରେ ଅପର୍ଣ୍ଣା ପଣ୍ଡା ୯.୨୮ ସିଜିପିଏ, ପରିସଂଖ୍ୟାନରେ ଅଙ୍କିତ ସାହୁ ୮.୮୭ ସିଜିପିଏ ଏବଂ ପ୍ରାଣୀବିଜ୍ଞାନ ସମ୍ମାନ ବିଭାଗରେ ଅର୍ଚ୍ଚିତା ସ୍ୱାଇଁ ୯.୬୯ ସିଜିପିଏ ମାର୍କ ରଖି ପ୍ରଥମ ହୋଇଛନ୍ତି ।

## ସତ୍ୟବାଦୀର ୧୧୨ ବୁଥରେ ଏସ୍‌ଆଇଆର୍ ଆରମ୍ଭ



**ସତ୍ୟବାଦୀ,୩୦ା୫ (ସଂଚାର ବ୍ୟୁରୋ):** ସତ୍ୟବାଦୀ ବିଧାନସଭା କ୍ଷେତ୍ରର ୧୧୨ଟି ବୁଥରେ ସ୍ପେସିଆଲ୍ ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାଅନୁସାରେ ବୁଥ୍ ଲେଭେଲ୍ ଅଫିସର (ବିଏଲ୍‌ଓ) ମାନେ ପ୍ରତ୍ୟେକ ଘରକୁ ଯାଇ ଭୋଟରମାନଙ୍କୁ ପୂରଣ ପାଇଁ ଦୁଇଟି ଏନ୍ୟୁମେରେସନ୍ ଫର୍ମ ପ୍ରଦାନ କରିବେ। ସୂଚନା ଅନୁଯାୟୀ, ଡ୍ରାଫ୍ଟ ଇଲେକ୍ଟୋରାଲ୍ ରୋଲରେ ମ୍ୟାପ୍ ହୋଇଥିବା ଭୋଟରମାନେ ଅର୍ଥାତ ୨୦୦୨ ମସିହାରେ ଯେଉଁ ମାନଙ୍କ ନାମ ପଞ୍ଜିକରଣ ହୋଇଥିଲା, ସେମାନେ କେବଳ ଫର୍ମ ପୂରଣ କରି ସହଜରେ ନାମ ସଂଯୋଗ କରିପାରିବେ। ଅନ୍ୟପଟେ, ଅନମ୍ୟାପ ଭୋଟର ବା ୨୦୦୨ ସୁଦ୍ଧା ଯେଉଁମାନେ ପଞ୍ଜିକୃତ ହୋଇନାହିଁ ସେମାନଙ୍କୁ ଇଲେକ୍ଟୋରାଲ୍ ରୋଲ ବା ଭୋଟର ତାଲିକାରେ ମ୍ୟାପିଂ ପାଇଁ ନିର୍ଦ୍ଧାରିତ ୧୨ଟି ଦଲିଲ ମଧ୍ୟରୁ ଯେକୌଣସି ଗୋଟିଏ ଦଲିଲ ଦାଖଲ କରିବାକୁ ପଡିବ। କୌଣସି ଭାରତୀୟ ଭୋଟରଙ୍କ ନାମ ଇ-ରୋଲରୁ ବାଦ ପଡିବ ନାହିଁ ଏବଂ କୌଣସି ବିଦେଶୀଙ୍କ ନାମ ଇ-ରୋଲରେ ସ୍ଥାନ ପାଇବ ନାହିଁ, ଏହାହିଁ ଏସ୍‌ଆଇଆର୍ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଏହି ପ୍ରକ୍ରିୟାକୁ ନେଇ ସାଧାରଣ ଲୋକଙ୍କୁ ଭୟଭୀତ ନହେବା ସହ ବିଏଲଓ ଓ ସୁପରଭାଇଜରମାନଙ୍କୁ ସହଯୋଗ କରିବା ପାଇଁ ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଓ ବିଡିଓ ଦେବାଶିଷ ନାୟକ ନିବେଦନ କରିଛନ୍ତି। ଏସଆଇଆର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତାରିଖଗୁଡ଼ିକ ଶୀଘ୍ର ପ୍ରକାଶ କରାଯିବ ବୋଲି ଜଣାପଡିଛି।



# ବିଜୟଙ୍କୁ ପଛରେ ପକାଇଦେଲେ ତ୍ରିଶା



ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ ଏବଂ ସୂର୍ଯ୍ୟା ଅଭିନୀତ ଫିଲ୍ମ 'କରୁପ୍ପୁ' ଦର୍ଶକଙ୍କଠାରୁ ଏକ ଜବରଦସ୍ତ ପ୍ରତିକ୍ରିୟା ପାଇଛି। ବକ୍ସ ଅଫିସରେ ଚମତ୍କାର ବ୍ୟବସାୟ କରିଛି। ଫିଲ୍ମ ମୁକ୍ତିଲାଭ କରିବାର ଦୁଇ ସପ୍ତାହ ପୂରିଛି। 'କରୁପ୍ପୁ' ବିଶ୍ୱବ୍ୟାପୀ ଆଉ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛି। ଅଭିନେତା ଥାଲାପତି ବିଜୟଙ୍କ 'ଭାରିସୁ'ର ବିଶ୍ୱବ୍ୟାପୀ ଜୀବନକାଳ ସଂଗ୍ରହ(ଓର୍‌ବର୍ଲ୍ଡଓ୍ୱାଇଡ୍ ଲାଇଫ୍‌ଟାଇମ୍ କଲେକ୍ସନ)କୁ ଅତିକ୍ରମ କରିଛି। 'କରୁପ୍ପୁ' ବିଶ୍ୱବ୍ୟାପୀ ୩୦୦ କୋଟି ଟଙ୍କା ଅତିକ୍ରମ କରିଛି। ଏହି ସଫଳତା ସହିତ ତ୍ରିଶା ଏବଂ ସୂର୍ଯ୍ୟା ଅଭିନୀତ ଫିଲ୍ମଟି ବିଜୟ ଏବଂ ରଶ୍ମିକା ମନ୍ଦାନାଙ୍କ ୨୦୨୩ରେ ମୁକ୍ତିଲାଭ କରିଥିବା 'ଭାରିସୁ'ର ବିଶ୍ୱବ୍ୟାପୀ ଜୀବନକାଳ ସଂଗ୍ରହକୁ ପଛରେ ପକାଇ ଦେଇଛି। 'ଭାରିସୁ' ବିଶ୍ୱବ୍ୟାପୀ ୨୯୭.୫୫ କୋଟି ଟଙ୍କା ରୋଜଗାର କରିଥିଲା। ସମ୍ପ୍ରତି 'କରୁପ୍ପୁ' ନିର୍ଦ୍ଦେଶକ ବାଲାଜୀ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଫିଲ୍ମର ସଦ୍ୟତମ ବକ୍ସ ଅଫିସ ସଂଖ୍ୟା ଶେୟାର କରିଛନ୍ତି। ସେ ଲେଖିଛନ୍ତି, କରୁପ୍ପୁ ୩୦୦ନଟ ଆଉଟ। 'କରୁପ୍ପୁ' ହୁଏତ 'ଭାରିସୁ' ସଂଗ୍ରହକୁ ପଛରେ ପକାଇଦେଇପାରେ, କିନ୍ତୁ ଏହା ଏପର୍ଯ୍ୟନ୍ତ ଶିବକାର୍ତ୍ତିକେୟନ ଏବଂ ସାଇ ପଲ୍ଲବୀଙ୍କ ୨୦୨୪ରେ ରିଲିଜ ହୋଇଥିବା 'ଅମରନ'ର ରେକର୍ଡ ଭାଙ୍ଗିପାରିନାହିଁ, ଯାହା ଜୀବନବ୍ୟାପୀ ୩୩୩.୬୭ କୋଟି ରୋଜଗାର କରିଥିଲା। ଭାରତ ଭିତରେ 'କରୁପ୍ପୁ' ୧୯୪.୫୫ କୋଟି ଆୟ କରିଛି। 'କରୁପ୍ପୁ'ର ଚମତ୍କାର ବକ୍ସ ଅଫିସ ସଫଳତାକୁ ଦୃଷ୍ଟିରେ ରଖି ନିର୍ଦ୍ଦେଶକ ଆରଜେ ବାଲାଜୀ ଫିଲ୍ମର ଏକ ସମ୍ଭାବ୍ୟ ସିକ୍ୱେଲ ସମ୍ପର୍କରେ ଏକ ଇଙ୍ଗିତ ଦେଇଛନ୍ତି।



# ସଂଗୀତ ଦୁନିଆରେ ପାଦ ଥାପିବେ 'ଡ୍ରିମ ଗାର୍ଲ'

ଦୀର୍ଘ ୬ ଦଶନ୍ଧିର ସଫଳ ଆକ୍ଟିଂ କ୍ୟାରିୟର ପରେ ଏବେ କିଛି ଅଲଗା କରିବାକୁ ଯାଉଛନ୍ତି ବଲିଉଡର 'ଡ୍ରିମ ଗାର୍ଲ' ଭାବେ ପରିଚିତ ଅଭିନେତ୍ରୀ ହେମା ମାଳିନୀ। ଯାହା ହୁଏତ ତାଙ୍କ ଫ୍ୟାନମାନଙ୍କ ପାଇଁ ଏକ ସରପ୍ରାଇଜ ହୋଇପାରେ। କାରଣ ଅଭିନେତ୍ରୀ ଅଭିନୟ ପରେ ଏବେ ସଂଗୀତ ଦୁନିଆରେ ପାଦ ଥାପିବାକୁ ଯାଉଛନ୍ତି। ଆଉ ପ୍ରଥମ ଥର ଲାଇଭ ଫରଫରମାନ୍ସ ଦେବାକୁ ଯାଉଛନ୍ତି। ତାଙ୍କ କନସର୍ଟର ନାଁ ହେଉଛି 'ଦ ଡ୍ରିମ୍ ଗାର୍ଲ ଡାଏମଣ୍ଡ ଜୁବଲି କନ୍ସର୍ଟ'। ଖାସ୍ କଥା ହେଲା ଏହା ଏକ ସ୍ୱତନ୍ତ୍ର ଚାରିଟି ଇଭେଣ୍ଟ, ଯାହାକୁ ସିନେ ଆଣ୍ଡ୍ ଟିଭି ଆର୍ଟିଷ୍ଟ ଆସୋସିଏସନ ଆୟୋଜନ କରୁଛି। ଏହି କନସର୍ଟ ଜୁଲାଇ ୧୦ରେ ହେବ। ଏହାର କନସେପ୍ଟ ରହିଛି ''ଦ ଫର୍ମାଟ ଅଫ୍ ଲେଜିଣ୍ଡଙ୍କ କାହାଣୀ, ଲେଜିଣ୍ଡଙ୍କ ଜୁବାନୀ।'' ଏହା ଏକ ଭବ୍ୟ ସଂଗୀତ ସମାରୋହ ହେବ। ଏହି କନସର୍ଟରେ ହେମା ନିଜର ଚଳଚ୍ଚିତ୍ରର ଯାତ୍ରାକୁ ଗୀତ ମାଧ୍ୟମରେ ଶୁଣାଇବେ ଏବଂ ଗୀତ ସହ ତା' ସହ ଜଡ଼ିତ କାହାଣୀ ମଧ୍ୟ କହିବେ। ଏହି ଇଭେଣ୍ଟ କେବଳ ଏକ ମ୍ୟୁଜିକାଲ ଶୋ ନୁହେଁ। ବରଂ ତାଙ୍କ ପୂରା ଫିଲ୍ମ ଯାତ୍ରାର ସ୍ମୃତି ଉତ୍ସବ ମଧ୍ୟ ପାଳନ ହେବ। ତେବେ ଏହାକୁ ନେଇ ହେମାଙ୍କ ଫ୍ୟାନ୍ସଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ତେବେ ଏହି ଶୋ' ଚାରିଟି ପାଇଁ ହେବ। ଏହାକୁ ସିନେ ଏବଂ ଟିଭି କଳାକାର ସଂଘ (CINTAA)କୁ ସମର୍ଥନ ପାଇଁ କରାଯିବ। ୧୫ ଜଣ କଳାକାରଙ୍କ ଏକ ଲାଇଭ୍ ଅର୍କେଷ୍ଟ୍ରା ହେମା ମାଳିନୀଙ୍କ ଚଳଚ୍ଚିତ୍ରର ସ୍ମରଣୀୟ ଗୀତ ମଧ୍ୟ ପରିବେଷଣ କରିବେ। ଏହା ସହ ଏହି ସମାରୋହରେ କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ରଙ୍କୁ ମଧ୍ୟ ଏକ ବିଶେଷ ଶ୍ରଦ୍ଧାଞ୍ଜଳି ଦିଆଯିବ।

# ରାମ ଚରଣଙ୍କ ମହଙ୍ଗା ବଡିଗାର୍ଡ

ଅପକମିଙ୍ଗ ଫିଲ୍ମ 'ପେଦ୍ଦି'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି ସାଉଥ୍ ମେଗା ପାୱାର ଷ୍ଟାର୍ ରାମ ଚରଣ । ତାଙ୍କର ନୂଆ ଲୁକ୍ ଏବେ ଚର୍ଚ୍ଚାର କେନ୍ଦ୍ର ହୋଇଛି । ତେବେ ତାଙ୍କ ସହ ଥିବା ଆଉ ଜଣଙ୍କ ଉପରେ ଏବେ ଇଣ୍ଟରନେଟ୍ର ନଜର । ରାମ ଚରଣଙ୍କ ବଡିଗାର୍ଡ କେଭିନ କୁନ୍ତା । ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି ଆଫ୍ରିକୀୟ ଏମ୍‌ଏମ୍‌ଏ ଫାଇଟର କେଭିନଙ୍କୁ ରାମ ଚରଣ ନିଜର ବ୍ୟକ୍ତିଗତ ସିକ୍ୟୁରିଟି ଭାବେ ନିଯୁକ୍ତ କରିଛନ୍ତି । ଖାସ୍ 'ପେଦ୍ଦି'ର ପ୍ରମୋସନ୍ କାର୍ଯ୍ୟକ୍ରମ ପାଇଁ ସେ ଏପରି କରିଛନ୍ତି । କେଭିନ ଏବେ ସବୁରି ଧ୍ୟାନ ଆକର୍ଷଣ କରୁଛନ୍ତି ।

ରିପୋର୍ଟ ଅନୁସାରେ, ସାର୍ବଜନୀନ କାର୍ଯ୍ୟକ୍ରମ ଓ ଆୟୋଜନରେ ରାମ ଚରଣଙ୍କୁ ଭିଡ଼ରୁ କଡ଼ା ସୁରକ୍ଷା ଯୋଗାଇ ଦେବାକୁ କେଭିନ ଦିନକୁ ୨-୪ ଲକ୍ଷ ଟଙ୍କା ପାରିଶ୍ରମିକ ନେଉଛନ୍ତି । ରିପୋର୍ଟ ଯଦି ସତ ହୁଏ, ତେବେ ଭାରତୀୟ ସିନେମାର ସେଲିବ୍ରିଟିଙ୍କୁ ସୁରକ୍ଷା ପ୍ରଦାନ ମାମଲାରେ କେଭିନ ସବୁଠୁ ମହଙ୍ଗା ବଡିଗାର୍ଡ ହେବେ । ନିକଟରେ ଆୟୋଜିତ ପ୍ରମୋସନ୍ କାର୍ଯ୍ୟକ୍ରମରେ କେଭିନ ରାମ ଚରଣଙ୍କୁ ଭିଡ଼ ମଧ୍ୟରେ କଡ଼ା ସୁରକ୍ଷା ଦେଉଥିବା ନଜର ଆସିଥିଲେ । ତାଙ୍କ ଉଚ୍ଚତା, ତୀକ୍ଷ୍ଣ ନଜର ଓ ସଂଯୋଜିତ ଉପସ୍ଥିତି ଚାହିଁ ଚାହିଁ ତାଙ୍କୁ ସୋସିଆଲ ମିଡିଆରେ ଭାଇରାଲ ସେନ୍ସେସନ୍ କରିଛି । ଅନେକ ଫ୍ୟାନ୍ ତାଙ୍କ ଫ୍ୟାଶନ୍ ଧାରଣାକୁ ପ୍ରଶଂସା କରିଛନ୍ତି ।

ରାମ ଚରଣ ସାଧାରଣ ପୋଷାକରେ ଭ୍ରମଣ କରୁଥିବା ବେଳେ କେଭିନଙ୍କ ଔପଚାରିକ ପୋଷାକ ସବୁରି ଧ୍ୟାନ ଆକର୍ଷଣ କରିଛି । କିଛି ୟୁଜର୍ ତାଙ୍କୁ ସବୁଠୁ ଷ୍ଟାଇଲିଶ ସେଲିବ୍ରିଟି ବଡିଗାର୍ଡ ଭାବେ ମଧ୍ୟ ସମ୍ବୋଧନ କରିଛନ୍ତି । ଗାମ୍ବିୟାର ମୂଳ ବାସିନ୍ଦା କେଭିନ ଏବେ ଫ୍ଲୋରେନ୍ସରେ ରହୁଛନ୍ତି । ଏମ୍‌ଏମ୍‌ଏ ଫାଇଟର୍ଙ୍କ ମଧ୍ୟରେ ସେ ଜଣେ ପରିଚିତ ଚେହେରା । ୨୦୨୧ରେ ଇଟାଲିର ଜାତୀୟ ଏମ୍‌ଏମ୍‌ଏ ଟିମ୍କୁ ସେ ପ୍ରତିନିଧିତ୍ୱ କରିଥିଲେ । ଲଢ଼େଇ କ୍ରୀଡ଼ା ସମେତ ଅନ୍ତର୍ଜାତୀୟ ଭିଆଇପି ଓ ସେଲିବ୍ରିଟି ସୁରକ୍ଷା କାର୍ଯ୍ୟରେ ମଧ୍ୟ ସେ ଜଡ଼ିତ । ତାଙ୍କ ସୋସିଆଲ ମିଡିଆ ପ୍ରୋଫାଇଲରେ ତାଙ୍କର ଅନେକ ମାର୍ଶଲ ଆର୍ଟ ତାଲିମ, ଫିଟ୍ନେସ ଓ ଜିମ୍ ଅଧିବେଶନର ଭିଡିଓ ରହିଛି, ଯାହା ତାଙ୍କୁ ଇଣ୍ଟରନେଟ୍ରେ ଲୋକପ୍ରିୟ କରିଛି । ଇତିମଧ୍ୟରେ ଚର୍ଚ୍ଚାରେ ଥିବା 'ପେଦ୍ଦି' ଆସନ୍ତା ଜୁନ୍ ୪ରେ ମୁକ୍ତିଲାଭ କରିବ ।



# 'କିଙ୍ଗ୍'ପ୍ରମୋସନରେ କୋଟି କୋଟି ରୋଜଗାର



ବଲିଉଡ ବାଦଶାହ ଭାବେ ଜଣାଶୁଣା ଶାହରୁଖଙ୍କ ଅପକମିଙ୍ଗ ଫିଲ୍ମ 'କିଙ୍ଗ୍'କୁ ନେଇ ସବୁଠି ଚର୍ଚ୍ଚ । ଚଳିତବର୍ଷ ଡିସେମ୍ବର ୨୪ ତାରିଖରେ ରିଲିଜ୍ ହେବାକୁ ଯାଉଛି ଏହି ବହୁପ୍ରତିକ୍ଷିତ ସିନେମା ।

ଏହି ଫିଲ୍ମରେ ଶାହରୁଖଙ୍କ ଝିଅ ଶୁହାନା ବଲିଉଡରେ ଡେବ୍ୟୁ କରିବା ପାଇଁ ଯାଉଛନ୍ତି । ଏହାସହ ଫିଲ୍ମରେ ବହୁ ନାମୀଦାମୀ କଳାକାର ମଧ୍ୟ ନଜର ଆସିବେ । ତେବେ ଫିଲ୍ମର ପ୍ରମୋସନ ଆରମ୍ଭ ହେବା ପୂର୍ବରୁ କୋଟି କୋଟି ଟଙ୍କା ରୋଜଗାର କରିଛି । ଫିଲ୍ମର ମ୍ୟୁଜିକ୍ ରାଇଟ୍ସରୁ ବଡ଼ ରୋଜଗାର ହୋଇଛି । ସିଦ୍ଧାର୍ଥ ଆନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ 'କିଙ୍ଗ'ର ମ୍ୟୁଜିକ୍ ରାଇଟ୍ସ ୪୫ କୋଟି ଟଙ୍କାରେ ବିକ୍ରି ହୋଇଛି । ଜି' ମ୍ୟୁଜିକ୍ ପକ୍ଷରୁ ଏହାକୁ କିଣା ଯାଇଛି । ତେବେ ଏଯାବତ ଶାହରୁଖଙ୍କ କୌଣସି ଫିଲ୍ମର ମ୍ୟୁଜିକ୍ ରାଇଟ୍ସ ଏତେ ଟଙ୍କାରେ ବିକ୍ରି ହୋଇନାହିଁ । ଏହା ସର୍ବାଧିକ ମୂଲ୍ୟରେ ବିକ୍ରି ହୋଇଛି । ଏଣୁ ଫିଲ୍ମଟି ବକ୍ସ ଅଫିସରେ ଧମାଲ କରିବା ସହ ଭଲ ରୋଜଗାର କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା ରଖାଯାଇଛି । ସେପଟେ ଏହି ଫିଲ୍ମରେ , ଶାହରୁଖ ଖାନ ଏବଂ ସୁହାନା ଖାନଙ୍କ ବ୍ୟତୀତ, ଫିଲ୍ମରେ ଦୀପିକା ପାଦୁକୋନ, ଅଭିଷେକ ବଚ୍ଚନ, ଜ୍ୟାକି ଶ୍ରଫ, ଅନିଲ କପୁର, ଅରଶଦ ୱାର୍ସି, ଜୟଦୀପ ଆହଲାୱତ, ଅଭୟ ବର୍ମା ଏବଂ ରାଣୀ ମୁଖାର୍ଜୀଙ୍କ ଭଳି କଳାକାର ମଧ୍ୟ ଅଛନ୍ତି। ମଜାଦାର କଥା ହେଉଛି, ଅଭିଷେକ ବଚ୍ଚନ ଫିଲ୍ମରେ ଖଳନାୟକ ଭୂମିକାରେ ଅଭିନୟ କରିବେ, ଯାହା ଶୁଣିବାକୁ ବହୁତ ପ୍ରଭାବଶାଳୀ ଲାଗୁଛି। ଦର୍ଶକମାନେ ଫିଲ୍ମଟିକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।

# ୪ ହଜାର କୋଟି 'ରାମାୟଣ' ଓ ରଣବୀରଙ୍କ ଉପରେ ଅରୁଣ ଗୋଭିଲଙ୍କ ବଡ଼ ବୟାନ



କଥା ଯେତେବେଳେ ବି 'ରାମାୟଣ' ଧାରାବାହିକର ହୋଇଥାଏ ସେତେବେଳେ ମନରେ ପ୍ରଥମେ ଅଭିନେତା ଅରୁଣ ଗୋଭିଲଙ୍କ ଚେହେରା ସାମ୍ନାକୁ ଆସିଥାଏ । ସେ ରାମାୟଣରେ ଭଗବାନ ଶ୍ରୀ ରାମଙ୍କ ଭୂମିକା ନିଭାଇ ଘରେ ଘରେ ଲୋକପ୍ରିୟ ହୋଇଥିଲେ । ଏବେ ପ୍ରାୟ ୪ଦଶକ ପରେ ସେ ବଡ଼ ପରଦାରେ ଭଗବାନ ରାମଙ୍କ ବାପା ରାଜା ଦଶରଥଙ୍କ ଚରିତ୍ରରେ ନଜର ଆସିବେ । ଯାହାକି ରଣବୀର କପୁର ଏଥିରେ ଭଗବାନ ଶ୍ରୀ ରାମଙ୍କ ଚରିତ୍ର ନିଭାଇବା ଦେଖାଯିବେ । ଅରୁଣ ଗୋଭିଲ ଏବେ ପର୍ଯ୍ୟନ୍ତ କଥାବାର୍ତ୍ତାରେ ରାମାୟଣ ଏବଂ ରଣବୀର କପୁରଙ୍କୁ ନେଇ କଥା ହେବାକୁ ଯାଇ ରଣବୀରଙ୍କ ତାରିଫ୍ କରିଛନ୍ତି ।

ଅଭିନେତା ଏବଂ ବିଜେପି ସାଂସଦ ଅରୁଣ ଗୋଭିଲ ନିକଟରେ ଏକ କଥାବାର୍ତ୍ତାରେ ରଣବୀରଙ୍କ ତାରିଫ କରି କହିଛନ୍ତି କି,ରାମଙ୍କ ରୂପରେ ମୁଁ ତାଙ୍କ ବିଷୟରେ କିଛି କହିପାରିବି ନାହିଁ । କିନ୍ତୁ ସେ ଏକ ଭଲ ଅଭିନେତା ଅଟନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ । ସେ ଜଣେ ଭଲ ମଣିଷ ବି ଅଟନ୍ତି । ଯେଭଳି ମୁଁ ପ୍ରଥମେ କହିଥିଲି କି ପ୍ରତ୍ୟେକ ଅଭିନେତା ପ୍ରତ୍ୟେକ ଚରିତ୍ରକୁ ନିଜ ଭାବରେ ନିଭାଇଥାନ୍ତି ଏବଂ ସେ ଭଗବାନ ରାମଙ୍କ ଭୂମିକା ବି ନିଜ ଅନ୍ଦାଜରେ ନିଭାଇବେ ।

ଅରୁଣ ରଣବୀରଙ୍କ ରାମାୟଣର ଫାଷ୍ଟ ଲୁକ୍ ସାମ୍ନାକୁ ଆସିବା ପରେ ହୋଇଥିବା ଆଲୋଚନା ଉପରେ ବି ରିଆକ୍ଟ କରିଛନ୍ତି । ସେ କହିଛନ୍ତି, ଏହାର ଏକ କାରଣ ଏହା ବି ହୋଇପାରେ ଭଗବାନ ରାମଙ୍କ ରୂପରେ ମୋ ଅଭିନୟ ଏକ ମାଇଲଖୁଣ୍ଟ ହୋଇଯାଇଥିଲା । ଏହା ଆଜି ବି ଲୋକଙ୍କ ହୃଦୟରେ ରହିଛି । ଅନ୍ୟ କାହାକୁ ଦେଖିବାକୁ ଚାହୁଁ ନାହାନ୍ତି । ଆପଣ ଜାଣନ୍ତି ମୋ ରାମାୟଣ ପ୍ରତ୍ୟେକ ସମୟରେ ଚାଲୁ ରହିଛି । ଆଜି ବି ଉତ୍ତର ଏବଂ ମଧ୍ୟ ଭାରତରେ ଯେତେବେଳେ ବି ମେଳା ବସିଥାଏ ରାମଙ୍କ ଫଟୋ ବିକ୍ରି ହେଉଛି ଏବଂ ଏହା ଉପରେ ମୋର ଫଟୋ ରହିଥାଏ । ଏଥିଲାଗି ମୋ ପାଇଁ କୌଣସି ଅଭିନେତା ଭଗବାନ ରାମଙ୍କ ରୂପରେ ଅଭିନୟର କଥା କହିବା ଉଚିତ ଲାଗୁ ନାହିଁ ।

